


নিরপেক্ষ দৈনিক সম্বাদপত্র


# ଧ୍ୱନି ପ୍ରତିଧ୍ୱନି


The Dhwani Pratidhwani
website : www.dhwanipratidhwani.net
email: pratidhwani.dhwani@gmail.com



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


ଯା ଦେବୀ ସର୍ବଭୂତେଷୁ...


ବାଲେଶ୍ୱର ❑ ଗୁରୁବାର ୦୮ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 08 October 2026
Vol.No. 36 ■ No.264 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


## ମୁଦ୍ରାସ୍ଫୀତି ବୃଦ୍ଧି ମଧ୍ୟରେ ରେପୋ ହାର ୨୫ ବେସିସ୍ ପଏଣ୍ଟ ବୃଦ୍ଧି କରି ୫.୫% କଲା ଆରବିଆଇ

ନୂଆଦିଲ୍ଲୀ,୦୭/୧୦ : ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ଅକ୍ଟୋବର ୨୦୨୬ରେ ଏହାର ମୁଦ୍ରା ନୀତି କମିଟି (ଏମପିସି) ବୈଠକରେ ରେପୋ ହାର ୨୫ ବେସିସ୍ ପଏଣ୍ଟ (୦.୨୫%) ବୃଦ୍ଧି କରିଛି । ଅକ୍ଟୋବର ୫ରୁ ଆରମ୍ଭ ହୋଇ ୭ ଅକ୍ଟୋବର ପର୍ଯ୍ୟନ୍ତ ଚାଲିଥିବା ଏହି ବୈଠକରେ ପଶ୍ଚିମ ଏସିଆରେ ଉତ୍ତେଜନାରୁ ମୁଦ୍ରାସ୍ଫୀତି ଆଶଙ୍କା,ଅଶୋଧିତ ତୈଳ ଏବଂ ଖାଦ୍ୟ ମୂଲ୍ୟ ବୃଦ୍ଧି ତଥା ବିଶ୍ୱ ଆର୍ଥିକ ଚାପ ଭଳି କାରଣଗୁଡ଼ିକ ଉପରେ ଧ୍ୟାନ ଦିଆଯାଇଥିଲା । ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଗଠିତ ମୁଦ୍ରା ନୀତି କମିଟିରେ ସର୍ବସମ୍ମତିକ୍ରମେ ଏହାକୁ ଗ୍ରହଣ କରାଯାଇଛି । ପୂର୍ବରୁ ଆରବିଆଇ ଫେବ୍ରୁଆରି ୨୦୨୩ରେ ରେପୋ ହାର ବୃଦ୍ଧି




କରିଥିଲା । ଏହି ସମୟ ମଧ୍ୟରେ, ରିଜର୍ଭ ବ୍ୟାଙ୍କ ରେପୋ ହାରକୁ ୨୫ ବେସିସ୍ ପଏଣ୍ଟ ବୃଦ୍ଧି କରି ୬.୫୦% କରିଥିଲା । ଏହାପରେ ରେପୋ ହାର ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଏହି ଉଚ୍ଚ ସ୍ତରରେ ରଖାଯାଇଥିଲା । ତା'ପରେ, ୨୦୨୫ରେ ପରିସ୍ଥିତିରେ ସାମାନ୍ୟ ଉନ୍ନତି ହେବା ପରେ, କେନ୍ଦ୍ରୀୟ ବ୍ୟାଙ୍କ ରେପୋ ହାରକୁ ଚାରି ଥରରେ ମୋଟ ୧୨୫ ବେସିସ୍ ପଏଣ୍ଟ କମାଇ ୫.୨୫%କୁ ହ୍ରାସ କରିଥିଲା । ଡିସେମ୍ବର ୨୦୨୫ ଠାରୁ ପ୍ରାୟ ୧୦ ମାସ ପାଇଁ ଏହି ସ୍ତରରେ ରେପୋ ହାର ରଖିବା ପରେ, ରିଜର୍ଭ ବ୍ୟାଙ୍କ ଏବେ ଏହାକୁ ପୁଣି ଥରେ ବୃଦ୍ଧି କରିଛି । ୨୦୨୫ ଫେବ୍ରୁଆରିରେ ପ୍ରଥମ ଥର ପାଇଁ ୨୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇଥିଲା, ଯାହା ଦ୍ୱାରା ରେପୋ ହାର ହ୍ରାସ ପାଇଥିଲା । ୫ ବର୍ଷର ବ୍ୟବଧାନ ପରେ, ଆରବିଆଇ ପ୍ରଥମ ଥର ପାଇଁ ରେପୋ ହାରକୁ ୨୫ ବେସିସ୍ ପଏଣ୍ଟ ହ୍ରାସ କରିଥିଲା, ଯାହା ଦ୍ୱାରା ଏହାକୁ ୬.୫୦% ରୁ ୬.୨୫% କୁ ହ୍ରାସ କରାଯାଇଥିଲା । ଏପ୍ରିଲ ୨୦୨୫ରେ ୨୫ ବେସିସ୍ ପଏଣ୍ଟର ଦ୍ୱିତୀୟ ହ୍ରାସ କରାଯାଇ ଏହାକୁ ୬.୦୦% କରିଥିଲା । ଜୁନ୍ ୨୦୨୫ରେ ୫୦ ବେସିସ୍ ପଏଣ୍ଟର ତୃତୀୟ ଏବଂ ବଡ଼ ହ୍ରାସ କରାଯାଇଥିଲା, ଯାହା ହାରକୁ ୫.୫୦%କୁ ଆଣିଥିଲା । ଚତୁର୍ଥ ହାର ହ୍ରାସ ଡିସେମ୍ବର ୨୦୨୫ ରେ କରାଯାଇଥିଲା । ଏହି ସମୟ ମଧ୍ୟରେ, ହାର ୨୫ ବେସିସ୍ ପଏଣ୍ଟ ହ୍ରାସ ପାଇ ଏହାର ବର୍ତ୍ତମାନର ସ୍ତର ୫.୨୫% ହୋଇଥିଲା । ରେପୋ ହାର ବୃଦ୍ଧି ବ୍ୟାଙ୍କ ଋଣକୁ ଅଧିକ ମହଙ୍ଗା କରିଥାଏ କାରଣ ରେପୋ ହାର ହେଉଛି ସେହି ହାର ଯେଉଁଥିରେ ଆରବିଆଇ ଅନ୍ୟ ବ୍ୟାଙ୍କଗୁଡ଼ିକୁ ଋଣ ଦେଇଥାଏ । ◆◆ପୃଷ୍ଠା ୭

## କନ୍ଧମାଳକୁ ଛୁଇଁଲା ପହିଲି ଶୀତ: କୁହୁଡ଼ିର ଚାଦରରେ ଢାଙ୍କି ହେଲା ଫୁଲବାଣୀ

ଭୁବନେଶ୍ୱର, ୦୭/୧୦ (ନି.ପ୍ର): କିଛି ଦିନ ହେଲା କନ୍ଧମାଳକୁ ଛୁଇଁଛି ପହିଲି ଶୀତ । ଶୀତ ଆଗମନ ସାଙ୍ଗକୁ କୁହୁଡି ଆସ୍ତରଣରେ ସଜେଇ ହେଇଛି ଫୁଲବାଣୀ ସହର । ସକାଳୁ ସକାଳୁ ଶୀତର ମଜା ନେବା ସହ ପ୍ରାତଃଭ୍ରମଣ ଓ ବ୍ୟାୟାମ କରୁଛନ୍ତି ଲୋକେ । କନ୍ଧମାଳରେ ଧୀରେ ଧୀରେ ଅନୁଭୂତ ହେଉଛି ଶୀତର ଆଗମନ । ସକାଳୁ ସକାଳୁ ଚାରିଆଡେ ଦେଖିବାକୁ ମିଳୁଛି କୁହୁଡିର ଚାଦର । ପାହାଡ଼ ଠାରୁ ସହରର ଗଳି କନ୍ଦି, ସବୁଠି ଶୀତର ହାଲୁକା ଛୁଆଁ । ବିଶେଷ କରି ଫୁଲବାଣୀ ସହରର ସକାଳର ଦୃଶ୍ୟ ବେଶ ମନୋରମ ହୋଇଛି । କୁହୁଡ଼ିର ଚାଦର, ଶୀତୁଆ ପବନ ଓ କାକର ବିନ୍ଦୁରେ ସଜେଇ ହେଉଛି ପ୍ରକୃତି । ସକାଳୁ ସକାଳୁ କୁହୁଡ଼ିର ଚାଦରରେ ଢାଙ୍କି ହୋଇଯାଇଛି ଫୁଲବାଣୀ ସହର ।

## ବନ୍ଦୀ ସ୍ଥାନାନ୍ତରଣ ମାମଲାରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ



କଟକ, ୦୭/୧୦ (ନି.ପ୍ର): ବନ୍ଦୀଙ୍କୁ ଗୋଟିଏ ଜେଲରୁ ଅନ୍ୟ ଏକ ଜେଲକୁ ସ୍ଥାନାନ୍ତର କରାଯିବା ବେଳେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ଆଇନରେ ଥିବା ବ୍ୟବସ୍ଥା ପାଳନ କରାଯାଉ ନଥିବା ଅଭିଯୋଗ ନେଇ ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି । ମାମଲାରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ପକ୍ଷ ରଖିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଡି.ବରାଳଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଚାରି ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ଜେଲ୍ କର୍ତ୍ତୃପକ୍ଷ ଆଇନଗତ ପ୍ରକ୍ରିୟା ଅନୁସରଣ ନକରି ମନମୁଖୀ ଭାବରେ ବନ୍ଦୀଙ୍କୁ ଗୋଟିଏ ଜେଲରୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରୁଛନ୍ତି । ସୁପ୍ରିମକୋର୍ଟ 'ମହାରାଷ୍ଟ୍ର ସରକାର ବନାମ ସହୀଦ ସୋହେଲ ସେଖ' ମାମଲାରେ ଜେଲ୍ ସ୍ଥାନାନ୍ତରଣ ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଥିଲେ । ବନ୍ଦୀଙ୍କୁ ଗୋଟିଏ ଜେଲରୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରାଯିବା ବେଳେ ଏହି ରାୟରେ ରହିଥିବା ନିର୍ଦ୍ଦେଶ ପାଳନ କରାଯିବା କଥା । କିନ୍ତୁ ଏପରି କରାଯାଉ ନାହିଁ । ଜଣେ ବନ୍ଦୀଙ୍କୁ ଗୋଟିଏ ଜେଲରୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରିବା ସମ୍ପର୍କିତ ବିବାଦର ସମାଧାନ ହାଇକୋର୍ଟଙ୍କ ଦ୍ୱାରା ଏକ ନ୍ୟାୟିକ ନିଷ୍ପତ୍ତି ମାଧ୍ୟମରେ ◆◆ପୃଷ୍ଠା ୭

## ପୁଣି ବଢ଼ିବ କ୍ଷୀର ଦର: ୧୦ ରୁ ୧୨ ଟଙ୍କା ହେବ ମହଙ୍ଗା

ନୂଆଦିଲ୍ଲୀ,୦୭/୧୦ : ବଢ଼ିଯିବ କ୍ଷୀର ରେଟ୍ । ପୁଣି ହନ୍ତସନ୍ତ ହେବେ ଖାଉଟି । ୧୦ ରୁ ୧୨ ଟଙ୍କା ମହଙ୍ଗା ହେବା ନେଇ ଚର୍ଚ୍ଚା । କେଉଁଠି ଜାରି ହେବାକୁ ଯାଉଛି ଏହି ନୂଆ ଦର? ଆସନ୍ତୁ ଦେଖିବା । ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ବୃଦ୍ଧି ମଧ୍ୟରେ ଏବେ ଆଉ ଏକ ବଡ଼ ସୂଚନା ସାମ୍ନାକୁ ଆସିଛି । ସାଧାରଣ ନାଗରିକଙ୍କ ପକେଟ୍ ଉପରେ କ୍ଷୀର ଦର ବୃଦ୍ଧିର ବୋଝ ପଡ଼ିବାକୁ ଯାଉଛି । କଗର ଏବଂ ଦୁଗ୍ଧ ସଂଘଗୁଡ଼ିକ ପକ୍ଷରୁ କ୍ଷୀର ଦର ବଢ଼ାଇବା ପାଇଁ ଦିଆଯାଇଥିବା ପ୍ରସ୍ତାବ ଉପରେ ରାଜ୍ୟ କ୍ୟାବିନେଟ୍ ବୈଠକରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଚାଲିଛି । ଏହି ନିଷ୍ପତ୍ତି ପରେ 'ନନ୍ଦିନୀ' କ୍ଷୀରର ମୂଲ୍ୟରେ ବୃଦ୍ଧି ଘଟିବା ନେଇ ବଡ଼ ସମ୍ଭାବନା ଦେଖାଦେଇଛି । ତେବେ କେଉଁ ରାଜ୍ୟରେ କ୍ଷୀର ଦର ବଢ଼ିବାକୁ ଯାଉଛି ଆସନ୍ତୁ ଜାଣିବା । କର୍ଣ୍ଣାଟକ ମିଲ୍କ ଫେଡେରେସନ୍ ସହ ଜଡ଼ିତ ୧୬ଟି ସମବାୟ ଦୁଗ୍ଧ ସଂଘ କ୍ଷୀର ଲିଟର ପିଛା ୫ ଟଙ୍କାରୁ ୧୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଛନ୍ତି । ଦୁଗ୍ଧ ଚାଷୀମାନଙ୍କ ଦାବି ଅନୁଯାୟୀ ଗୋଖାଦ୍ୟ, ଶୁଖିଲା ଘାସ, ପଶୁ ଚିକିତ୍ସା ଏବଂ ପରିବହନ ଖର୍ଚ୍ଚରେ ବ୍ୟାପକ ବୃଦ୍ଧି ଘଟିଛି । ଗାଇପାଳନ ପାଇଁ ଆବଶ୍ୟକ ଖର୍ଚ୍ଚ ବଢ଼ିଥିବାରୁ ପୁରୁଣା ଦରରେ କ୍ଷୀର ବିକ୍ରି କରି ଚାଷୀମାନେ କ୍ଷତିର ସମ୍ମୁଖୀନ ହେଉଛନ୍ତି ।

## ଡରାଇଲାଣି ଡାଲି, ଚାଉଳ ଦର: ମହଙ୍ଗା ମାଡ଼ରେ କଲବଲ ଖାଉଟି

ଭୁବନେଶ୍ୱର, ୦୭/୧୦ (ନି.ପ୍ର): ଡରାଇଲାଣି ଡାଲି, ଚାଉଳ ଦର । ମହଙ୍ଗା ମାଡ଼ରେ କଲବଲ ଖାଉଟି । ଅତ୍ୟାବଶ୍ୟକ ସାମଗ୍ରୀର ବଜାର ଦର ଏବେ ସାଧାରଣ ଖାଉଟିଙ୍କୁ କଲବଲ କଲାଣି । ବଜାରରେ ଆକାଶଛୁଆଁ ଚାଉଳ ଓ ଡାଲି ଦର । ସରୁ ବା ଫାଇନ୍ ଚାଉଳ କ୍ୱିଣ୍ଟାଲ୍ ପିଛା ୮୦୦ରୁ ୧ହଜାର ଟଙ୍କା ବଢ଼ିଥିବାବେଳେ, ସୁପର ଫାଇନ୍ ଚାଉଳ ଦର ବଢ଼ି ୧ ହଜାରରୁ ୧୫ଶହ ଟଙ୍କା । ସେହିପରି ଡାଲି ଦର ମଧ୍ୟ କ୍ୱିଣ୍ଟାଲ୍ ପିଛା ୧ ହଜାରରୁ ୧୫ ଶହ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଜିରା ରାଇସ୍ ୬୦ରୁ ୬୫, ଲକ୍ଷ୍ମର ଓ ଜୋକର ବ୍ରାଣ୍ଡ ୮୦ରୁ ୮୫, ଡେରାଡୁନ୍ ଚାଉଳ ୧୦୫ରୁ ୧୧୦ ଏବଂ ବାସୁମତୀ ଚାଉଳ କିଲୋପିଛା ୧୭୦ ଟଙ୍କାରେ ବିକ୍ରି ହେଉଛି । ସେହିପରି ହରଡ଼ ଡାଲି ଏବେ ୧୪୦ରୁ ୧୫୦, ବୁଟ ଡାଲି ୯୦ ଏବଂ ଚଣା ଡାଲି ୮୦ ଟଙ୍କାରେ ପହଞ୍ଚିଛି । ପ୍ରତିକୂଳ ପାଣିପାଗ ଯୋଗୁଁ ଫସଲ ଉତ୍ପାଦନ ପ୍ରଭାବିତ



ହେବା ଆଶଙ୍କା ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି । ଲଗାତର ଦର ବଢୁଥିବାରୁ ନା କେବଳ ଗ୍ରାହକ ଚିନ୍ତାରେ ପଡ଼ିଛନ୍ତି ବରଂ ବ୍ୟବସାୟୀ ମଧ୍ୟ ପ୍ରଭାବିତ ହେଉଛନ୍ତି । ଖର୍ଚ୍ଚ ବଢୁଛି, ଦର ବି ବଢୁଛି । ହେଲେ ରୋଜଗାର ବଢୁନି । ଗୋଟିଏ ପଟେ ଦରଦାମ ଯେଉଁଭଳି ଭାବେ ବଢୁଛି, ସେହି ଅନୁସାରେ ରୋଜଗାର ବଢୁନାହିଁ । ଫଳରେ ମଧ୍ୟବର୍ଗଙ୍କ ପକ୍ଷେ ଏବେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଲାଣି । ଓଡ଼ିଶା ପ୍ରାୟ ୯୦ ପ୍ରତିଶତ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରିଥାଏ । ଏହାଛଡ଼ା ଖୁଚୁରା କ୍ଷେତ୍ରରେ ଏଫ୍‌ଡିଆଇ ଅନୁମତି ଏବଂ ଅନଲାଇନ୍ ବଜାରର ଅଧିକ ଏମ୍‌ଆରପି ଯୋଗୁଁ ପୁଞ୍ଜିପତି ଓ କର୍ପୋରେଟ୍ ସଂସ୍ଥାଗୁଡ଼ିକ ବଜାରକୁ ନିୟନ୍ତ୍ରଣ କରୁଛନ୍ତି । ଏଭଳି ସ୍ଥିତିରେ ଦରଦାମ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବିଶେଷଜ୍ଞ କମିଟି ଗଠନ କରିବାକୁ ବ୍ୟବସାୟୀ ମହାସଂଘ ଦାବି କରିଛି । ରୋଜଗାର ସେମିତି ରହିଛି, ହେଲେ ଖର୍ଚ୍ଚ ଦିନକୁ ଦିନ ବଢ଼ିବାରେ ଲାଗିଛି । ସରକାର ମାଗଣା ଚାଉଳ ଦେଉଥିଲେ ମଧ୍ୟ ବଜାରରେ ଏଭଳି ଦରବୃଦ୍ଧି ସାଧାରଣ ଖାଉଟିର ମେରୁଦଣ୍ଡ ଭାଙ୍ଗିଦେଇଛି । ଏହାର ସ୍ଥାୟୀ ପ୍ରତିକାର ପାଇଁ ଏବେ ସମସ୍ତଙ୍କ ନଜର ସରକାରଙ୍କ ପଦକ୍ଷେପ ଉପରେ ।

## ଆଜି ଓଡ଼ିଶା ବନ୍ଦ: କଡ଼ା ସୁରକ୍ଷା, ରାଜପଥ-ରେଳ ଷ୍ଟେସନରେ ନଜର, ଆଇନ ହାତକୁ ନେଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୦୭/୧୦ (ନି.ପ୍ର): ଆସନ୍ତାକାଲି ଅର୍ଥାତ୍ ଅକ୍ଟୋବର ୮ରେ ଇଣ୍ଡିଆ ବ୍ଲକ୍ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି । ବନ୍ଦକୁ ଦୃଷ୍ଟିରେ ରଖି ସାରା ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଉଛି । ସମ୍ଭାବ୍ୟ ଆଇନଶୃଙ୍ଖଳା ସମସ୍ୟା ଓ ଅପ୍ରୀତିକର ପରିସ୍ଥିତି ଏଡ଼ାଇବାକୁ ସମସ୍ତ ଜିଲ୍ଲାପାଳ ଓ ପୁଲିସ ଅଧିକାରୀଙ୍କୁ ଆଗୁଆ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗୃହ ବିଭାଗ ପକ୍ଷରୁ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍‌ମାନଙ୍କୁ ଆଇନଶୃଙ୍ଖଳା ପରିସ୍ଥିତି ଉପରେ କଡ଼ା ନଜର ରଖିବା ସହ



ପ୍ରତିଷେଧମୂଳକ ପଦକ୍ଷେପ ନେବାକୁ କୁହାଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାରୀ କାର୍ଯ୍ୟାଳୟ ସ୍ୱାଭାବିକ ଭାବେ ଚାଲିବା ଏବଂ ହସ୍ପିଟାଲ, ଆମ୍ବୁଲାନ୍ସ, ଫାୟାର ସର୍ଭିସ୍ ଓ ଔଷଧ ଦୋକାନ ଭଳି ଅତ୍ୟାବଶ୍ୟକ ସେବାରେ ଯେପରି ବାଧା ନପହଞ୍ଚେ, ସେଥିପ୍ରତି ସ୍ୱତନ୍ତ୍ର ନଜର ରଖିବାକୁ ମଧ୍ୟ କୁହାଯାଇଛି । ବନ୍ଦକୁ ନେଇ ରାଜ୍ୟ ପୁଲିସ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଜୋରଦାର କରାଯାଇଛି । ରାଜପଥ, ଜାତୀୟ ରାଜପଥ, ରେଳ ଷ୍ଟେସନ ଓ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ପର୍ଯ୍ୟାପ୍ତ ପୁଲିସ ମୁତୟନ ସହ କଡ଼ା ପାଟ୍ରୋଲିଂ ଓ ନାକା ଚେକିଂ କରାଯିବ । ସମ୍ବେଦନଶୀଳ ସ୍ଥାନଗୁଡ଼ିକୁ ଚିହ୍ନଟ କରି ଆଗୁଆ ପ୍ରତିଷେଧମୂଳକ ବ୍ୟବସ୍ଥା ନେବାକୁ ପୁଲିସ ଅଧିକାରୀମାନଙ୍କୁ କୁହାଯାଇଛି । ଗୁଇନ୍ଦା ସୂଚନାକୁ ଗୁରୁତ୍ୱ ଦେଇ ସମ୍ଭାବ୍ୟ ଉତ୍ତେଜନାପ୍ରବଣ ସ୍ଥାନ ଉପରେ ନଜର ରଖାଯିବ । ବିକ୍ଷୋଭ ସମୟରେ ହିଂସା, ଭଙ୍ଗାରୁଜା, ବଳପୂର୍ବକ ଦୋକାନ ବଜାର ବନ୍ଦ କରାଇବା କିମ୍ବା ସାଧାରଣ ଯାତାୟାତରେ ◆◆ପୃଷ୍ଠା ୭

## କାଠଯୋଡ଼ି ନଦୀ କୂଳରୁ ଯୁବତୀଙ୍କ କ୍ଷତାକ୍ତ ମୃତଦେହ: ହତ୍ୟା ସନ୍ଦେହ

କଟକ, ୦୭/୧୦ (ନି.ପ୍ର): କଟକ କାଠଯୋଡ଼ି ନଦୀ କୂଳରୁ ଯୁବତୀଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାରକୁ ନେଇ ଚାଞ୍ଚଲ୍ୟ । ରାଜାବଗିଚା ନିକଟ ପଠାରୁ ସନ୍ଧ୍ୟା ସମୟରେ ଯୁବତୀଙ୍କ ମୃତଦେହ ମିଳିଛି । ମୃତ ଯୁବତୀଙ୍କ ବେକରେ କ୍ଷତଚିହ୍ନ ଥିବାରୁ ଏହା ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି । ସ୍ଥାନୀୟ କିଛି ଲୋକ ନଦୀ କୂଳରେ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ । ଖବର ପାଇ ପୁରୀଘାଟ ଓ ବାଦାମବାଡ଼ି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି । ପରେ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଏସ୍‌ସିବି ମେଡିକାଲ୍‌କୁ ପଠାଯାଇଛି । ତେବେ ଏପର୍ଯ୍ୟନ୍ତ ମୃତ ଯୁବତୀଙ୍କ ପରିଚୟ ମିଳିପାରିନାହିଁ । ଯୁବତୀଙ୍କ ପରିଚୟ ଓ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜାଣିବାକୁ ପୁଲିସ ତଦନ୍ତ ଆରମ୍ଭ କରିଛି । ଘଟଣାସ୍ଥଳରେ ମୃତଦେହ ନିକଟରୁ ଏକ ମସିଣା, କଡ଼େଇ, କାଗଜ ପ୍ଲେଟ୍ ଭଳି କିଛି ସାମଗ୍ରୀ ମିଳିଛି । ଏହି ସାମଗ୍ରୀଗୁଡ଼ିକ ଘଟଣା ◆◆ପୃଷ୍ଠା ୭

## ୟୁକ୍ରେନ ଉପରେ ରୁଷର ବଡ଼ ମିସାଇଲ୍ ଆକ୍ରମଣ: ୭୦ରୁ ଅଧିକ କ୍ଷେପଣାସ୍ତ୍ର-ଡ୍ରୋନ୍ ମାଡ଼, ୧୧ ମୃତ

ନୂଆଦିଲ୍ଲୀ,୦୭/୧୦ : ୟୁକ୍ରେନ ଉପରେ ରୁଷ ପୁଣି ଥରେ ବଡ଼ ଧରଣର ଆକ୍ରମଣ କରିଛି । ରୁଷର ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁସାରେ, କିଭ୍ ସମେତ ୟୁକ୍ରେନର ଅନେକ ଅଞ୍ଚଳରେ ସାମରିକ ଶିଳ୍ପ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ରଣନୈତିକ ଲକ୍ଷ୍ୟ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍‌ରେ ଆକ୍ରମଣ କରାଯାଇଛି । ଏହି ଆକ୍ରମଣରେ ସ୍ଥଳ, ସମୁଦ୍ର ଓ ଆକାଶପଥରୁ ନିକ୍ଷେପ କରାଯାଉଥିବା ଅସ୍ତ୍ର ବ୍ୟବହାର ହୋଇଥିବା ରୁଷ ପକ୍ଷରୁ କୁହାଯାଇଛି । ରୁଷର ଦାବି ଅନୁସାରେ, କିଭ୍‌ରେ ସେହି



ସ୍ଥାନଗୁଡ଼ିକୁ ଟାର୍ଗେଟ କରାଯାଇଛି, ଯେଉଁଠାରେ ଫ୍ଲେମିଙ୍ଗୋ କ୍ରୁଜ୍ ମିସାଇଲ୍ ସହ ମଧ୍ୟମ ଓ ଦୂରଗାମୀ ଡ୍ରୋନ୍‌ର ନିର୍ମାଣ ଏବଂ ସଂରକ୍ଷଣ କରାଯାଉଥିବା କୁହାଯାଇଛି । କିଭ୍ ବ୍ୟତୀତ ଚେର୍ନିହିଭ୍, କିରୋଭୋହ୍ରାଦ୍, ଡ୍ନିପ୍ରୋପେଟ୍ରୋଭସ୍କ, ପୋଲ୍ଟାଭା ଓ ଖାରକିଭ୍ ଅଞ୍ଚଳରେ ମଧ୍ୟ ସାମରିକ-ଶିଳ୍ପ ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରାଯାଇଥିବା ରିପୋର୍ଟ ରହିଛି । ◆◆ପୃଷ୍ଠା ୭

## ପ୍ରତିବାଦ ଜୋରଦାର : ସମ୍ବିଧାନ ଧରି ରାସ୍ତାରେ ଶୋଇଲେ ପ୍ରିୟଙ୍କା

ନୂଆଦିଲ୍ଲୀ,୦୬/୧୦ : ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଏବଂ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ମାମଲାରେ କେନ୍ଦ୍ର ସରକାରଙ୍କ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଥିବା ଇଣ୍ଡି ମେଣ୍ଟର ଦିଲ୍ଲୀ ପ୍ରତିବାଦ କାର୍ଯ୍ୟକ୍ରମ ଆଜି ପୁଣି ଜୋରଦାର ହୋଇଛି । ଆଜି ବିରୋଧୀ ଦଳ ନେତାମାନେ ପୁଣି ଆନ୍ଦୋଳନ ପାଇଁ ଯନ୍ତରମନ୍ତରକୁ ଯାଉଥିବା ବେଳେ ସେମାନଙ୍କୁ ବସ୍‌କୁ ପୁଲିସ ଅଶୋକା ରୋଡ୍ ନିକଟରେ ଅଟକାଇଥିଲା । ପୁଲିସ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏବଂ ଅନ୍ୟାନ୍ୟ ପ୍ରମୁଖ ନେତାମାନଙ୍କୁ ଅଟକ ରଖିବା ସହ ଗିରଫ ପ୍ରକ୍ରିୟା ଆରମ୍ଭ କରିବାରୁ ଯନ୍ତର ମନ୍ତର ନିକଟରେ ହାଇଭୋଲଟେଜ୍ ରାଜନୈତିକ ନାଟକ ଦେଖିବାକୁ ମିଳିଥିଲା । ପୁଲିସର ଏହି କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ହାତରେ ସମ୍ବିଧାନ ଧରି ସେହି ସଡ଼କ ଉପରେ ହିଁ ଶୋଇ ରହି ଅନନ୍ୟ ଶୈଳୀରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ 'ବନ୍ଦେ ମାତରମ୍' ସ୍ଲୋଗାନ ଦେଇଥିଲେ । ପୁଲିସ ଉପରେ ଗମ୍ଭୀର ଅଭିଯୋଗ ଆଣି ସେ ଗଣମାଧ୍ୟମକୁ କହିଛନ୍ତି ଯେ, ସରକାରଙ୍କ ନିର୍ଦ୍ଦେଶରେ ମହିଳା ପୁଲିସ କର୍ମଚାରୀମାନେ ମୋତେ ଆହତ କରିଦେବା ସହ ତଳେ ଫିଙ୍ଗି ଦେଇଛନ୍ତି । ପୁଲିସ



ବର୍ବର ଓ ବେପରୁଆ ଆଭିମୁଖ୍ୟ ଗ୍ରହଣ କରିଛି । ପ୍ରିୟଙ୍କାଙ୍କୁ ସଡ଼କରେ ଶୋଇଥିବା ଦେଖି କଂଗ୍ରେସ ନେତ୍ରୀ ସୁପ୍ରିୟା ଶ୍ରୀନେତଙ୍କ ସମେତ ବିରୋଧୀ ଦଳର ଅନେକ ନେତା ମଧ୍ୟ ତାଙ୍କ ସହ ରାସ୍ତାରେ ଶୋଇ ରହି ପ୍ରତିବାଦ କରିଥିଲେ ଏବଂ ଏହା ପରେ ପୁଲିସ ସମସ୍ତଙ୍କୁ ଉଠାଇ ନେଇଥିଲା । ଅପରପକ୍ଷରେ, ରାହୁଲ ଗାନ୍ଧୀଙ୍କୁ ମଧ୍ୟ ପୁଲିସ କର୍ମଚାରୀମାନେ ଜବରଦସ୍ତ ନେଇ ଏକ ବସ୍ ଭିତରେ ବସାଇଥିଲେ । ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କାଙ୍କ ସମେତ ଟିଏମ୍‌ସି ସାଂସଦ ଡେରେକ୍ ଓ'ବ୍ରାଏନ ଓ କଂଗ୍ରେସର ବହୁ ବରିଷ୍ଠ ନେତାଙ୍କୁ ପୁଲିସ ଅଟକ ରଖିଛି । ଏଭଳି ଦମନମୂଳକ ନୀତି ଦ୍ୱାରା ବିରୋଧୀଙ୍କ ମନୋବଳ ଭାଙ୍ଗିବ ନାହିଁ ଏବଂ ନ୍ୟାୟ ଓ ସ୍ୱଚ୍ଛତା ପାଇଁ ଆନ୍ଦୋଳନ ଜାରି ରହିବ ବୋଲି ଟିଏମ୍‌ସି କହିଛି । ଗତକାଲି ମଧ୍ୟ ନିର୍ବାଚନ କମିସନ କାର୍ଯ୍ୟାଳୟକୁ ପଦଯାତ୍ରା ସମୟରେ ଅଟକାଯିବା ପରେ ରାହୁଲ ଓ ପ୍ରିୟଙ୍କା ବିନା ଅନୁମତିରେ ଦୀର୍ଘ ୬ ଘଣ୍ଟା ଧରି ଧାରଣାରେ ବସିଥିଲେ । ସୂଚନାଯୋଗ୍ୟ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନିମନ୍ତ୍ରଣ କ୍ରମେ ପ୍ରଥମେ ଜନପଥସ୍ଥିତ ◆◆ପୃଷ୍ଠା ୭

# ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର କାର୍ଯ୍ୟକାରିଣୀ ବୈଠକ: ସରକାରଙ୍କ ଆଦିବାସୀ ଦମନ ନୀତି ପ୍ରତିବାଦରେ ଆନ୍ଦୋଳନ ଚେତାବନୀ

ବଲାଙ୍ଗିର,୦୭/୧୦ (ନି.ପ୍ର): ସାମ୍ବାଦିକ ଭବନ ଠାରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର କାର୍ଯ୍ୟକାରିଣୀ ବୈଠକ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ସଂଘର ଜିଲ୍ଲା ସଭାପତି ଶ୍ୟାମ ସୁନ୍ଦର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଆଦିବାସୀ ମାରଣ ନୀତି ବିରୋଧରେ ବ୍ୟାପକ ସଶସ୍ତ୍ର ଆନ୍ଦୋଳନ କରିବାକୁ ଧାର୍ଯ୍ୟ କରାଯାଇଥିଲା । ଅନ୍ୱେଷା ଯୋଜନା ବନ୍ଦ କରିଛି ଓଡିଶା ସରକାର । ପ୍ରାଇଭେଟ ଇଂଲିଶ ମିଡ଼ିଅମ ସ୍କୁଲରେ ମାଗଣାରେ ଆଦିବାସୀ ଛାତ୍ରଛାତ୍ରୀ ପଢ଼ିବା ପାଇଁ ପୂର୍ବପରି ଅନ୍ୱେଷା ଯୋଜନା ଲାଗୁ କରିବା। ସେହିପରି ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କ ଆର୍ଥିକ ସହାୟତା ବନ୍ଦ କରିଛି କେନ୍ଦ୍ର ସରକାର । ଆଦିବାସୀ ଛାତ୍ରଛାତ୍ରୀ ବିଏସସି ନର୍ସିଙ୍ଗ ଓ ଜିଏନଏମ ପଢ଼ିବା ପାଇଁ ୫୦ ହଜାର ଆର୍ଥିକ ସହାୟତା ପୁନଃ ପ୍ରଦାନ, ଆଦିବାସୀ ହିତାଧିକାରୀ ମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ବନ୍ଦ କରିଛି ରାଜ୍ୟ ସରକାର । ଆଦିବାସୀ ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଜଙ୍ଗଲ ଜମି ଅଧିକାର ସତ୍ତ୍ୱେ ଆଇନକୁ ଉଲ୍ଲଂଘନ କରି ପଟ୍ଟା ଦେବା ବନ୍ଦ କରିଛି ସରକାର । ଆଦିବାସୀ ନିର୍ଯ୍ୟାତନା ନିବାରଣ ଆଇନରେ ବର୍ତ୍ତମାନ ସରକାର ଅପରାଧୀ ମାନଙ୍କୁ ଗିରଫ କରୁନାହିଁ କିମ୍ବା ପୀଡ଼ିତ ଆଦିବାସୀ ପରିବାରକୁ ଆର୍ଥିକ ସାହାଯ୍ୟ ଦିଆଯାଉନାହିଁ ବୋଲି ଆଦିବାସୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ସେହିପରି ଖଣି ଖଣିଜ ସମ୍ପଦ ନିୟନ୍ତ୍ରଣ ଆଇନରେ ଆଦିବାସୀ ବହୁଳ ଓଡିଶା ରାଜ୍ୟର ଜମି ଜଙ୍ଗଲ, ପାହାଡ଼ ପର୍ବତ ଡ଼ଙ୍ଗର, ନଦୀ ନାଳ ଝରଣା, ପ୍ରକୃତି ପରିବେଶ ଧ୍ୱଂସ ହେବ । ଆଦିବାସୀ ଜୀବନ ଜୀବିକା ହରାଇବା ସହ ଆଦିବାସୀ ଅସ୍ମିତା ବିଲୋପ ହେବ । ଜମି ଜଙ୍ଗଲ ଖଣିଜ ସମ୍ପଦ ଅଧିକାରରୁ ଆଦିବାସୀ ସର୍ବହରା ହୋଇଯିବେ ବୋଲି ଆଦିବାସୀ କ୍ଷୋଭ ପ୍ରକାଶ କରିଥିଲେ । ସମାନ ନାଗରିକ ସଂହିତା ଦ୍ୱାରା ଆଦିବାସୀଙ୍କ ସ୍ୱତନ୍ତ୍ର ସଂସ୍କୃତି, ପ୍ରଥା ପରମ୍ପରା, ରୀତିନୀତି, ଦେବାଦେବୀ ପୂଜା ପଦ୍ଧତି, ଭାଷା ବୋଲି ଧର୍ମ ବିଲୁପ୍ତ ହେବ, ଆଦିବାସୀ ଅସ୍ମିତା ନିଶ୍ଚିହ୍ନ ହେବ ତେଣୁ ୟୁ ସି ସି କୁ କଡ଼ା ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା । ଆଦିବାସୀ ଜମି ବିକ୍ରି ବନ୍ଧକି ମାଧ୍ୟମରେ ଅଣ ଆଦିବାସୀଙ୍କୁ ହସ୍ତାନ୍ତର ପାଇଁ ଉପ ଜିଲ୍ଲାପାଳ ଅନୁମତିକୁ ସମ୍ପୂର୍ଣ ବନ୍ଦ କରିବାକୁ ଦାବୀ କରାଯାଇଥିଲା । ନକଲି ଆଦିବାସୀ ମାନଙ୍କ ଜାଲଜାତି ପ୍ରମାଣପତ୍ର ରଦ୍ଦ କରିବା ସହିତ ଚଂଚକତା ପୂର୍ବକ ଅନ୍ୟ ପଛୁଆ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ତେଲେଙ୍ଗା ଜାତିର ଲୋକ କୋଣ୍ଡାଦୋରକ୍ଷ ଆଦିବାସୀ ପ୍ରମାଣ ପତ୍ର ଦ୍ୱାରା ଚାକିରୀ କରୁଥିବାରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବୀ କରାଯାଇଥିଲା । ସଭାରେ ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ବନଲତା ମାଝି, ଟିଟିଲାଗଡ଼ ବ୍ଲକ ସଭାପତି ପଦ୍ମନ ପ୍ରଧାନୀ, ବଲାଙ୍ଗିର ବ୍ଲକ ସଭାପତି ପାଳେଶ୍ୱର ଭୋଇ, ଲୋଇସିଂହା ବ୍ଲକ ସଭାପତି ଦଶରଥ ଛତ୍ରିଆ, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ମନରଞ୍ଜନ ଭୋଇ, ପାଟଣାଗଡ ବ୍ଲକ ସଭାପତି ଭୁବନେଶ୍ୱର କୁଅଁର, ବେଲପଡା ବ୍ଲକ ସଭାପତି ରସିକ ଧରୁଆ, ମୁରିବାହାଲ ସଭାପତି ରାଜୀବ କୁଅଁର, ତୁରେକେଲା ବ୍ଲକ ସଭାପତି ଚୌବନ କିଶୋର ମାଝି, ସଇଁତଲା ବ୍ଲକ ସଭାପତି ସନ୍ତୋଷ ପୁଟା, ଦେଓଗାଁ ବ୍ଲକ ସଭାପତି ସୁରଥ ଧରୁଆ, ଗୁଡ଼ଭେଲା ବ୍ଲକ ସମ୍ପାଦକ ବିକ୍ରମ ଭୋଇ, ସଂଗଠନ ସମ୍ପାଦକ ଥବିର ପୁଝାରୀ, ନଗର ସଭାପତି ନିତ୍ୟାନନ୍ଦ ମାଝି, ସହ ସମ୍ପାଦକ ଗିରିଧାରୀ ଭୋଇ, ମଧୁ ବିଶ୍ୱାଳ, ଧନିରାମ ଭୋଇ, ନାରୀନେତ୍ରୀ ଶ୍ରୀମତୀ ପତ୍ରଙ୍ଗୀ ମାଝି, ମାହେଶ୍ୱରୀ ମାଝି, ଶ୍ରୀମତୀ ଲକ୍ଷ୍ମୀ ଭୋଇ, ଶ୍ରୀମତୀ ସରସ୍ୱତୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ସାଧାରଣ ସମ୍ପାଦକ ହେମେନ୍ଦ୍ର ନାଥ ହାଁସଦା ସଭା ପରିଚାଳନା କରିଥିଲେ।

# ଏସଆଇଆରରେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟର ଓ ଯୁବ ଭୋଟରଙ୍କୁ ତାଲିକାରେ ସାମିଲ ପାଇଁ ସୁଯୋଗ

ମାଲକାନଗିରି,୦୭/୧୦ (ନି.ପ୍ର): ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପରିପ୍ରେକ୍ଷୀରେ ଭୋଟର ତାଲିକାକୁ ଅଧିକ ସଠିକ, ସ୍ୱଚ୍ଛ ଓ ଅଦ୍ୟତନ କରିବା ଉଦ୍ଦେଶ୍ୟରେ ଆସନ୍ତାକାଲି ଠାରୁ ଜିଲ୍ଲାରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ଅକ୍ଟୋବର ୭, ୮ ଓ ୯ ତାରିଖରେ ଏହି ସ୍ୱତନ୍ତ୍ର ଅଭିଯାନ ଜିଲ୍ଲାବ୍ୟାପୀ ଅନୁଷ୍ଠିତ ହେବ।

ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଏସଆଇଆର ପ୍ରକ୍ରିୟାରେ କୌଣସି କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରମାନଙ୍କୁ ପୁନଃ ଭୋଟର ତାଲିକାରେ ସାମିଲ କରିବା ଏବଂ ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟରମାନଙ୍କୁ ତାଲିକାରେ ସାମିଲ କରିବା।

ଯେଉଁ ଯୁବକ-ଯୁବତୀମାନେ ୦୧.୧୦.୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଛନ୍ତି, ସେମାନେ ଭୋଟର ତାଲିକାରେ ନିଜ ନାମ ସାମିଲ କରିବା ପାଇଁ ଆବେଦନ କରିପାରିବେ। ଯୋଗ୍ୟ ଯୁବ ଭୋଟରମାନେ ଫର୍ମ-୬ ମାଧ୍ୟମରେ ନାମ ପଞ୍ଜୀକରଣ ପାଇଁ ନିଜ ବୁଥ ସ୍ତରୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ।

ଏଥିସହିତ, ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପ୍ରକ୍ରିୟା ସମୟରେ ଯେଉଁ ଯୋଗ୍ୟ ଭୋଟରମାନଙ୍କ ନାମ କୌଣସି କାରଣରୁ ଚୂଡ଼ାନ୍ତ ଭୋଟର ତାଲିକାରେ ସାମିଲ ହୋଇପାରିନାହିଁ, ସେମାନେ ମଧ୍ୟ ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ନିଜ ନାମ ଯୋଡ଼ିବା ପାଇଁ ଆବେଦନ କରିପାରିବେ।

ଭୋଟର ତାଲିକାକୁ ଅଧିକ ନିର୍ଭୁଲ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଚିହ୍ନଟ ହୋଇଥିବା ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରମାନଙ୍କ ସମ୍ପର୍କିତ ତାଲିକା ସମ୍ପୃକ୍ତ ଜିଲ୍ଲା ଏବଂ ସିଇଓ ଓଡ଼ିଶା ଙ୍କ ୱେବସାଇଟରେ ଉପଲବ୍ଧ କରାଯିବ। ଏହି ତାଲିକା ସମ୍ପର୍କରେ ଆବଶ୍ୟକ ଯାଂଚ କରିବା ଓ ଯଦି କୌଣସି ଯୋଗ୍ୟ ଭୋଟରଙ୍କ ନାମ ଭୁଲବଶତଃ ଏଥିରେ ବାଦ୍ ପଡିଥାଏ ତେବେ ତାହା ସମ୍ପର୍କରେ ଦାବି ଓ ଆପତି ଦାଖଲ କରିବା ପାଇଁ ସୁଯୋଗ ରହିବ।

ସ୍ୱଚ୍ଛ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତି ପାଇଁ ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରଙ୍କ ସମ୍ପର୍କିତ ତାଲିକା ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ମଧ୍ୟ ପ୍ରଦାନ କରାଯିବ। ରାଜନୈତିକ ଦଳର ପ୍ରତିନିଧିମାନେ ତାଲିକାକୁ ଯାଂଚ କରି ଆବଶ୍ୟକ ଦାବି ଓ ଆପତି ଦାଖଲ କରିପାରିବେ। ଏହା ମାଧ୍ୟମରେ ଭୋଟର ତାଲିକାରେ ଯୋଗ୍ୟ ବ୍ୟକ୍ତିଙ୍କ ନାମ ସୁନିଶ୍ଚିତ କରିବା ସହ ଅଯୋଗ୍ୟ କିମ୍ବା ଅସଙ୍ଗତ ଏଂଟି ଚିହ୍ନଟ ଓ ସଂଶୋଧନ କରିବାରେ ସହାୟତା ମିଳିବ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶାନୁଯାୟୀ, ଜିଲ୍ଲାସ୍ତରରେ ସମସ୍ତ ବୁଥସ୍ତରୀୟ ଅଧିକାରୀ ଙ୍କୁ ବାଦ୍ ପଡିଥିବା ଯୋଗ୍ୟ ଭୋଟର ଓ ଯୁବ ଭୋଟରମାନଙ୍କୁ ଭୋଟର ତାଲିକାରେ ସାମିଲ କରିବା ସମ୍ପର୍କରେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବି ଏଲ ଓ ମାନଙ୍କୁ ନିଜ ନିଜ ଅଧୀନସ୍ଥ ଅଂଚଳରେ ଭୋଟର ତାଲିକାରେ ବାଦ୍ ପଡିଥିବା ଯୋଗ୍ୟ ଭୋଟର ନାମ ଓ ନୂତନ ଯୁବ ଭୋଟର ଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟାକୁ ସୁଗମ କରିବା ନିମନ୍ତେ ଆବଶ୍ୟକ ସହଯୋଗ ଓ ମାର୍ଗଦର୍ଶନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନାମ ଯୋଡ଼ିବାକୁ ଇଚ୍ଛୁକ ଯୋଗ୍ୟ ଭୋଟରମାନେ ନିଜ ନିଜ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଙ୍କ ସହ ଯୋଗାଯୋଗ କରି ଆବେଦନ ପ୍ରକ୍ରିୟା ସମ୍ପର୍କରେ ସହାୟତା ନେଇପାରିବେ। ବୁଥ ସ୍ତରୀୟ ଅଧିକାରୀମାନେ ଯୋଗ୍ୟ ଭୋଟରଙ୍କୁ ଆବେଦନ ଦାଖଲ ପ୍ରକ୍ରିୟା ସମ୍ପର୍କରେ ଆବଶ୍ୟକ ସହଯୋଗ ପ୍ରଦାନ କରିବେ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ସବାଇ ହସ୍ତଶିଳ୍ପ ପ୍ରଶିକ୍ଷଣ

ଝାରସୁଗୁଡ଼ା,୦୭/୧୦ (ନି.ପ୍ର): ଓଡ଼ିଶାର ସାଂସ୍କୃତିକ ପରମ୍ପରା ସହ ଗଭୀର ଭାବେ ଜଡ଼ିତ ସବାଇ ଘାସ ବୁଣାକାମ ଦଶନ୍ଧି ଧରି ଗ୍ରାମୀଣ ଲୋକଙ୍କ ଜୀବିକାର ଏକ ମୁଖ୍ୟ ଆଧାର ହୋଇଆସିଛି । ହସ୍ତନିର୍ମିତ ଓ ପରିବେଶ ଅନୁକୂଳ ସାମଗ୍ରୀର ଚାହିଦା ବଢୁଥିବା ବେଳେ ପାରମ୍ପରିକ କାରିଗରମାନେ ନୂଆ ଆର୍ଥିକ ସୁଯୋଗ ହାସଲ କରିବା ପାଇଁ ନୂତନ ପ୍ରକାରର ଉତ୍ପାଦ ଓ କୌଶଳ ଆପଣାଇବାର ସୁଯୋଗ ପାଉଛନ୍ତି । ଏହି ସମ୍ଭାବନାକୁ ଦୃଷ୍ଟିରେ ରଖି ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାର କୁମୁଡ଼ାପାଲି ସବାଇ ପ୍ରଶିକ୍ଷଣ କେନ୍ଦ୍ରରେ ୬ ମାସିଆ ମୌଳିକ ସବାଇ ଘାସ ହସ୍ତଶିଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜରିଆରେ ୩୨ ଜଣ କାରିଗରଙ୍କୁ ସହାୟତା ପ୍ରଦାନ କରିଛି । ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସି. ଚନ୍ଦ୍ର କହିଛନ୍ତି, ପାରମ୍ପରିକ ହସ୍ତଶିଳ୍ପ ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ଅବିଚ୍ଛେଦ୍ୟ ଅଂଶ। ଏହା ଗ୍ରାମୀଣ ସମୁଦାୟ ପାଇଁ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରେ । କାରିଗରମାନଙ୍କ ଦକ୍ଷତା ବୃଦ୍ଧି ସହ ବଜାର ସହ ସେମାନଙ୍କ ସଂଯୋଗକୁ ସୁଦୃଢ଼ କରିପାରିଲେ ପରିବର୍ତ୍ତିତ ଅର୍ଥନୀତିରେ ପାରମ୍ପରିକ ହସ୍ତଶିଳ୍ପକୁ ପ୍ରାସଙ୍ଗିକ ରଖିବା ସମ୍ଭବ ହେବ । 'ବେଦକଳା' ପଦକ୍ଷେପ ଜରିଆରେ ସ୍ଥାନୀୟ ହସ୍ତଶିଳ୍ପ ପରମ୍ପରାର ସଂରକ୍ଷଣ ସହ କାରିଗରମାନଙ୍କୁ ସ୍ଥାୟୀ ଜୀବିକା ଗଢ଼ିବାରେ ସକ୍ଷମ କରିବା ପାଇଁ ଆମେ ପ୍ରତିବଦ୍ଧ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବେଦାନ୍ତ ଆଲୁମିନିୟମର ସମୁଦାୟ ବିକାଶ ପଦକ୍ଷେପ 'ବେଦକଳା' ଅଧୀନରେ ଆୟୋଜିତ ହୋଇଥିଲା। ଝାରସୁଗୁଡ଼ାରେ ସବାଇ ଘାସ ହସ୍ତଶିଳ୍ପ, ବାଉଁଶ ହସ୍ତଶିଳ୍ପ ଓ ସଉରା ଚିତ୍ରକଳା କ୍ଷେତ୍ରରେ ୧୭୫ରୁ ଅଧିକ କାରିଗରଙ୍କୁ ଏହି ପଦକ୍ଷେପ ସହ ଯୋଡ଼ାଯାଇଛି । କୁମୁଡ଼ାପାଲି ଗାଁର ସବାଇ ଘାସ ହସ୍ତଶିଳ୍ପ ପ୍ରଶିକ୍ଷଣର ଅଂଶଗ୍ରହଣକାରୀ ମୀନା ପିଙ୍ଗ କହିଛନ୍ତି, ସବାଇ ଘାସ ବୁଣାକାମ ପିଢ଼ି ପରେ ପିଢ଼ି ଆମ ଜୀବନର ଅଂଶ ହୋଇଆସିଛି। ଝାରସୁଗୁଡ଼ା ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ତଥା ଓଡ଼ିଶା ଜୀବିକା ମିଶନର ସର୍ମିଷ୍ଠା ପରିଛା କହିଛନ୍ତି, ସବାଇ ହସ୍ତଶିଳ୍ପର ଭବିଷ୍ୟତ କେବଳ ପାରମ୍ପରିକ ଦକ୍ଷତାର ସଂରକ୍ଷଣରେ ସୀମିତ ନୁହେଁ; କଂଚାମାଲର ଉପଲବ୍ଧତା ଠାରୁ ଆରମ୍ଭ କରି ବଜାର ସୁଯୋଗ ପର୍ଯ୍ୟନ୍ତ ସମଗ୍ର ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବା ମଧ୍ୟ ଆବଶ୍ୟକ । କମ୍ପାନୀର ବ୍ୟାପକ ସମୁଦାୟ ବିକାଶ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶା ଓ ଛତିଶଗଡ଼ର ୧୦ ଲକ୍ଷରୁ ଅଧିକ ଲୋକ ଉପକୃତ ହେଉଛନ୍ତି।

# କିର୍ମିରାରେ ସେବା ସେତୁ କ୍ୟାମ୍ପ ଉଦ୍ଘାଟିତ

ଝାରସୁଗୁଡ଼ା,୦୭/୧୦ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ଜି. ପାନପାଲି ପଂଚାୟତ ଅନ୍ତର୍ଗତ କାଦୋବାହାଲ ଠାରେ ମଙ୍ଗଳବାର ବ୍ଲକସ୍ତରୀୟ 'ସେବା ସେତୁ' କ୍ୟାମ୍ପ ଉଦ୍ଘାଟିତ ହୋଇଛି। ସରକାରୀ ଯୋଜନା ଓ ଜନସେବାକୁ ସହଜ, ସ୍ୱଚ୍ଛ ଓ ସୁଗମ ଭାବେ ଲୋକଙ୍କ ନିକଟରେ ପହଂଚାଇବା ଏହି କ୍ୟାମ୍ପର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି।

କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଂଚଳବାସୀଙ୍କ ସହ ସିଧାସଳଖ ମତ ବିନିମୟ କରିଥିଲେ। ଏଥିସହ ବିଭିନ୍ନ ସରକାରୀ ଜନକଲ୍ୟାଣ ଯୋଜନା ଓ ସେବା ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରିଥିଲେ।

# ଭତ୍ତା ପାଇଁ ବିଡିଓଙ୍କ ପ୍ରକୋଷ୍ଠ ସମ୍ମୁଖରେ ଶତାଧିକ ହିତାଧିକାରୀଙ୍କ ଧାରଣା

ଜୟପୁର,୦୭/୧୦ (ନି.ପ୍ର): ଭତା ପାଇଁ ବିଡ଼ିଓଙ୍କ ବାରଣ୍ଡାରେ ବସିଲେ ଶତାଧିକ ହିତାଧିକାରୀ । ଭିନ୍ନକ୍ଷମ, ବୟସ୍କ ଏବଂ ବିଧବା ହିତାଧିକାରୀ ମାନେ ଗତ ପାଂଚ ମାସ ହେବ ଭତା ପାଇନାହାନ୍ତି । ଏଭଳି ଘଟଣା ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପ୍ରକୋଷ୍ଠ ସମ୍ମୁଖନରେ ୨୦ଟି ପଂଚାୟତର ଶତାଧିକ ହିତାଧିକାରୀ ଧାରଣାରେ ବସିଛନ୍ତି । ଭତା ନ ମିଳିଲା ପର୍ଯ୍ୟନ୍ତ ଉଠିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ଏହି ଆନ୍ଦାଳନକୁ ସମର୍ଥନ ଜଣାଇ ହିତାଧିକାରୀଙ୍କ ସହ ନିଜେ ଧାରଣାରେ ବସିଛନ୍ତି ବ୍ଲକ ଉପାଧକ୍ଷା ଏବଂ ପୂର୍ବତନ ବ୍ଲକ ଅଧକ୍ଷ । ଭତା ହିଁ ଥିଲା ବଂଚିବାର ଭରସା..କିନ୍ତୁ ଦୀର୍ଘ ୫ ମାସ ହେଲା ମିଳୁନି ଭତା। ଟଙ୍କା ପାଇଁ ବାରମ୍ବାର କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ଶେଷରେ ବିଡିଓଙ୍କ ବାରଣ୍ଡାରେ ବସିବାକୁ ବାଧ ହୋଇଛନ୍ତି ଭିନ୍ନକ୍ଷମ, ବୟସ୍କ ଓ ବିଧବା ହିତାଧିକାରୀ। ଏଭଳି ଦୁଃଖଦ ଚିତ୍ର କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକରୁ ସାମ୍ନାକୁ ଆସିଛି। ଏ ଦୃଶ୍ୟ ଦେଖିଲେ ଯେକେହି ବି ବିଚଳିତ ହୋଇଯିବ।କାହାର ହାତରେ ଲାଠି, କାହାର ଆଖିରେ ବୟସର ଛାପ, ଆଉ କେହି ଭିନ୍ନକ୍ଷମ ହୋଇ ଚାଲିବାକୁ ମଧ ଅସମର୍ଥ। ହେଲେ ସମସ୍ତଙ୍କ ଦୁଃଖ ଗୋଟିଏ—ମିଳୁନି ଭତା। ଗତ ୫ ମାସ ହେବ ଭତା ନପାଇ ଆର୍ଥିକ ଅସୁବିଧାରେ ଦିନ କାଟୁଛନ୍ତି ଶତାଧିକ ହିତାଧିକାରୀ। କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକର ୨୦ଟି ପଂଚାୟତରୁ ଆସିଛନ୍ତି ଶତାଧିକ ହିତାଧିକାରୀ। ଭିନ୍ନକ୍ଷମ, ବୟସ୍କ ଏବଂ ବିଧବା ହିତାଧିକାରୀମାନେ ନିଜର ବକେୟା ଭତା ପାଇଁ ବ୍ଲକ କାର୍ଯ୍ୟାଳୟରେ ପହଂଚିଛନ୍ତି। କିନ୍ତୁ, ଭତା ଟଙ୍କାରେ କାହାର ଚଳେ ଘର, କାହାର ଚାଲେ ଔଷଧ, ଆଉ କାହା ପାଇଁ ଏହି ଟଙ୍କା ହିଁ ଦୁଇ ଓଳି ଖାଇବାର ଏକମାତ୍ର ଆଶା। ଏଭଳି ସ୍ଥିତିରେ ଲଗାତାର ୫ ମାସ ଧରି ଭତା ନମିଳିବା ହିତାଧିକାରୀଙ୍କ ଦୁଃଖକୁ ଆହୁରି ବଢ଼ାଇ ଦେଇଛି।"ଆମେ ଗରିବ ଲୋକ। ଭତା ଟଙ୍କା ଉପରେ ନିର୍ଭର କରୁଛୁ। ୫ ମାସ ହେଲା ଟଙ୍କା ମିଳୁନି।

ହିତାଧିକାରୀଙ୍କ ଏହି ଧାରଣାକୁ ସମର୍ଥନ ଜଣାଇଛନ୍ତି ବ୍ଲକ ଉପାଧକ୍ଷା ଏବଂ ପୂର୍ବତନ ବ୍ଲକ ଅଧକ୍ଷା। ହିତାଧିକାରୀଙ୍କ ସହ ଧାରଣାରେ ବସି ସମସ୍ୟାର ତୁରନ୍ତ ସମାଧାନ ଦାବି କରିଛନ୍ତି। ସରକାରୀ ଯୋଜନାର ଲାଭ ଯେଉଁମାନଙ୍କ ପାଇଁ, ସେମାନଙ୍କୁ ହିଁ ଯଦି ମାସ ମାସ ଧରି ଭତା ପାଇଁ ଅପେକ୍ଷା କରିବାକୁ ପଡ଼େ, ତେବେ ଏହାଠାରୁ ବଡ଼ ଦୁଃଖର କଥା ଆଉ କ'ଣ ହୋଇପାରେ କ୍ଷବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ବାରଣ୍ଡାରେ ବସିଥିବା ଏହି ବୟସ୍କ, ଭିନ୍ନକ୍ଷମ ଓ ବିଧବା ହିତାଧିକାରୀଙ୍କ ଆଖିରେ ଏବେ କେବଳ ଗୋଟିଏ ପ୍ରଶ୍ନ— କେବେ ମିଳିବ ତାଙ୍କର ବକେୟା ଭତା ? ପ୍ରଶାସନ ଏହି ଅସହାୟ ହିତାଧିକାରୀଙ୍କ ଦୁଃଖକୁ କେବେ ବୁଝିବ ଏବଂ କେବେ ମିଳିବ ବକେୟା ଭତା—ତାହା ଉପରେ ଏବେ ସମସ୍ତଙ୍କ ନଜର। ତେଣୁ ରାଜ୍ୟ ସରକାର ଗରିବ, ବୃଦ୍ଧ ବୃଦ୍ଧାଙ୍କ ଭତା ତୁରନ୍ତ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି ।

# ଖଦ୍ୟୋତର ନୂଆଁଖାଇ ଭେଟଘାଟ

ବଲାଙ୍ଗିର,୦୭/୧୦ (ନି.ପ୍ର): ମାଲପଡା ସ୍ଥିତ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଖଦ୍ୟୋତ ତରଫରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧକ୍ଷତାରେ ଉକ୍ତ ଭେଟଘାଟରେ ଉପ-ସଭାପତି ଡ. ରବିଚନ୍ଦ୍ର ପଣାୟତ, ସଂପାଦକ ଆକୁଳ ବେହେରା ଓ ମୁଖ୍ୟ ଅତିଥି ଭାବରେ ପୂର୍ବତନ ପ୍ରଶାସନିକ ଅଧିକାରୀ ପଂଚାନନ ସେଠ ମଂଚାସିନ ଥିଲେ । ମାଁ ସମଲେଇ ଙ୍କ ଠାରେ ଦ୍ୱୀପ ପ୍ରଜ୍ୱଳନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲେ । ଶ୍ରୀ ସେଠ ତାଙ୍କ ଅଭିଭାଷଣ ରେ ଶିଶୁମାନଙ୍କ ମନର ଅଭିବୃଦ୍ଧି ପାଇଁ ବାହ୍ୟ କାର୍ଯ୍ୟ କାର୍ଯ୍ୟକ୍ରମରେ ଭାଗ ନେବା ଉଚିତ ବୋଲି କହିଥିଲେ । ସଭାପତି ଶ୍ରୀ ମିଶ୍ର କୋମଳମତି ଶିଶୁମାନେ ନିଜ ଭିତରେ ଥିବା ବିଶ୍ୱାସ କୁ ଦୃଢ କରିବା ଓ ଲୁକ୍କାୟତ ପ୍ରତିଭାକୁ ବାହାର କରିବା ଖଦ୍ୟୋତ ଅନୁଷ୍ଠାନ ଦିର୍ଘ ୮ ବର୍ଷ ଧରି ଚେଷ୍ଟା କରି ଆସୁଛି ବୋଲି ମତ ରଖିଥିଲେ। ଛୋଟ ପିଲାଙ୍କ ଦ୍ୱାରା ବିଭିନ୍ନ ସଂଗୀତ ଓ ନାଚ ପ୍ରଦର୍ଶନ କରାଯାଇଥିଲା । ପୂର୍ବରୁ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାରେ ସିନିୟର ବିଭାଗରେ ଅଭିପ୍ସା ସାହୁ ପ୍ରଥମ ଓ ଜୁନିୟର ବିଭାଗ ରେ ଇପସିତା କର୍ଣ୍ଣ ପ୍ରଥମ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦିବ୍ୟାଂସି ମହାନ୍ତି, ହର୍ସିତା ସିଂ, ସ୍ମୃତି ପଟେଲ, ବର୍ଷାରାଣୀ ନାଏକ, ସ୍ୱିକୃତି ମିଶ୍ର, ସ୍ୱନ୍ଦିତା ରଥ, ସାତ୍ୱିକ ରଥ, ଶିଭାନ୍ୟା ମିଶ୍ରଙ୍କୁ ମଧ ମାନପତ୍ର ଓ ପଦକ ଦିଆଯାଇଥିଲା । ସଂଗୀତ ରେ ନୈତିକ ନୟନ ଦାଶ, ମନ୍ନତ ସାହୁ, ସମର୍ପିତା ବାରିକ, ଦିୟାଂଶି ମହାନ୍ତି, ନାଚରେ ଶିବନ୍ୟା ମିଶ୍ର, ସ୍ୱନ୍ଦିତା ରଥ ଙ୍କୁ ମଧ ପୁରସ୍କୃତ କରାଯାଇଥିଲା । ଅଭିଭାବକ ମାନଙ୍କ ମଧରେ ମଧୁସ୍ମିତା କର୍ଣ୍ଣ ଓ ଅଧାପିତା ନମ୍ରତା ପାଣିଗ୍ରାହୀ ଙ୍କୁ ମଧ ମାନପତ୍ର ଦିଆଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଆନନ୍ଦ ଚନ୍ଦ୍ର ବଡପଣ୍ଡା ସଂଯୋଜନା କରିଥିଲେ ଓ ଶ୍ରୀ ସିଂଦେଓ ସହଯୋଗ କରିଥିଲେ । ବରିଷ୍ଠ ସଦସ୍ୟ ଦିବାକର ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

# ୩୫ ଲିଟର ବିଦେଶୀ ମଦ ଜବତ: ଜଣେ ଅଟକ

ମାଲକାନଗିରି,୦୭/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଅନ୍ତର୍ଗତ ଉଣ୍ଡୁରୁଗୁଣ୍ଡା ବଜାର ନିକଟରେ ପୋଲିସ ପକ୍ଷରୁ ଚଢ଼ଉ କରାଯାଇ ୩୫ ଲିଟର ବିଦେଶୀ ମଦ ଜବତ କରାଯାଇଛି । ଏହି ଘଟଣାରେ ଏମପିଭି-୫୨ ର ଅପୂର୍ବ ମହଲଦାରଙ୍କୁ ଅଟକ ରଖାଯାଇଛି । ସେ ଉଣ୍ଡୁରୁଗୁଣ୍ଡା ଦୈନିକ ବଜାର ନିକଟରେ ଖୋଲାମଖୋଲା ଭାବେ ବେଆଇନ ବିଦେଶୀ ମଦ ବିକ୍ରି କରୁଥିଲେ । ଦଶହରା ପର୍ବକୁ ଦୃଷ୍ଟିରେ ରଖି ଅଂଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଗଞ୍ଜେଇ, ବିଦେଶୀ ମଦ ଓ ସମସ୍ତ ପ୍ରକାର ବେଆଇନ ନିଶା କାରବାର ବିରୁଦ୍ଧରେ ବାରମ୍ବାର ଚଢ଼ଉ ଜାରି ରହିବ ବୋଲି କାଲିମେଲା ଥାନା ଅଧିକାରୀ ପ୍ରଭୁ ଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି ।

# ଆଳୁଚାଷୀଙ୍କୁ ମିଳୁ ନାହିଁ ବିହନ

ଜୟପୁର,୦୭/୧୦ (ନି.ପ୍ର): ଆଳୁଚାଷୀଙ୍କୁ ମିଳୁନାହିଁ ଉପଯୁକ୍ତ ବିହନ । ଆଳୁ ଚାଷ ପାଇଁ କୋରାପୁଟ ଜିଲ୍ଲାର ଜଳବାୟୁ ଏବଂ ମାଟି ଅନୁକୂଳ କିନ୍ତୁ ବିହନ ମେଳୁ ନଥବାରୁ ଚାଷିମାନେ ଆଳୁ ଚାଷ କରିବାକୁ ମୁହଁ ଫେରାଉଥିବା ଲକ୍ଷ୍ୟ କରାଯାଇଛି । ଉଭୟ ଖରିଫ ଏବଂ ରବି ଋତୁରେ ଚାଷ ପାଇଁ ପରିବେଶ ସୁହାଉଛି। ଚାହିଦା ସତ୍ତ୍ୱେ କୋରାପୁଟ ଜିଲ୍ଲାରେ ଆଳୁ ଚାଷ ହୋଇପାରୁ ନାହିଁ । ଏଠାରେ ପ୍ରଚୁର ପରିମାଣରେ ଆଳୁ ଚାଷ ହୋଇଥିଲେ ଜିଲା ବାସୀ ଉପକୃତ ହୋଇ ପାରିଥାନ୍ତେ । କିନ୍ତୁ ଏଠାରେ ଉତ୍ପନ୍ନ ନହେବାରୁ ବାହାର ରାଜ୍ୟର ଆଳୁକୁ ଚଢା ଦରରେ କ୍ରୟ କରିଛନ୍ତି । ଚାଷ ପରିମାଣ କମିବାରେ ଲାଗିଛି । ହ୍ରାସ ପାଇବା ପଛରେ ପ୍ରମୁଖ କାରଣ ଚାଷୀଙ୍କୁ ଆବଶ୍ୟକତା ଅନୁସାୟରେ ସହାୟତା ମିଳୁନଥିବା ସହ ବିହନ ମଧ୍ୟ ମେଳୁ ନଥିବା କୁହାଯାଉଛି । କୋରାପୁଟରେ ଖରିଫ ଆଳୁ ଅକ୍ଟୋବର ଦ୍ୱିତୀୟ ସପ୍ତାହରୁ ଅମଳ ହୋଇଥାଏ ।

ଏହି ସମୟରେ ଛଟ୍ ପୂଜା ହେଉଥିବାରୁ ଛତିଶଗଡ଼, ଝାଡ଼ଖଣ୍ଡ, ଉତରପ୍ରଦେଶ, ମଧ୍ୟପ୍ରଦେଶ, ବିହାର ଆଦି ରାଜ୍ୟରେ ନୂଆ ଆଳୁ ବ୍ୟବହାର କରିବାର ପରମ୍ପରା ରହିଛି । ତେଣୁ କୋରାପୁଟ ଆଳୁର ଚାହିଦା ବଢ଼ିଯାଏ। ରାଜ୍ୟ ବାହାର ବ୍ୟବସାୟୀ ଭଲ ଆଳୁ ବାଛିବା ପରେ ଭଲ ଦର ଦେଇ ଏଠାରୁ କିଣି ନେଉଛନ୍ତି । କିନ୍ତୁ ଚାଷୀଙ୍କ ଉପରେ ଏହାର କୌଣସି ଫରକ ପଡୁନଥିବାରୁ ଚାଷ ପରିମାଣ କମିବାରେ ଲାଗିଛି । ଗତବର୍ଷ କେବଳ ଉଦ୍ୟାନକୃଷି ବିଭାଗ ୩୧୫୦ ହେକ୍ଟର ଜମିରେ ଆଳୁ ଚାଷ କରିଥିଲା । ଚଳିତବର୍ଷ ଉଦ୍ୟାନ ବିଭାଗ ମାତ୍ର ୧୯୫୦ ହେକ୍ଟର ଜମିରେ ଚାଷ କରିଛି । ବିଭାଗ ପକ୍ଷରୁ କୋରାପୁଟ ବ୍ଲକରେ ୨୦୦ ହେକ୍ଟର, ଦଶମନ୍ତପୁର ବ୍ଲକରେ ୮୨.୬୭, ଲକ୍ଷ୍ମୀପୁର ବ୍ଲକରେ ୨୦, ପଟାଙ୍ଗି ବ୍ଲକରେ ୧୬୯, ସେମିଳିଗୁଡା ବ୍ଲକରେ ୩୯୨, ନନ୍ଦପୁର ବ୍ଲକରେ ୬୪୦, ଲମତାପୁଟ ବ୍ଲକରେ ୪୪୫ହେକ୍ଟର ଜମିରେ ଚାଷ କରାଯାଇଛି । ଏହାବ୍ୟତୀତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଗତି ପକ୍ଷରୁ ୩୦୦ ହେକ୍ଟର, ସିଆଇପି ପକ୍ଷରୁ ୮୦୦ ହେକ୍ଟର ଓ ଚାଷୀ ନିଜ ଉଦ୍ୟମରେ ପ୍ରାୟ ୩୦୦ ହେକ୍ଟର ଜମିରେ ଚାଷ କରିଛନ୍ତି । ପ୍ରତି ହେକ୍ଟରରେ ୧୨୦ରୁ ୧୭୦ କୁଇଂଟାଲ ପର୍ଯ୍ୟନ୍ତ ଆଳୁ ଉତ୍ପାଦନ ହେଉଛି । ଚଳିତବର୍ଷ ପ୍ରାୟ ୫୦ହଜାର ମେଟ୍ରିକ୍ ଟନ୍ ଉତ୍ପାଦନ ପାଇଁ ଉଦ୍ୟାନକୃଷି ବିଭାଗ ଲକ୍ଷ୍ୟ ରଖିଛି । ଜୁନ୍ ଦ୍ୱିତୀୟ ସପ୍ତାହରୁ ଅଗଷ୍ଟ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଆଳୁ ବିହନ ବୁଣାଯାଏ । ବୁଣିବାର ପ୍ରାୟ ୯୦ଦିନ ପରେ ଅମଳ ହୋଇଥାଏ । ହେକ୍ଟର ପିଛା ଦେଢ଼ ଲକ୍ଷରୁ ୨ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଉଦ୍ୟାନକୃଷି ବିଭାଗ ପ୍ରାୟ ୯୭ ହଜାର ଟଙ୍କା ରିହାତି ପ୍ରଦାନ କରୁଛି । ତେବେ ସବୁ ଚାଷୀଙ୍କୁ ଏହି ରିହାତି ମିଳୁନାହିଁ । ଫଳରେ ଚାଷ କରିବାକୁ ଚାଷୀ ଆଗ୍ରହ ଦେଖାଉନାହାନ୍ତି । ୨୦୧୯ ମସିହା ବେଳକୁ କୋରାପୁଟ ଜିଲ୍ଲାରେ ୫୦ ଏକର ଜମିରେ ଆଳୁ ଚାଷ ଆରମ୍ଭ ହଇଥିଲା । ଏଠାକାର ଚାଷୀଙ୍କ ନିକଟରେ ନିଜସ୍ୱ ବିହନ ନାହିଁ । ରିହାତିରେ ଯେଉଁ ବିହନ ମିଳୁଛି ତାହାର ମାନ ଭଲ ରହୁନି । ବିହନକୁ ନେଇ ରହିଥିବା ଦ୍ୱନ୍ଦ୍ୱ ଯୋଗୁଁ ଚାଷୀ ବିମୁଖ । ସରକାର ଏଥିପ୍ରତି

ଦୃଷ୍ଟି ଦେଲେ ଆଳୁ ଚାଷ କ୍ଷେତ୍ରରେ କୋରାପୁଟ ଅଗ୍ରଣୀ ହୋଇଯିବ ବୋଲି କହିଛନ୍ତି । ତେଣୁ ଚାଷୀଙ୍କୁ ଉପଯୁକ୍ତ ଆଳୁ ବିହନ ଯୋଗାଇଲେ ଆଳୁ ଉତ୍ପାଦନ ହେବା ସହ ରାଜ୍ୟକୁ ଆଳୁ ଆମଦାନି କରିବାକୁ ପଡ଼ିବ ନାହିଁ ।

# ପାରୁଡ଼ି ପଶିରେ ପ୍ରଥମ ବାର୍ଷିକ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଂଟ : ବି.ପି. ସ୍ପୋର୍ଟିଙ୍ଗ୍ ଚାମ୍ପିଅନ୍

ଚମ୍ପୁଆ,୦୭/୧୦ (ନି.ପ୍ର): ସ୍ଥାନୀୟ ଅଂଚଳରେ କ୍ରୀଡ଼ା ଜଗତରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି। ପାରୁଡ଼ି ପଶି ମିନି ଷ୍ଟାଡିୟମ୍ ପରିସରରେ ଗ୍ରାମର ପ୍ରଥମ ବାର୍ଷିକ ଏକଦିବସୀୟ ଫୁଟବଲ୍ ପ୍ରତିଯୋଗିତା ଅତ୍ୟନ୍ତ ଆନନ୍ଦୋଲ୍ଲାସ ଓ ବେଶ୍ ଆକର୍ଷଣୀୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ମହାକୁମ୍ଭରେ ଆଖପାଖ ଅଂଚଳରୁ ମୋଟ୍ ୧୬ଟି ଟିମ୍ ଅଂଶଗ୍ରହଣ କରି ସେମାନଙ୍କର ଖେଳ କୌଶଳ ପ୍ରଦର୍ଶନ କରିଥିଲେ। ଦର୍ଶକଙ୍କ ପ୍ରବଳ ଭିଡ଼ ଓ କରତାଳିରେ ସମଗ୍ର ଷ୍ଟାଡିୟମ୍ କମ୍ପି ଉଠିଥିଲା। ପ୍ରତିଯୋଗିତାର ଉଦ୍ଘାଟନୀ ତଥା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ସେନା ଅଧିକାରୀ ଯଦୁମଣି ମାଝି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ମଙ୍ଗୁଲୁ ମାଝୀ, ମିତ୍ରଭାନୁ ବେହେରା, ପ୍ରତାପ ବେହେରା ଏବଂ ଗୌରାଙ୍ଗ ବେହେରା ପ୍ରମୁଖ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରୋମାଂଚକର ମ୍ୟାଚ୍ ଗୁଡ଼ିକୁ ଅତି ସୂଚାରୁ ଏବଂ ନିରପେକ୍ଷ ଭାବେ ପରିଚାଳନା କରିଥିଲେ ପୂର୍ବତନ ସୁନାମଧନ୍ୟ ତଥା ଲୋକପ୍ରିୟ ଖେଳାଳି ନାରାୟଣ ମାଝି ଏବଂ ଜୁନିଅର୍ ଲବ-କୁଶ। ଏହି ସଫଳ ଆୟୋଜନକୁ କମିଟିର ମୁଖ୍ୟ ଦକ୍ଷଦତ ବେହେରା, ସ୍ୱପ୍ନ ସାଗର ବେହେରା, ସୁଜିତ୍ କୁମାର ବେହେରା, ସଂଜିତ୍ ବେହେରା ପ୍ରମୁଖ ପରିଚାଳନା କରିଥିବା ବେଳେ ସ୍ଥାନୀୟ ସମସ୍ତ ଯୁବକ ଏବଂ ଗ୍ରାମବାସୀଙ୍କ ଅକ୍ଲାନ୍ତ ପରିଶ୍ରମ ଓ ସହଯୋଗ ରହିଥିଲା। ଦିନବ୍ୟାପୀ ଚାଲିଥିବା ଏହି ମ୍ୟାଚ୍ ର ଚୂଡ଼ାନ୍ତ ପର୍ଯ୍ୟାୟରେ ବି.ପି. ସ୍ପୋର୍ଟିଙ୍ଗ୍ ପାରୁଡ଼ି ପଶି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଆଜା ମେରେ ବୁଲ୍ ବୁଲ୍ ବର୍ଦ୍ଧନା, ତୃତୀୟ ସ୍ଥାନରେ ଜେ.କେ. ସ୍ପୋର୍ଟିଙ୍ଗ୍ ଖୁଂଟା ପଡ଼ା, ଚତୁର୍ଥ ସ୍ଥାନରେ ଟୁକୁଡ଼ିହ ରହିଥିଲେ । ଶେଷରେ ଅତିଥିମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀ ଓ ବିଜେତା ଦଳ ଗୁଡ଼ିକୁ ଟ୍ରଫି ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଖେଳ କାର୍ଯ୍ୟକ୍ରମ ସ୍ଥାନୀୟ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଏକ ନୂତନ ଉତ୍ସାହ ସୃଷ୍ଟି କରିପାରିଥିବା କୁହାଯାଇଛି ।

# ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସମ୍ମିଳନୀ

ପୁରୀ,୦୭/୧୦ (ନି.ପ୍ର): ସର୍ବଭରତୀୟ ଶ୍ରମିକ ସଂଗଠନ ଏ ଆଇ ଟି ୟୁ ସି ସହବନ୍ଧିତ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ପଂଚମ ରାଜ୍ୟ ସମ୍ମିଳନୀ ଅକ୍ଟୋବର ୬ ତାରିଖରେ ପୁରୀ ୟୁଥ ହଷ୍ଟେଲ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏଆଇଟିୟୁସି ର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ସମ୍ମିଳନୀକୁ ଉଦଘାଟନ କରି କହିଲେ, କେନ୍ଦ୍ର ସରକାରଙ୍କ ନୂଆ ଶ୍ରମ କୋଡ଼ ଶ୍ରମିକ ଶ୍ରେଣୀକୁ ମାଲିକମାନଙ୍କ ପାଖରେ ଗୋତି ଶ୍ରମିକ କରିଦେବ। ଏବେ ଦେଶରେ ଖୁବ୍ କମ୍ ସରକାରୀ ନିଯୁକ୍ତି ମିଳୁଛି। ଉତ୍କଟ ବେକାରୀ ଓ ଦରଦାମ ବୃଦ୍ଧିରେ ଦେଶ ସଢୁଛି। ଦେଶର କଳକାରଖାନା, ଖଣି ଖାଦାନ ଓ ସରକାରୀ ବ୍ୟବସାୟ ସଂସ୍ଥାଗୁଡ଼ିକୁ ଶାଗମାଛ ଦରରେ ଆଦାନୀ ଅମ୍ବାନୀ ଭଳି ପୁଞ୍ଜିପତିଙ୍କୁ ବିକ୍ରୀ କରିଦିଆ ଚାଲିଛି। ଧର୍ମ ନାମରେ ବିଭେଦ ଓ ଘୃଣା ଦେଶର ଏକତା ଓ ଭାଇଚାରା ପ୍ରତି ବିପଦ ସୃଷ୍ଟି କରୁଛି। ଦେଶର ଶାସନ ବ୍ୟବସ୍ଥାର ପରିବର୍ତ୍ତନ ଜରୁରୀ ହୋଇପଡ଼ିଛି। ଆଜି ଶ୍ରମିକ ଶ୍ରେଣୀ ଦଳମତ ନିର୍ବିଶେଷରେ ପରିବର୍ତନ ପାଇଁ ଗୋଟିଏ ମଂଚରେ ଲଢ଼େଇ କରିବାର ବେଳ ଉପସ୍ଥିତ ହୋଇଛି। ସଂଘର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ ସମ୍ମିଳନୀର ରିପୋର୍ଟ ଉପସ୍ଥାପନ କରିଥିଲେ। ଗୌରାଙ୍ଗ ପାଣିଗ୍ରାହିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମିଳନୀରେ ନିର୍ମାଣ ଶ୍ରମିକଙ୍କୁ ୬୦ ବର୍ଷରେ ମାସିକ ୧୦ ହଜାର ପେନସନ, ମୃତ୍ୟୁକାଳୀନ ସହାୟତା ପାଂଚ ଲକ୍ଷ ଟଙ୍କା, ବିବାହ ସହାୟତା ଏକଲକ୍ଷ ଟଙ୍କା, ସମସ୍ତଙ୍କୁ ଘର, ପ୍ରଭୃତି ଦାବୀ କରାଯାଇଥିଲା। ସମ୍ମିଳନୀରେ ରାମକୃଷ୍ଣ ପଣ୍ଡା - ସଭାପତି, ମହେଶ୍ୱର ରାଉତ - କାର୍ଯ୍ୟକାରୀ ସଭାପତି, ପ୍ରଶାନ୍ତ ପାଟଯୋଶୀ - ଉପଦେଷ୍ଟା,ବ୍ରଜବନ୍ଧୁ ପ୍ରଧାନ - ସାଧାରଣ ସମ୍ପାଦକ, ଗୌରାଙ୍ଗ ପାଣିଗ୍ରାହି, ଜିନ୍ନ୍ୟୀ ସାହାଣୀ, ବାବାଜୀ ଧଳ - ଉପସଭାପତି, ଏନ୍ ଗୋପାଳ, ପ୍ରଦୀପ ସେଠୀ - ସମ୍ପାଦକ ଓ ସିମାଚଂଳ ବାରିକ କୋଷାଧକ୍ଷ ଭାବେ ନିର୍ବାଚିତ ହେଲେ।

## ଧାରାବାହିକ:

ଭାଗ-୫୯

# ସଂକ୍ଷିପ୍ତ ଭାଗବତ କଥାମୃତ

### ଏକାଦଶ ସ୍କନ୍ଧ



**ଡ. ଶ୍ରୀହରି ପଣ୍ଡା**



ଜୀବର ଦେହରୁ ଦେହାନ୍ତର ଗତି ବା ଜନ୍ମମରଣ ଏହିପରି ସଂଘଠିତ ହୁଏ । ନିଦ୍ରାର ଅବସାନରେ ସ୍ୱପ୍ନଦୃଷ୍ଟ ମିଥ୍ୟା ଶରୀର ଦୃଷ୍ଟ ନ ହେବା ପରି ନୂତନ ଶରୀର ପ୍ରାପ୍ତିରେ ପୁରାତନ ସମ୍ପର୍କ ବିସ୍ମୃତ ହୋଇଯାଏ । ଉଦ୍ଧବ ପଚାରିଲେ ପ୍ରଭୁ! ସଂସାର ବନ୍ଧନ ଯଦି ମିଥ୍ୟା ତେବେ ତାହାର ନିବୃତ୍ତିରେ ଆଉ କି ପ୍ରୟୋଜନ? ଶ୍ରୀ ଭଗବାନ କହିଲେ ସଂସାର ବନ୍ଧନ ବା ସାଂସାରିକ ବିଷୟ ସମୂହର ପାରମାର୍ଥିକ ସତ୍ତା ଯଦିଓ ନାହିଁ ତଥାପି ବିଷୟ ଚିନ୍ତାକାରୀ ଜୀବ ଜନ୍ମ ମରଣ ଜରା ବ୍ୟାଧି ଆଦି ଦୁଃଖରୁ ମୁକ୍ତ ନୁହେଁ । ଏହା ସମସ୍ତଙ୍କର ପ୍ରତ୍ୟକ୍ଷୀଭୂତ ଦୈନନ୍ଦିନ ଘଟଣା, ସ୍ୱପ୍ନରେ ଅନୁଭୂତ ଦୁଃଖ, କଷ୍ଟ ଓ ଭୟ ଆଦି ମିଥ୍ୟା ହୋଇଥିଲେ ହେଁ ନିଦ୍ରା ଭଙ୍ଗପରେ ତାହା ଲାଗି ରହିଥାଏ । ସେହିପରି ବିଷୟ ଭୋଗ ଅଳୀକ ହେଲେ ହେଁ ତାହାର ପ୍ରାପ୍ତି କାମନା ଓ ସେଥିନିମିତ୍ତ ଉଦ୍ୟମ ଜନିତ କ୍ଲେଶ ଓ ଅନର୍ଥର ହେତୁ ବିଷୟ ଆଶକ୍ତି ଓ ତଦଜନୀତ ସଂସାର ବନ୍ଧନ ବର୍ଜନୀୟ । ହେ ପ୍ରିୟ ଉଦ୍ଧବ, ନିଜର ଭ୍ରାନ୍ତି ଦୂର କରି ମୋର ମାୟା ବିକଳ୍ପିତ ବିଷୟ ଜାଲରୁ ନିଜକୁ ମୁକ୍ତ କରି ପାରମାର୍ଥିକ ତତ୍ୱ ଚିନ୍ତନ ଦ୍ୱାରା ଚଞ୍ଚଳ ଚିତ୍ତକୁ ସ୍ଥିର କର । ଯଦି କୌଣସି ଦୁର୍ଜନ ବା ଅସତ ବ୍ୟକ୍ତି ତିରସ୍କାର, ଅପମାନ, ଉପହାସ, ଦୋଷ ଦର୍ଶନ, ବନ୍ଧନ, ପ୍ରହାର, ଜୀବିକାରୁ ବଞ୍ଚିତ କରିବା କିମ୍ବା ଏପରିକି ଶରୀର ଉପରେ ମଳମୂତ୍ରାଦି ନିକ୍ଷେପ କରେ ତଥାପି ମୋକ୍ଷାର୍ଥୀ ସୁପୁରୁଷ ତାହାକୁ ଅଦୃଷ୍ଟ ବା କର୍ମଫଳ ବିଚାରି ଧୈର୍ଯ୍ୟ ଅବଲମ୍ବନ କରେ । ନିଜର ବିଚାର ବୁଦ୍ଧିକୁ ପ୍ରୟୋଗ କରି ମୋର ନାମ ସ୍ମରଣ ପୂର୍ବକ ନିଜକୁ ନିଜେ ଉଦ୍ଧାର କରିବେ । କୌଣସି ପରିସ୍ଥିତିରେ ମଧ ପ୍ରତିହିଂସା ପରାୟଣ ହେବେନାହିଁ । ଯେ କୌଣସି ପ୍ରତିକୂଳ ଅବସ୍ଥାରେ ମଧ ମୋର ଭଜନ କୀର୍ତ୍ତନ ଛାଡିବେନାହିଁ । ଉଦ୍ଧବ ପୁଣି କହିଲେ, ପ୍ରଭୁ! ମୋ ମନରେ ସଂଶୟ ଜାତ ହେଉଛି ଯେ ରକ୍ତ, ମାଂସର ଦେହ ଧାରଣ କରି ଏପରି କିଏ ସହିଷ୍ଣୁ ସଂସାରରେ ଅଛି ଯିଏ କି ଦୁର୍ଜନର ଏ ସମସ୍ତ ଅତ୍ୟାଚାର, ଉତ୍ପୀଡନ ନୀରବରେ ବରଦାସ୍ତ କରିଯିବ? ଦୁର୍ଜନର ବଚନରୂପୀ ଶରାଘାତକୁ କିଏ ବା ସହିପାରିବ? କେବଳ ଆପଣଙ୍କ ଶ୍ରୀଚରଣରେ ଦେହମନ ଅର୍ପଣ କରିଥିବା ବ୍ୟକ୍ତି ହୁଏତଃ କରିପାରେ ମାତ୍ର ସାଧାରଣ ବ୍ୟକ୍ତି ଏହାକୁ କିପରି ସହ୍ୟ କରିପାରିବ ତାହାର ଉପାୟ ମୋତେ ବୁଝାଇ ଦିଅନ୍ତୁ ।

### ୨୩ଶ ଅଧ୍ୟାୟ, ଜଣେ ସହିଷ୍ଣୁ ଭିକ୍ଷୁ ବ୍ରାହ୍ମଣ ଉପାଖ୍ୟାନ

ଶ୍ରୀ ଭଗବାନ କହିଲେ ତୁମେ ଯାହା କହିଲ ସବୁ ସତ୍ୟ । ଦୁର୍ଜନର କୁବଚନ ରୂପୀ ତୀକ୍ଷ୍ଣଶର ମର୍ମସ୍ଥଳକୁ ଆଘାତ କରି ଯେପରି ବ୍ୟଥା ଓ ବେଦନା ସୃଷ୍ଟି କରେ, ପ୍ରକୃତ ଶରର ଯନ୍ତ୍ରଣା ତାଠାରୁ ନିଶ୍ଚିତ କମ । ଯିଏ ପ୍ରକୃତ ବୀର ସେ ତ ଯୁଦ୍ଧ କ୍ଷେତ୍ରରେ ରକ୍ତପାତକୁ ବୃତ୍ତି ମନେକରି ସହ୍ୟ କରିଯାଏ । ମାତ୍ର ଦୁର୍ଜନର କୁବାକ୍ୟରେ ଯେଉଁ ଦାହିକା ଶକ୍ତି ଅଛି ତାହା ଆଉ କେଉଁଥିରେ ନାହିଁ । ଜିତେନ୍ଦ୍ରିୟ ମୁନିଋଷି, ଦେବତାମାନେ ମଧ ସେହି ଆଘାତକୁ ସହିବା କଷ୍ଟ ଏହା ସତ୍ତ୍ୱେ ସହ୍ୟଶକ୍ତି କିପରି ଏକ ଅତି ମହତ୍ ଗୁଣ, ମୋର ପରିତୃପ୍ତି ବିଧାନ ଏବଂ ମୋତେ ଲାଭ କରିବାର ପ୍ରକୃଷ୍ଟ ଉପାୟ ତାହା ମୁଁ ତୁମକୁ ଏହି ଉପାଖ୍ୟାନ ମାଧ୍ୟମରେ ବୁଝାଇଦେଉଛି । ପୂର୍ବେ ଅବନ୍ତୀନଗରରେ ଜଣେ ଧନବାନ ବିପ୍ର ବାସ କରୁଥିଲା । କୃଷି, ବାଣିଜ୍ୟ ଏବଂ ଅନ୍ୟ ନିନ୍ଦିତ କର୍ମ ଦ୍ୱାରା ସେ ବହୁ ଅର୍ଥ ଉପାର୍ଜନ କରିଥିଲା ମାତ୍ର ଅତ୍ୟଧିକ କୃପଣତା ପାଇଁ ଅତିଥିଙ୍କୁ ଛାଡ ନିଜ ପରିବାରର ପ୍ରତିପୋଷଣ ମଧ କରୁନଥିଲା ଏପରିକୁ ଦୁଇମୁଠା ଖାଇବାକୁ ମଧ ଦେଉନଥିଲା କି ନିଜେ ମଧ ଖାଉନଥିଲା । ପରହିତ ସାଧନରେ ତାର ବିଶ୍ୱାସ ଥିବା କାରଣରୁ ସମସ୍ତଙ୍କୁ କଠୋର ବ୍ୟବହାର କରୁଥିଲା । ସେ ତାର ସଞ୍ଚିତ ଧନରାଶିକୁ ଦେଖି ଆନନ୍ଦିତ ହେଉଥିଲା । କିଛିଦିନ ପରେ ତାର ପରିବାର ଓ ଦାସଦାସୀ କ୍ଷୁଧାର ତାଡନାରୁ ସେହି ବ୍ୟକ୍ତିର ବିରୁଦ୍ଧଚାରଣ କଲେ ଓ କିଛି କିଛି ଧନ ନେଇ ତାକୁ ପରିତ୍ୟାଗ କରି ଚାଲିଗଲେ । ଦେବତାମାନେ ମଧ ସେହି ବ୍ୟକ୍ତି ଉପରେ କୋପ କରିବାରୁ କିଛି ଧନ ଅନଳରେ, ବାଣିଜ୍ୟ ପୋତ ଜଳରେ, ରକ୍ଷକ ନଥିବାର ସୁଯୋଗରେ ଦସ୍ୟୁ ଏବଂ ନିଜର ଜ୍ଞାତି କୁଟୁମ୍ବମାନେ ମଧ ଧନ ଅପହରଣ କରିନେଲେ । ଯାହା ଅବଶିଷ୍ଟ ଧନ ଥିଲା ତାକୁ ରାଜା ନେଇଗଲେ । ଏହିପରି ତାର ସମସ୍ତ ଧନ ନିଶେଷ ହୋଇଯିବାରୁ ସେ ଅତ୍ୟନ୍ତ କଷ୍ଟରେ କାଳାତିପାତ କରିବାକୁ ଲାଗିଲା । କିପରି ବଞ୍ଚିବ ତାର ଚିନ୍ତା ତାକୁ ସବୁବେଳେ ଦଗ୍ଧ କରିବାକୁ ଲାଗିବାରୁ ସେ କ୍ରମେ କ୍ଷୀଣ ହେବାକୁ ଲାଗିଲା । ଏହିପରି ଅବସ୍ଥାରେ ହଠାତ୍ ତାର ପୂର୍ବ ସୁକୃତରୁ ତା ମନରେ ବୈରାଗ ଜାତହେଲା । ସେ ବିଚାରିଲା ମୁଁ ଏତେ ଧନ ଅର୍ଜନ କଲି କିନ୍ତୁ କି କାମରେ ଲାଗିଲା? ସେହି ଧନ ସଞ୍ଚୟ ପାଇଁ ମୁଁ କେତେ କୁକର୍ମ କରିଛି କିନ୍ତୁ କଣ ହେଲା, ସମସ୍ତ ଧନ ସ୍ୱତଃ ଚାଲିଗଲା । କେବଳ ପାପ ଛଡା ମୁଁ କିଛି ପାଇଲି ନାହିଁ ଏପରିକି ଏହି ଧନ ପାଇଁ ମୋତେ ନର୍କରେ ବି ସ୍ଥାନ ମିଳିବ ନାହିଁ । ଧନ ଲୋଭରେ ପରିବାରକୁ ପ୍ରତିପୋଷଣ ନକରିବାରୁ ସେମାନେ କ୍ଷୁଧାରେ ମୋତେ ପରିତ୍ୟାଗ କଲେ, ମୁଁ ସେମାନଙ୍କୁ ଖୋଜିଲି ନାହିଁ, ନିଜ ମୁଖରେ ନିଜେ ହିଁ ଅଗ୍ନି ଜାଳିଲି, ଧନ ସଂଚୟର ଏହି ଶୋଚନୀୟ ପରିଣତି । ଅର୍ଥରୁ ହିଁ ଅନର୍ଥ ଅର୍ଥାତ- ଚୌର୍ଯ୍ୟ, ହିଂସା, ମିଥ୍ୟା, କପଟ, ଲୋଭ, କ୍ରୋଧ, ଗର୍ବ, ଅହଂକାର, ଅଭିମାନ, ଭେଦବୁଦ୍ଧି, ଶତ୍ରୁତା, ଅବିଶ୍ୱାସ, ସହିଷ୍ଣୁତା ଓ ବ୍ୟସନ ପନ୍ଦର ଦୋଷ ଉତ୍ପନ୍ନ ହୁଏ । ଅର୍ଥ ପ୍ରାପ୍ତି ଆଗ୍ରହରୁ ପ୍ରଥମେ ଛଅଟି ଓ ଅର୍ଥପ୍ରାପ୍ତିପରେ ଅବଶିଷ୍ଟ ନଅଟି ଦୋଷର ଉତ୍ପତ୍ତି ହୁଏ । ତେଣୁ ସାଧୁସନ୍ଥମାନେ ନିୟତ କର୍ମାଚାରଣ କରି ଶାନ୍ତ ଓ ଶୁଦ୍ଧ ଚିତ୍ତରେ କାଳ ଯାପନ କରିଥାନ୍ତି । ଅଥଚ ମୁଁ ବ୍ରାହ୍ମଣ କୁଳରେ ଜନ୍ମ ହୋଇ ମଧ ଦେବ ବାଞ୍ଛିତ ଦୁର୍ଲଭ ମନୁଷ୍ୟ ଜନ୍ମକୁ ନଷ୍ଟ କରିଦେଲି । ମୁଁ ମୂର୍ଖ, ନିର୍ବୋଧ, ଦେବତା, ପିତୃମାତୃଙ୍କର ସାମାନ୍ୟ ସେବା ମଧ କଲିନାହିଁ । ଏ ଜନ୍ମ ବ୍ୟର୍ଥ ଗଲା । ମାତ୍ର ମୋର ଭାଗ୍ୟ ହେତୁ ବିଳମ୍ବରେ ହେଲେ ବି ଜ୍ଞାନୋଦୟ ହୋଇଛି । ଏହା ହିଁ ଭଗବାନଙ୍କର ମୋ ପ୍ରତି ଅନୁଗ୍ରହ । ମୁଁ ଏବେ ସକଳ କାମନା ଓ ବାସନା ତ୍ୟାଗକରି ମନକୁ ସ୍ଥିର କରି ଭଗବାନଙ୍କ ଶ୍ରୀଚରଣରେ ଲଗାଇଦେବି । ଖଟ୍ୱାଙ୍ଗ ରାଜା ମୁହୂର୍ତ୍ତ ପୁଣ୍ୟଫଳରେ ଈଶ୍ୱର ଅନୁଗ୍ରହ ଲାଭ କରି ବ୍ରହ୍ମଲୋକପ୍ରାପ୍ତ ହୋଇଥିଲେ । ମୁଁ ବୃଦ୍ଧ ହେଲେ ବି ମନକୁ ଶାନ୍ତ ଓ ସ୍ଥିର କରି ଭଗବାନଙ୍କ ପାଦପଦ୍ମରେ ଲଗାଇ ମୁନିଋଷିଙ୍କ ପରି ଆଚରଣ କରିବି ଓ ଅବଧୂତ ରୂପେ ପର୍ଯ୍ୟଟନ କରିବି । ଏହିପରି ବିଚାରି ସେହି ବୃଦ୍ଧ ମଳିନ ବସ୍ତ୍ର ପରିଧାନକରି ପର୍ଯ୍ୟଟନରେ ବାହାରିଲେ । ଭିକ୍ଷା ନିମନ୍ତେ ଭ୍ରମଣ କଲାବେଳେ ଦୁଷ୍ଟଲୋକମାନେ ବହୁ କଷ୍ଟ ଦେଲେ, କେହି ଆସନ, କମଣ୍ଡଳୁ, ଦଣ୍ଡ, ଜପାମାଳି, ଉପବିତ ଆଦି ଛଡାଇନେଲେ ତ କେହି ଫେରାଇଦେବାକୁ କହି ଜଳକୁ ନିକ୍ଷେପ କଲା । କେହି ଅକାରଣେ ଗାଳି, ମାଡ ତ କେହି ତାଙ୍କ ଭିକ୍ଷାପାତ୍ରରେ ମଳମୂତ୍ର ତ୍ୟାଗକଲା । ସେ ମୌନାବଲମ୍ବୀ ହୋଇଯାଥିବାରୁ କଥା କୁହାଇବାକୁ ନାନା ଯାତନା ଦେଲେ, କେହି ବି ତାଙ୍କୁ ଚିହ୍ନିପାରି ନାନା ବିଦ୍ରୂପକଲା । କେହି କେହି ଏ କୃପଣ ନିଶ୍ଚିତ ଚୋରିକରିବାକୁ ଆସିଛି କହି ତଡିଦେଲେ ତ କେଉଁଠି ଗୋଟାଏ ଘରେ ପୂରାଇ ତାଲା ମାରିଦେଲେ । ବ୍ରାହ୍ମଣ ଏ ସବୁ ନିଜ ଅର୍ଜିଲା କର୍ମର ଫଳ ମାନିନେଇ କାହାର ପ୍ରତିବାଦ କଲେନାହିଁ କି ସ୍ୱଧର୍ମ ପାଳନରୁ ବିଚ୍ୟୁତ ହେଲେନାହିଁ । ସେ ବିଚାର କଲେ ଏ ଲୋକମାନେ ମୋର ଶତ୍ରୁ କି ମିତ୍ର ନୁହଁନ୍ତି କିମ୍ବା ଏମାନେ ମଧ ସୁଖ କି ଦୁଃଖଦାତା ନୁହଁନ୍ତି । ନିର୍ଦ୍ଦୋଶ ଓ ନିର୍ବିକାର ଜୀବକୁ ମନ ମାୟାଗ୍ରସ୍ତ କରି ତ୍ରିଗୁଣ ସଂଯୋଗରେ ବିଭିନ୍ନ କର୍ମରେ ଉତ୍ପତ୍ତି କରାଏ । ସେହି କର୍ମଫଳ ହେତୁ ଜୀବର ବିଭିନ୍ନ ଗତି ହୋଇଥାଏ । ଅଦୃଷ୍ଟ ଶକ୍ତିଚାଳିତ ଓ ମନୁଷ୍ୟର ବଳବାନ ଇନ୍ଦ୍ରିୟ ମନ ହିଁ ସଂସାର ଚକ୍ରର ପରିଚାଳକ । ଦାନ, ଧ୍ୟାନ, ଯମ, ଆସନ, ଆଦି ଯୋଗାଭ୍ୟାସ ଶାସ୍ତ୍ର ପଠନ ଏକାଦଶୀ ବ୍ରତପାଳନ, ଏ ସମସ୍ତ କର୍ମର ଏକମାତ୍ର ଲକ୍ଷ୍ୟ ହେଲା ଏହି ଅପ୍ରତିହିତ ମନକୁ ସଂଯତ କରିବା । ସମସ୍ତ ଇନ୍ଦ୍ରିୟ ମାନଙ୍କ ମଧ୍ୟରେ ରାଜା ବଳ ଅପେକ୍ଷା ବଳବାନ, ଏହି ମନର ଚାଞ୍ଚଲ୍ୟ ଏହି ମନର ନିବାରଣ ହିଁ ଶ୍ରେଷ୍ଠ ଯୋଗ । ମନକୁ ବଶୀଭୂତ କରିଥିବା ବ୍ୟକ୍ତି ହିଁ ଦେବତା । ମାତ୍ର ମୁଁ ନିର୍ବୋଧ, ଅଜ୍ଞାନ ଏହି ମାୟାଗ୍ରସ୍ତ ଉଦଣ୍ଡ ମନକୁ ଅଖଣ୍ଡ ସ୍ୱାଧୀନତା ଦେବାଫଳରେ ମୋର ଚରମ ଅଧୋଗତି ହିଁ ସମ୍ଭବ ହେଲା । ଏହି ମନ ମୋତେ ନରକ ପଥରେ ଟାଣିନେଲା । ତେଣୁ ଆଜିର ଏହି ଶୋଚନୀୟ ଅବସ୍ଥା, ଏ ଭତ୍ସନା, ତାଡନା, ସବୁ ମୋର କୃତକର୍ମର ଫଳ । ଏହି ଭିକ୍ଷୁ ବ୍ରାହ୍ମଣର ଆଖ୍ୟାନ, ଏହି ପରମ ଆତ୍ମନିଷ୍ଠାର କଥା ଯେ ଶ୍ରଦ୍ଧା ସହ ଶ୍ରବଣ ଓ ପଠନ କରନ୍ତି, ଅନ୍ୟକୁ ଶୁଣାନ୍ତି, ଅନ୍ତରରେ ଧାରଣ କରନ୍ତି ତାଙ୍କର ଅଶେଷ ଦୋଷ ଖଣ୍ଡନ ହୁଏ, ପୁଣ୍ୟ ବର୍ଦ୍ଧନ ହୁଏ ଏବଂ ସଂସାର ଦୁଃଖ, ଶୋକ ମୋଚନ ହୁଏ ।

### ୨୪ଶ ଅଧ୍ୟାୟ, ସାଂଖ୍ୟ ଯୋଗ

ଶ୍ରୀ ଭଗବାନ କହିଲେ ହେ ଉଦ୍ଧବ, ମୁଁ ଏବେ ତୁମକୁ କପିଳ ପ୍ରମୁଖ ଋଷିଗଣ ନିର୍ମିତ ସାଂଖ୍ୟ ଯୋଗ ବିଷୟ କହୁଛି । ଏହା ଜାଣିଲେ ମନୁଷ୍ୟ ମନରୁ ଭେଦବୁଦ୍ଧି ସମ୍ଭୁତ ସୁଖ ଦୁଃଖର ଭ୍ରମ ଦୂର ହୁଏ । ଏକ ଓ ଅଦ୍ୱିତୀୟ ପରମାତ୍ମାଙ୍କର ମାୟାର ପ୍ରଭାବ ହେତୁ ପ୍ରକୃତି ଓ ପୁରୁଷ ଦ୍ୱୈତ ଭ୍ରମର ଉତ୍ପତ୍ତି ହୁଏ । ପରେ ଅବଶ୍ୟ ଏହି ଦ୍ୱୈତଭ୍ରମ ସେହି ଅଦ୍ୱିତୀୟ ପରମାତ୍ମାଙ୍କଠାରେ ଲୀନ ହୁଏ ଓ ଦ୍ୱୈତ ଭ୍ରମର ନିବୃତ୍ତି ହୁଏ । ଏହି କଥା ବୁଝାଇବା ନିମିତ୍ତ ଏହି ସାଂଖ୍ୟ ଯୋଗର ଅବତାରଣ । ଯୁଗାରମ୍ଭର ପୂର୍ବ ପ୍ରଳୟ କାଳରେ ବାକ୍ୟ ମନର ଅତୀତ ସତ୍ୟ ସ୍ୱରୂପ ବ୍ରହ୍ମ ମାୟାର ବିନାଶ ସ୍ୱରୂପ ଦୁଇପ୍ରକାର ଦୃଶ୍ୟ ହେଲେ । ଯଥା ଦୃଶ୍ୟମାନ ଜଗତ ଓ ଦ୍ରଷ୍ଟା ଅର୍ଥାତ୍ ଜୀବ । ଅଦ୍ୱିତୀୟ ବ୍ରହ୍ମର ଯେଉଁ ଯେଉଁ ଦ୍ୱିଧାଭୂତ ଅଂଶ ତାର ଏକାଂଶ ହେଲା କାର୍ଯ୍ୟକାରଣ ରୂପା ଓ ସୃଷ୍ଟି,ସ୍ଥିତି ଓ ଲୟର ଅଧୀନ ଏହି ଦୃଶ୍ୟମାନ ପୃଥିବୀ । ଏବଂ ଅନ୍ୟ ଅଂଶଟି ହେଲା ଦ୍ରଷ୍ଟା ବା ପୁରୁଷ । ବ୍ରହ୍ମରୂପୀ ଈଶ୍ୱର ବା ମୋର ପ୍ରେରଣା ଦ୍ୱାରା ଜୀବ ବା ପୁରୁଷ କର୍ମଯୁକ୍ତ ହୁଏ । ଏବଂ ସେହି କର୍ମ ହେତୁ ଜଡ ପ୍ରକୃତି ମଧ୍ୟରେ କ୍ଷୋଭ ବା ଚାଞ୍ଚଲ୍ୟ ଉତ୍ପନ୍ନ ହୁଏ । ସେହି କ୍ଷୋଭର ଫଳ ସ୍ୱରୂପ ପ୍ରକୃତିର ସତ୍ୱ, ରଜ ଓ ତମ ଏହି ତିନିଗୁଣର ସୃଷ୍ଟି ହୁଏ । ଏହି ତିନି ଗୁଣରୁ କ୍ରୀୟାଶକ୍ତି ଯୁକ୍ତ ପ୍ରଥମ ବିକାର ସୂତ୍ରର ଉତ୍ପତ୍ତି ହୁଏ । ଏଥିରୁ ମହତତ୍ତ୍ୱର ଉଦ୍ଭବ ହୁଏ । ମହତତ୍ତ୍ୱ ବିକାର ପ୍ରାପ୍ତି ହୋଇ ଅହଂକାର ଜାତ ହୁଏ । ଏହି ଅହଂକାର ଜୀବର ମୋହ ଉତ୍ପାଦନର ହେତୁ । ସାତ୍ତ୍ୱିକ, ରାଜସିକ ଓ ତାମସିକ ଭେଦରେ ଏହି ଅହଂକାର ତିନି ପ୍ରକାର । ଏହା ପଞ୍ଚତନ୍ମାତ୍ରା, ଦଶ ଇନ୍ଦ୍ରିୟ ଓ ମନର ଉତ୍ପତ୍ତିର କାରଣ । ଶବ୍ଦାଦି ପଞ୍ଚ ତନ୍ମାତ୍ରାର ହେତୁ ଯେଉଁ ତାମସିକ ଅହଂକାର ତହିଁରୁ ପଞ୍ଚମାହାଭୂତ ଉତ୍ପନ୍ନ ହେଲା । ରାଜସିକ ଅହଂକାରରୁ ଦଶ ଇନ୍ଦ୍ରିୟ ଏବଂ ସାତ୍ୱିକ ଅହଂକାରରୁ ଏକାଦଶ ଦେବତା ଓ ମନର ଉତ୍ପତ୍ତି ହେଲା ।

( କ୍ରମଶଃ )


+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮


## ସମ୍ପର୍କର ଟାଙ୍ଗ

# ଭାଷା, ସଂସ୍କାର ଓ ସଂସ୍କୃତି



**ଶ୍ୱେତା ରାଉତ୍**

ଭାଷା ହେଉଛି ଗୋଟିଏ ଜାତିର ଆତ୍ମା, ଆଉ ସଂସ୍କୃତି ହେଉଛି ସେହି ଆତ୍ମାର ଜୀବନ୍ତ ପ୍ରତିଛବି। ମଣିଷ ଯେତେବେଳେ ନିଜ ମାତୃଭାଷାରେ ମନର କଥା କହେ, ସେତେବେଳେ କେବଳ ଶବ୍ଦ ଉଚ୍ଚାରଣ କରେ ନାହିଁ, ତା' ସହିତ ନିଜ ମାଟି, ମାଆ, ପରମ୍ପରା ଓ ପୂର୍ବପୁରୁଷଙ୍କ ସ୍ମୃତିକୁ ମଧ ବହନ କରେ। ଆମେ ଯଦି ଆମ ଭାଷାକୁ ଭୁଲିଯିବା, ତେବେ ଆମ ଓଡ଼ିଆ ଜାତିର ପରିଚୟ ହଜିଯିବ।

ଆମ ଓଡ଼ିଆ ଭାଷାର ଇତିହାସ ଓ ସାହିତ୍ୟ ଅତ୍ୟନ୍ତ ସମୃଦ୍ଧ। ସାରଳା ଦାସଙ୍କ ମହାଭାରତଠାରୁ ଆରମ୍ଭ କରି ପଞ୍ଚସଖାଙ୍କ ଭକ୍ତିଧାରା, ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟସୌନ୍ଦର୍ଯ୍ୟ, ଫକୀରମୋହନଙ୍କ ଗଳ୍ପସାହିତ୍ୟ ଓ ଗଙ୍ଗାଧରଙ୍କ ପ୍ରକୃତିପ୍ରେମ, ଓଡ଼ିଆ ଭାଷାର ପ୍ରତ୍ୟେକ ଯୁଗ ଆମ ସାଂସ୍କୃତିକ ଚେତନାକୁ ସମୃଦ୍ଧ କରିଛି। ଆମ ଭାଷାରେ ରହିଛି ଭକ୍ତି, ପ୍ରେମ, ମାନବିକତା ଓ ମାଟି ପ୍ରତି ଅସୀମ ମମତା।

କିନ୍ତୁ ଭାଷାର ସମୃଦ୍ଧି କେବଳ ଶବ୍ଦଭଣ୍ଡାରରେ ନୁହେଁ, ଏହାର ପ୍ରକୃତ ସୌନ୍ଦର୍ଯ୍ୟ ମଣିଷର ଆଚରଣରେ ପ୍ରକାଶ ପାଏ। ସଂସ୍କାରରୁ ହିଁ ସଂସ୍କୃତିର ପରିଚୟ ହୋଇଥାଏ। ବଡ଼ମାନଙ୍କୁ ସମ୍ମାନ କରିବା, ସାନମାନଙ୍କୁ ସ୍ନେହ ଦେବା, ଅତିଥିଙ୍କୁ ଆଦର କରିବା, ଅସହାୟଙ୍କ ପାଖରେ ଠିଆ ହେବା, ପ୍ରକୃତିକୁ ଭଲ ପାଇବା ଏବଂ ଅନ୍ୟର ଦୁଃଖରେ ଦୁଃଖୀ ହେବା,ଏସବୁ ହେଉଛି ସଂସ୍କୃତିର ପ୍ରକୃତ ମାପଦଣ୍ଡ। ଆଜିର ଦ୍ରୁତ ପରିବର୍ତ୍ତନଶୀଳ ଯୁଗରେ ଆମେ ଆଧୁନିକତାକୁ ଗ୍ରହଣ କରୁଛୁ, ନୂଆ ଭାଷା ଶିଖୁଛୁ, ନୂଆ ଜୀବନଶୈଳୀ ଆପଣାଉଛୁ। ଏଥିରେ ଦୋଷ ନାହିଁ। କିନ୍ତୁ ଆଧୁନିକ ହେବାର ଅର୍ଥ ନିଜ ମୂଳକୁ ଭୁଲିଯିବା ନୁହେଁ। ନୂଆକୁ ଗ୍ରହଣ କରିବା ସହିତ ପୁରୁଣାର ଭଲକୁ ସାଇତି ରଖିବା ହିଁ ପ୍ରକୃତ ସମୃଦ୍ଧି।

ଆମ ପିଲାମାନେ ଯଦି ଓଡ଼ିଆ କହିବାକୁ ଲଜ୍ଜା ନକରନ୍ତି, ନିଜ ପରମ୍ପରାକୁ ଜାଣନ୍ତି, ଜଗନ୍ନାଥ ସଂସ୍କୃତିର ମାନବିକତାକୁ ବୁଝନ୍ତି ଏବଂ ଜୀବନରେ ଭଲ ସଂସ୍କାରକୁ ଆପଣାନ୍ତି, ତେବେ ଆମ ଭାଷା ଓ ସଂସ୍କୃତି ନିଶ୍ଚୟ ଆହୁରି ସମୃଦ୍ଧ ହେବ।

ଭାଷା ଆମକୁ ନିଜ ପରିଚୟ ଦିଏ, ସଂସ୍କାର ଆମକୁ ମଣିଷ କରେ ଏବଂ ସଂସ୍କୃତି ଆମକୁ ଆମ ମୂଳ ସହିତ ଯୋଡ଼ି ରଖେ। ତେଣୁ ଆମ ମାତୃଭାଷାକୁ ଭଲ ପାଇବା, ନିଜ ସଂସ୍କୃତିକୁ ସମ୍ମାନ କରିବା ଏବଂ ସୁସଂସ୍କାରକୁ ପରବର୍ତ୍ତୀ ପିଢ଼ିକୁ ଦେବା, ଏହା କେବଳ ଦାୟିତ୍ୱ ନୁହେଁ, ଏହା ଆମ ମାଟି ପ୍ରତି ଆମର ଭଲପାଇବାର ସବୁଠାରୁ ସୁନ୍ଦର ପ୍ରକାଶ। ତେଣୁ ଆମ ସମସ୍ତଙ୍କ ଦାୟିତ୍ୱ ଆମ ଭାଷାକୁ ସମୃଦ୍ଧ କରିବା ସହିତ ଆମ ସଂସ୍କୃତିକୁ ମଧ ସମୃଦ୍ଧ ରଖିବା।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦


# ସବୁ ପୋଷାକକୁ ଖୁବ ମାନିବ କଶ୍ମିରୀ ଚୁଡ଼ି




ଭାରତୀୟ ପରମ୍ପରାରେ ଚୁଡ଼ି ମହିଳାଙ୍କ ଶୃଙ୍ଗାରର ଏକ ପ୍ରମୁଖ ଅଂଶ। ବିବାହ, ପର୍ବପର୍ବାଣି ହେଉ କି ସାଧାରଣ ଦିନ ହାତରେ ଚୁଡ଼ି ପିନ୍ଧିଲେ ଲୁକ୍‌ରେ ଏକ ଭିନ୍ନ ଆକର୍ଷଣ ଆସିଥାଏ। ତେବେ ପ୍ରତ୍ୟେକ ପୋଷାକ ସହ କେଉଁ ଚୁଡ଼ି ପିନ୍ଧିବେ, ତାହା ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ରହିଥାଏ। ଏଭଳି ସମୟରେ କଶ୍ମୀରୀ ଚୁଡ଼ି ଏକ ଭଲ ବିକଳ୍ପ ହୋଇପାରେ। କଶ୍ମୀରୀ ଚୁଡ଼ି ବିଭିନ୍ନ ରଙ୍ଗ, ଡିଜାଇନ୍ ଓ ପ୍ୟାଟର୍ନରେ ମିଳିଥାଏ। ରଙ୍ଗିନ ଚୁଡ଼ି ସହ ମୋତି, ନଗ, ଗୋଲଡ୍ଡେନ୍ ଡିଟେଲିଂ ଓ ପାରମ୍ପରିକ ଡିଜାଇନ୍ ଥିବା ଚୁଡ଼ି ମଧ ମିଳେ। ଦୈନନ୍ଦିନ ବ୍ୟବହାର ପାଇଁ ପତଳା ଓ ସିମ୍ପଲ୍ ଚୁଡ଼ି ଏବଂ ବିବାହ କିମ୍ବା ପର୍ବପର୍ବାଣି ପାଇଁ ହାଲୁକା ଭାବେ ସଜାଯାଇଥିବା ସେଟ୍ ବାଛିପାରିବେ। ସାଧାରଣ ସୁଟ୍ କିମ୍ବା ସଲୱାର ସୁଟ୍ ସହ କଶ୍ମୀରୀ ଚୁଡ଼ି ବେଶ୍ ଆକର୍ଷଣୀୟ ଦେଖାଯାଏ। ହାଲୁକା ରଙ୍ଗର ପୋଷାକ ସହ ଗାଢ଼ ରଙ୍ଗର ଚୁଡ଼ି ପିନ୍ଧିଲେ ଭଲ କଣ୍ଟ୍ରାଷ୍ଟ ମିଳେ। ଅନ୍ୟପଟେ ଗାଢ଼ କିମ୍ବା ହେଭି ସୁଟ୍ ସହ ହାଲୁକା ରଙ୍ଗର ଚୁଡ଼ି ପିନ୍ଧିଲେ ଲୁକ୍ ବାଲାନ୍ସ ହୋଇଥାଏ। ଚାହିଁଲେ ଚୁଡ଼ି ସହ ଛୋଟ କଡ଼ା ମଧ ମିଶାଇପାରିବେ। ଶାଢ଼ି ସହ କଶ୍ମୀରୀ ଚୁଡ଼ି ପିନ୍ଧିଲେ ପାରମ୍ପରିକ ଲୁକ୍ ଆହୁରି ଆକର୍ଷଣୀୟ ହୋଇପାରେ। ବିଶେଷକରି କଟନ୍, ସିଲ୍କ କିମ୍ବା ପ୍ରିଣ୍ଟେଡ୍ ଶାଢ଼ି ସହ ରଙ୍ଗିନ ଚୁଡ଼ି ଭଲ ମାନିଥାଏ। ଶାଢ଼ିର କୌଣସି ଏକ ରଙ୍ଗ ସହ ମେଳ ଖାଉଥିବା ଚୁଡ଼ି ବାଛିଲେ ସମ୍ପୂର୍ଣ୍ଣ ଲୁକ୍ ଅଧିକ ସୁନ୍ଦର ଦେଖାଯାଏ। ଦୈନନ୍ଦିନ ବ୍ୟବହାର ପାଇଁ କୁର୍ତ୍ତି ସହ ମଧ ଏହି ଚୁଡ଼ି ପିନ୍ଧିପାରିବେ। ସାଧାରଣ ଧଳା, କ୍ରିମ୍, କଳା କିମ୍ବା ହାଲୁକା ରଙ୍ଗର କୁର୍ତ୍ତି ସହ ଦୁଇ-ତିନିଟି ରଙ୍ଗର ପତଳା ଚୁଡ଼ି ଲୁକ୍‌କୁ ଷ୍ଟାଇଲିଶ୍ କରିପାରେ। ଚୁଡ଼ି ବାଛିବା ବେଳେ ଲାଲ, ସବୁଜ, ଗୋଲାପୀ, ନୀଳ, ଗୋଲଡ୍ଡେନ୍ କିମ୍ବା କ୍ରିମ୍ ଭଳି ସହଜରେ ମ୍ୟାଚ୍ ହେଉଥିବା ରଙ୍ଗ ବାଛିଲେ ଗୋଟିଏ ସେଟ୍‌କୁ ବିଭିନ୍ନ ପୋଷାକ ସହ ମିକ୍ସ ଆଣ୍ଡ ମ୍ୟାଚ୍ କରିପାରିବେ।

# କଦଳୀ ସହ ଅନ୍ୟ ଫଳକୁ ଏକାଠି ରଖୁଛନ୍ତି କି ?



ଦୈନନ୍ଦିନ ଖାଦ୍ୟରେ ଫଳର ଭୂମିକା ଆମ ଶରୀର ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ତେବେ ଫଳକୁ କେବଳ କିଣି ଆଣିବା ନୁହେଁ, ସଠିକ୍ ଭାବେ ସଂରକ୍ଷଣ କରିବା ମଧ ଜରୁରୀ। ଠିକ୍ ଭାବେ ରଖାନଗଲେ ଫଳ ଶୀଘ୍ର ପାଚିବା ସହ ଖରାପ ହୋଇପାରେ। ବିଶେଷକରି କଦଳୀକୁ ଅନ୍ୟ ଫଳ ସହ ଏକାଠି ରଖିବା ସମୟରେ ସତର୍କ ରହିବା ଆବଶ୍ୟକ। କଦଳୀ ଏକ ଏପରି ଫଳ, ଯାହା ପାଚିବା ସମୟରେ ପ୍ରାକୃତିକ ଭାବେ ଇଥିଲିନ୍ ଗ୍ୟାସ୍ ନିର୍ଗତ କରେ। ଏହି ଗ୍ୟାସ୍ ଫଳ ପାଚିବା ପ୍ରକ୍ରିୟାକୁ ଦ୍ରୁତ କରିଥାଏ। ଫଳରେ କଦଳୀ ପାଖରେ ଇଥିଲିନ୍ ପ୍ରତି ସମ୍ବେଦନଶୀଳ ଅନ୍ୟ ଫଳ ରଖିଲେ ସେଗୁଡ଼ିକ ମଧ ଶୀଘ୍ର ପାଚିବା ଆରମ୍ଭ କରିଦିଏ। ଯାହା ଦ୍ୱାରା ଏହା ଶୀଘ୍ର ନଷ୍ଟ ହୋଇଯାଏ। ସେଓ, ନାଶପାତି, ଆଭୋକାଡୋ, କିୱି, ଆମ୍ବ ଭଳି କିଛି ଫଳ ଇଥିଲିନ୍ ଗ୍ୟାସ୍ ପ୍ରତି ସମ୍ବେଦନଶୀଳ। ତେଣୁ ଏହି ଫଳଗୁଡ଼ିକୁ କଦଳୀ ସହ ଅତି ନିକଟରେ ରଖିଲେ ସେଗୁଡ଼ିକର ପାଚିବା ପ୍ରକ୍ରିୟା ଦ୍ରୁତ ହୋଇଯାଏ। ଫଳରେ ଏହାକୁ ଅଧିକ ସମୟ ରଖିହୁଏନାହିଁ। ଯଦି ଫଳକୁ ଅଧିକ ଦିନ ପର୍ଯ୍ୟନ୍ତ ତାଜା ରଖିବାକୁ ଚାହାନ୍ତି, ତେବେ କଦଳୀ ଓ ଅନ୍ୟ ଫଳକୁ ଅଲଗା ରଖିବା ଭଲ। କଦଳୀର ଡେମ୍ଫରୁ ଅଧିକ ଇଥିଲିନ୍ ନିର୍ଗତ ହୁଏ। ତେଣୁ ଡେମ୍ଫକୁ ଆଲୁମିନିୟମ୍ ଫଏଲ୍‌ରେ ହାଲୁକା ଭାବେ ଢାଙ୍କି ରଖିଲେ ପାଚିବା ପ୍ରକ୍ରିୟା କିଛି ମାତ୍ରାରେ ଧୀର ହୋଇଥାଏ। କଦଳୀକୁ ସିଧାସଳଖ ସୂର୍ଯ୍ୟକିରଣ ଓ ଅଧିକ ଗରମ ସ୍ଥାନରେ ନରଖି ଥଣ୍ଡା ଏବଂ ବାୟୁ ଚଳାଚଳ କରୁଥିବା ସ୍ଥାନରେ ରଖିବା ଭଲ। ପୂରାପୂରି ପାଚିଯାଇଥିବା କଦଳୀକୁ ଅଳ୍ପ ସମୟ ପାଇଁ ଫ୍ରିଜ୍ ରେ ରଖାଯାଇପାରେ। ତେବେ ଥଣ୍ଡା ତାପମାତ୍ରା ଯୋଗୁଁ କଦଳୀର ଚୋପା ଶୀଘ୍ର କଳା ହୋଇପାରେ। ଏହା ସତ୍ତ୍ୱେ ଭିତର ଅଂଶ କିଛି ସମୟ ପର୍ଯ୍ୟନ୍ତ ଖାଇବା ଯୋଗ୍ୟ ହୋଇଥାଅ। ଅନ୍ୟପକ୍ଷରେ, କଞ୍ଚା କଦଳୀକୁ ସାଧାରଣ କୋଠରୀ ତାପମାତ୍ରାରେ ରଖିବା ଭଲ।

# ଦେଶରେ କାହିଁକି ବଢୁଛି ଚାଉଳ ଦର ?

ଭାରତୀୟମାନଙ୍କର, ବିଶେଷ କରି ଦକ୍ଷିଣ ଏବଂ ପୂର୍ବ ଭାରତର ଲୋକମାନଙ୍କର ପ୍ରଧାନ ଖାଦ୍ୟ ହେଉଛି ଚାଉଳ । ବର୍ତ୍ତମାନ ସମୟରେ ଏହି ଅତ୍ୟାବଶ୍ୟକ ଖାଦ୍ୟଶସ୍ୟର ଦରରେ ଅହେତୁକ ବୃଦ୍ଧି ସାଧାରଣ ଖାଉଟିଙ୍କ ପାଇଁ ଏକ ବଡ଼ ଚିନ୍ତାର କାରଣ ପାଲଟିଛି । ହଠାତ୍ ଉନ୍ନତ କିସମର (ଫାଇନ୍ ରାଇସ୍) ଚାଉଳ ଦର ଆକାଶଛୁଆଁ ହୋଇଛି । ଏହି ମୂଲ୍ୟ ବୃଦ୍ଧି କେବଳ ବଜାରର ସାଧାରଣ ଉତ୍ଥାନ-ପତନ ନୁହେଁ, ବରଂ ଏହା କୃଷି କ୍ଷେତ୍ରରେ ଦେଖାଦେଉଥିବା ଗଭୀର ଜଳବାୟୁ ଏବଂ ଅର୍ଥନୈତିକ ପରିବର୍ତ୍ତନର ପ୍ରତିଫଳନ । ସାଧାରଣ ଲୋକଙ୍କ ରୋଷେଇ ଘରର ବଜେଟ୍ ଉପରେ ଏହାର ବ୍ୟାପକ ପ୍ରଭାବ ପଡ଼ିଥିବା ବେଳେ, ଏହା ପଛରେ ଥିବା ପ୍ରକୃତ କାରଣଗୁଡ଼ିକ ବୁଝିବା ପାଇଁ ମୌସୁମୀର ଗତିବିଧି, କୃଷି ନୀତି ଏବଂ ବଜାରର ସ୍ଥିତିକୁ ବିଶ୍ଳେଷଣ କରିବା ନିହାତି ଆବଶ୍ୟକ ।

ଏହି ଦର ବୃଦ୍ଧିର ପ୍ରାଥମିକ କାରଣ ହେଉଛି ଖରିଫ (ମୌସୁମୀ ଫସଲ) ଋତୁରେ ଧାନ ଚାଷ ଜମିର ପରିମାଣ ହ୍ରାସ ପାଇବା । କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ୨୦୨୫-୨୬ ବର୍ଷ ତୁଳନାରେ ଚଳିତ ବର୍ଷ ଜାତୀୟ ସ୍ତରରେ ଖରିଫ ଧାନ ଚାଷର କ୍ଷେତ୍ରଫଳ ୪୪୯.୧୮ ଲକ୍ଷ ହେକ୍ଟରରୁ ୪୩୩.୭୨ ଲକ୍ଷ ହେକ୍ଟରକୁ ଖସି ଆସିଛି । ଅର୍ଥାତ୍ ଧାନ ବୁଣାଯାଇଥିବା ଅଞ୍ଚଳରେ ୩.୪୬ ପ୍ରତିଶତ ହ୍ରାସ ଘଟିଛି । ଏହି ହ୍ରାସର ସିଧାସଳଖ ସମ୍ପର୍କ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଦ୍ୱାରା ଚଳିତ ବର୍ଷ ମେ ମାସରେ ଦିଆଯାଇଥିବା ସ୍ୱାଭାବିକଠାରୁ କମ୍ ମୌସୁମୀ ପୂର୍ବାନୁମାନ ସହିତ ରହିଛି । ଏହି ପୂର୍ବାନୁମାନ ଏଲ୍ ନିନୋର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି କରାଯାଇଥିଲା । ଏଲ୍ ନିନୋ ହେଉଛି ପ୍ରଶାନ୍ତ ମହାସାଗରର ଜଳଭାଗ ଉଷ୍ମ ହେବାର ଏକ ନିୟମିତ ଜଳବାୟୁ ପ୍ରକ୍ରିୟା, ଯାହା ବାଣିଜ୍ୟିକ ପବନ ଏବଂ ଭାରତୀୟ ମୌସୁମୀକୁ ଗଭୀର ଭାବରେ ପ୍ରଭାବିତ କରିଥାଏ । ଜଳାଭାବର ଆଶଙ୍କା କରି କୃଷକମାନେ ଧାନ ଚାଷର ପରିମାଣ କମାଇ ଦେଇଛନ୍ତି, ଯାହାର ସିଧାସଳଖ ପ୍ରଭାବ ଉତ୍ପାଦନ ଉପରେ ପଡ଼ିବାକୁ ଯାଉଛି ।

୨୦୨୬ ମସିହାର ମୌସୁମୀର ବାସ୍ତବ ସ୍ଥିତି ଏହି ଆଶଙ୍କାକୁ ସତ୍ୟ ପ୍ରମାଣିତ କରିଛି ଏବଂ ଜଳବହୁଳ ଧାନ ଫସଲ ଉପରେ ଏହାର ବ୍ୟାପକ ପ୍ରଭାବ ପଡ଼ିଛି । ଧାନ ଏକ ଏପରି ଫସଲ ଯାହା ପାଇଁ ପ୍ରଚୁର ପରିମାଣରେ ଋତୁକାଳୀନ ବର୍ଷା ଏବଂ ଗଛ ବଢ଼ିବାର ବିଭିନ୍ନ ପର୍ଯ୍ୟାୟରେ ଅଧିକ ଜଳ ଆବଶ୍ୟକ ହୋଇଥାଏ । କିନ୍ତୁ ଚଳିତ ବର୍ଷର ମୌସୁମୀ ବର୍ଷା ଅତ୍ୟନ୍ତ ଅନିୟମିତ ଥିଲା, ଯେଉଁଥିରେ ଦୀର୍ଘ ସମୟ ଧରି ଶୁଖିଲା ପାଗ ଏବଂ ସ୍ୱଳ୍ପ ବୃଷ୍ଟିପାତ ଦେଖିବାକୁ ମିଳିଥିଲା । ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମୀର ବିଦାୟ ବେଳକୁ ଦୀର୍ଘକାଳୀନ ହାରାହାରି ବୃଷ୍ଟିପାତ (ଏଲ୍‌ପିଏ) ତୁଳନାରେ ୧୨.୬ ରୁ ୧୩ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି । ଆଇଏମ୍‌ଡିର ରିପୋର୍ଟ ଅନୁଯାୟୀ, ଦେଶର ୩୬ଟି ପାଣିପାଗ ଉପଖଣ୍ଡ ମଧ୍ୟରୁ ୧୮ଟି ଉପଖଣ୍ଡରେ (ଯାହା ମୋଟ କ୍ଷେତ୍ରଫଳର ୫୩ ପ୍ରତିଶତ) ସ୍ୱାଭାବିକ ବର୍ଷା ହୋଇଛି । ଅନ୍ୟପକ୍ଷରେ ୧୭ଟି ଉପଖଣ୍ଡରେ (ଯାହା ମୋଟ କ୍ଷେତ୍ରଫଳର ୪୨ ପ୍ରତିଶତ) ନିଅଣ୍ଟ ବର୍ଷା ହୋଇଛି । ଏହି ଅନିୟମିତ ମୌସୁମୀ ଏବଂ ବୃଷ୍ଟିହୀନତା ଯୋଗୁଁ କୃଷକ ଏବଂ ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥାଗୁଡ଼ିକ ଉପରେ ପ୍ରବଳ ଚାପ ପଡ଼ିଛି । ବର୍ଷା ଅଭାବରୁ କୃଷକମାନେ ଭୂତଳ ଜଳ ଉପରେ ନିର୍ଭର କରିବାକୁ ବାଧ୍ୟ ହୋଇଛନ୍ତି, ଯାହା ଫଳରେ ପମ୍ପ ଚଲାଇବା ପାଇଁ ବିଦ୍ୟୁତ୍‌ର ବ୍ୟବହାର ବଢ଼ିଛି ଏବଂ ପାୱାର ୟୁଟିଲିଟିଗୁଡ଼ିକ ଉପରେ ଅତ୍ୟଧିକ ଭାର ପଡ଼ିଛି ।

ଏହି ଜଳବାୟୁ ଜନିତ ଆହ୍ୱାନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ନିଜର କୃଷି ରଣନୀତିରେ ପରିବର୍ତ୍ତନ ଆଣିବାକୁ ବାଧ୍ୟ ହୋଇଛନ୍ତି । ବର୍ତ୍ତମାନର ପରିସ୍ଥିତିରେ ବୃଷ୍ଟିପୁଷ୍ଟ ଅଞ୍ଚଳରେ ଅଧିକ ଜଳ ଆବଶ୍ୟକ କରୁଥିବା ଫସଲ ଚାଷ କରିବା ଲାଭଦାୟକ ନୁହେଁ ବୋଲି ହୃଦୟଙ୍ଗମ କରି ସରକାର ରାଜ୍ୟଗୁଡ଼ିକୁ ଏକ ପରାମର୍ଶାବଳୀ ଜାରି କରିଛନ୍ତି । ଏଥିରେ କୃଷକମାନଙ୍କୁ ସ୍ୱଳ୍ପ ସମୟ ମଧ୍ୟରେ ଅମଳ ହେଉଥିବା କିମ୍ବା କମ୍ ଜଳ ଆବଶ୍ୟକ କରୁଥିବା ଫସଲ ଯଥା ଡାଲି ଜାତୀୟ ଶସ୍ୟ ଏବଂ ମାଣ୍ଡିଆ (ମିଲେଟ୍ସ) ଚାଷ ଆଡ଼କୁ ମୁହାଁଇବା ପାଇଁ କୁହାଯାଇଛି । ଜୁନ୍ ମାସରେ କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ରାଜ୍ୟ ସରକାରୀ ଅଧିକାରୀ, ଗବେଷଣା ସଂସ୍ଥା ଏବଂ ଆଇଏମ୍‌ଡି ସହିତ ଏକ ଉଚ୍ଚସ୍ତରୀୟ ବୈଠକ ପରେ ସ୍ପଷ୍ଟ ଭାବରେ କହିଥିଲେ ଯେ, ବୃଷ୍ଟିପୁଷ୍ଟ ଅଞ୍ଚଳରେ ଫସଲ ରଣନୀତି ପରିବର୍ତ୍ତନ କରିବା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆବଶ୍ୟକତା । ଦୀର୍ଘମିଆଦି ପରିବେଶ ସୁରକ୍ଷା ପାଇଁ ଏହି ନୀତିଗତ ପରିବର୍ତ୍ତନ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ, ତୁରନ୍ତ ଧାନ ଚାଷ ହ୍ରାସ ପାଇବା ଫଳରେ ବଜାରରେ ଚାଉଳର ଭବିଷ୍ୟତ ଯୋଗାଣକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି ଏବଂ ଦର ବୃଦ୍ଧି ପାଇଛି ।

ଯୋଗାଣରେ ଦେଖାଦେଇଥିବା ଏହି ଆଶଙ୍କାର ପ୍ରଭାବ ପାଇକାରୀ ଏବଂ ଖୋଲା ବଜାରରେ ସ୍ପଷ୍ଟ ଭାବରେ ଦେଖିବାକୁ ମିଳୁଛି, ଯେଉଁଠାରେ ମୂଲ୍ୟ ସରକାରୀ ନିର୍ଦ୍ଧାରିତ ଦରଠାରୁ ଯଥେଷ୍ଟ ଅଧିକ ରହିଛି । ସରକାରଙ୍କ ଦ୍ୱାରା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) କ୍ୱିଣ୍ଟାଲ ପିଛା ୨,୪୪୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ, ଖୋଲା ବଜାରରେ ଏବେ କ୍ୱିଣ୍ଟାଲ ପିଛା ଧାନ ଦର ୪,୦୦୦ ଟଙ୍କାରେ ପହଞ୍ଚିଛି । ରାଇସ୍ ମିଲ୍‌ଗୁଡ଼ିକର ପ୍ରମୁଖ କେନ୍ଦ୍ର ଭାବେ ପରିଚିତ ମିରିଆଲଗୁଡ଼ାର ଜଣେ ମିଲ୍ ମାଲିକ ପ୍ରକାଶ କରିଛନ୍ତି ଯେ, ମାତ୍ର ୧୦ ଦିନ ପୂର୍ବରୁ ଏହି ଦର ୩,୪୦୦ ଟଙ୍କା ଥିଲା । ତାଙ୍କର ୫୨ ବର୍ଷର କ୍ୟାରିୟର ମଧ୍ୟରେ ଧାନର ଏତେ ଅଧିକ ଦର ସେ କେବେ ଦେଖିନଥିଲେ ବୋଲି ସେ ମତ ଦେଇଛନ୍ତି । କେବଳ ଭାରତରେ ନୁହେଁ, ବିଶ୍ୱ ସ୍ତରରେ ମଧ୍ୟ ଚାଉଳ ଦର ଗତ ମାସକ ମଧ୍ୟରେ ୫.୫୯ ପ୍ରତିଶତ ଏବଂ ଗତ ବର୍ଷ ତୁଳନାରେ ୫୨.୪ ପ୍ରତିଶତ ବୃଦ୍ଧି ପାଇଛି । ଏହି ବିଶ୍ୱସ୍ତରୀୟ ମୂଲ୍ୟ ବୃଦ୍ଧି ଭାରତୀୟ ବଜାର ଉପରେ ମଧ୍ୟ ପରୋକ୍ଷ ଚାପ ପକାଉଛି ।

ଭାରତରେ ଖରିଫ ଧାନ ଚାଷ ଜୁନ୍ ମାସର ପ୍ରଥମ ସପ୍ତାହରୁ ଆରମ୍ଭ ହୋଇଥାଏ ଏବଂ ଅକ୍ଟୋବର ମଧ୍ୟଭାଗରୁ ନଭେମ୍ବର ମାସ ବେଳକୁ ଫସଲ ଅମଳ ପାଇଁ ପ୍ରସ୍ତୁତ ହୋଇଯାଏ । ଏହି ସମୟ ମଧ୍ୟରେ ରାଇସ୍ ମିଲର୍ ଏବଂ ବ୍ୟବସାୟୀମାନେ ଫସଲର ସ୍ଥିତି ସମ୍ପର୍କରେ ନିୟମିତ ରିପୋର୍ଟ ପାଇଥାନ୍ତି ଏବଂ ସେହି ଅନୁଯାୟୀ ଅମଳ ପୂର୍ବରୁ ଫସଲ ପାଇଁ ନିଲାମ ଡାକିଥାନ୍ତି । ପାଇକାରୀ ବଜାରରେ ଦର ମୁଖ୍ୟତଃ ମୌଖିକ ଆଲୋଚନା ଏବଂ ବଜାରର ଗୁଜବ (ୱାର୍ଡ-ଅଫ୍-ମାଉଥ୍ ବଜ୍) ଉପରେ ନିର୍ଭର କରିଥାଏ । ଯେତେବେଳେ ଫସଲ କମ୍ ହେବାର ଖବର ବ୍ୟାପେ, ସେତେବେଳେ ବ୍ୟବସାୟୀମାନେ ଆଗୁଆ ଷ୍ଟକ୍ ରଖିବାକୁ ପ୍ରତିଯୋଗିତା କରନ୍ତି, ଯାହା କୃତ୍ରିମ ଭାବେ ଦରକୁ ଆହୁରି ଉପରକୁ ଟାଣି ନେଇଥାଏ ।

ତେବେ ଏଠାରେ ଏହା ଉଲ୍ଲେଖ କରିବା ଜରୁରୀ ଯେ ସବୁ କିସମର ଚାଉଳ କ୍ଷେତ୍ରରେ ଏହି ଦର ବୃଦ୍ଧି ସମାନ ନୁହେଁ । ବିଶେଷ କରି ଉନ୍ନତ କିସମର (ଫାଇନ୍ ରାଇସ୍) ଚାଉଳର ଚାହିଦା ବହୁତ ଅଧିକ ରହିଛି ଏବଂ ଏହାର ଦର ଆଶାତୀତ ଭାବେ ବୃଦ୍ଧି ପାଇଛି । ଦକ୍ଷିଣ ଭାରତରେ ଏହି ଫାଇନ୍ ରାଇସ୍ ?ର ଚାହିଦା ସର୍ବାଧିକ, ଯେଉଁଠାରେ ରାଜ୍ୟ ସରକାରମାନେ ରେସନ କାର୍ଡଧାରୀଙ୍କୁ ଏହା ଯୋଗାଇ ଦେଇଥାନ୍ତି । ସରକାରୀ କ୍ରୟ ଯୋଗୁଁ ବଜାରରେ ଏହି ନିର୍ଦ୍ଦିଷ୍ଟ କିସମର ଉପଲବ୍ଧତା କମିଯାଏ ଏବଂ ଖୋଲା ବଜାରରେ ଦର ବଢ଼ିଯାଏ । ଅନ୍ୟପକ୍ଷରେ, ସହଜରେ ଚାଷ ହୋଇପାରୁଥିବା ଏବଂ ଅମଳ ହେଉଥିବା ମୋଟା ଚାଉଳ (କୋର୍ସ ରାଇସ୍) ଏହି ମୂଲ୍ୟ ବୃଦ୍ଧିରୁ ଅନେକାଂଶରେ ବର୍ତ୍ତି ଯାଇଛି । ଦେଶର ଏକ ବଡ଼ ଅଂଶରେ ଏହି ମୋଟା ଚାଉଳ ବ୍ୟାପକ ଭାବରେ ଚାଷ କରାଯାଏ ଏବଂ ବଜାରକୁ ଏହାର ଆମଦାନୀ ଏପର୍ଯ୍ୟନ୍ତ ବିଶେଷ ପ୍ରଭାବିତ ହୋଇନାହିଁ । ଫଳସ୍ୱରୂପ, ଏହି ମୋଟା ଚାଉଳର ଖୁଚୁରା ମୂଲ୍ୟ କିଲୋଗ୍ରାମ ପ୍ରତି ୪୦ ରୁ ୪୫ ଟଙ୍କା ମଧ୍ୟରେ ସ୍ଥିର ରହିଛି । ଏହି ପାର୍ଥକ୍ୟରୁ ସ୍ପଷ୍ଟ ହେଉଛି ଯେ କେବଳ ପ୍ରିମିୟମ୍ ବା ଉନ୍ନତ କିସମର ଚାଉଳ କ୍ଷେତ୍ରରେ ଚାହିଦା ଏବଂ ଯୋଗାଣ ମଧ୍ୟରେ ଏକ ବଡ଼ ଅସମାନତା ସୃଷ୍ଟି ହୋଇଛି ।

ଆଗାମୀ ଦିନର ସ୍ଥିତିକୁ ବିଚାର କଲେ, ବଜାର ବିଶେଷଜ୍ଞ ଏବଂ ମିଲ୍ ମାଲିକମାନଙ୍କ ମତରେ ଉନ୍ନତ କିସମର ଚାଉଳ ଦର ବର୍ତ୍ତମାନ ତାର ସର୍ବୋଚ୍ଚ ସ୍ତରରେ ପହଞ୍ଚି ସାରିଛି । ମିରିଆଲଗୁଡ଼ା ରାଇସ୍ ମିଲର୍ସ ଆସୋସିଏସନର ସାଧାରଣ ସମ୍ପାଦକ ଭେଙ୍କଟରମଣ ଚୌଧୁରୀଙ୍କ ମତରେ, ପାଇକାରୀ ବଜାରକୁ ଏପର୍ଯ୍ୟନ୍ତ ବ୍ୟାପକ ପରିମାଣରେ ନୂଆ ଚାଉଳ ଆମଦାନୀ ଆରମ୍ଭ ହୋଇନାହିଁ । ଯଦି ବଜାରକୁ ଆମଦାନୀ ସ୍ୱାଭାବିକ ରହେ, ତେବେ ଦର ବର୍ତ୍ତମାନ ସ୍ଥିତିରେ ହିଁ ସ୍ଥିର ରହିବ । ତେବେ କୃଷି ଅଧିକାରୀମାନଙ୍କର ପାଣିପାଗ ସମ୍ପର୍କିତ ଚେତାବନୀ ଏବଂ ପୂର୍ବାନୁମାନକୁ ଦେଖିଲେ ଦରରେ ବିଶେଷ ହ୍ରାସ ଘଟିବାର ସମ୍ଭାବନା କ୍ଷୀଣ ମନେହେଉଛି, କିମ୍ବା ଏହା ଆହୁରି ଅଧିକ ବୃଦ୍ଧି ପାଇବାର ଆଶଙ୍କା ମଧ୍ୟ କମ୍ । ପରିଶେଷରେ, ଏହି ମୂଲ୍ୟ ବୃଦ୍ଧି ଭାରତୀୟ କୃଷି କ୍ଷେତ୍ର ଉପରେ ଏଲ୍ ନିନୋ ଭଳି ବିଶ୍ୱସ୍ତରୀୟ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ସ୍ପଷ୍ଟ ଭାବରେ ଦର୍ଶାଉଛି । ପରିବେଶ ଏବଂ ଅର୍ଥନୈତିକ ଅନିଶ୍ଚିତତା ମଧ୍ୟରେ କୋଟି କୋଟି ଲୋକଙ୍କର ପ୍ରଧାନ ଖାଦ୍ୟ ଯେପରି ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇପାରିବ, ସେଥିପାଇଁ ଜଳବାୟୁ ଅନୁକୂଳ କୃଷି ପ୍ରଣାଳୀ ଏବଂ ବଜାର ନିୟନ୍ତ୍ରଣ ଦିଗରେ ସରକାରଙ୍କୁ ଏକ ସନ୍ତୁଳିତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ।



# ଗଣତନ୍ତ୍ରର ମାର୍ଗ ସ୍ୱରାଜ

**ଅଧ୍ୟାପକ ଗୋପବନ୍ଧୁ**

ଗଣତନ୍ତ୍ର ଓ ସ୍ୱରାଜ ପରସ୍ପରର ପରିପୂରକ। ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଗଣତନ୍ତ୍ର କହିଲେ ସାଧାରଣ ଜନତାଙ୍କ ଶାସନ ବ୍ୟବସ୍ଥାକୁ ବୁଝାଏ। ସ୍ୱରାଜ କହିଲେ ସାଧାରଣ ଜନତାଙ୍କ ନିଜସ୍ୱ ଶାସନ ପ୍ରଣାଳୀକୁ ବୁଝାଏ। ଅନେକ ସମୟରେ ଦେଖାଯାଏ ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ସ୍ୱରାଜର କଥା ଉଠେ। ଗଣତନ୍ତ୍ରରେ ଦେଖା ଦେଉଥିବା ତ୍ରୁଟି ବିଚ୍ୟୁତିକୁ ହଟାଇ ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବାପାଇଁ ସ୍ୱରାଜର କଥା ଆସେ। ସାଧାରଣ ଜନତାଙ୍କୁ କ୍ଷମତାର ପ୍ରକୃତ ଅଧିକାରୀଭାବେ ସ୍ଥାପନ କରାଯିବା ପାଇଁ ପ୍ରଚେଷ୍ଟା ହୁଏ। ବିଭିନ୍ନ ରାଜନୈତିକ ଦଳ ବିଭିନ୍ନ ସମୟରେ ସ୍ୱରାଜର କଥା କହନ୍ତି। ସ୍ୱରାଜ ପ୍ରତି ଅଙ୍ଗୀକାରବଦ୍ଧତା କଥା କହନ୍ତି। କ୍ଷମତାକୁ ଆସିଲେ ସ୍ୱରାଜର ଅକ୍ଷରେ ଅକ୍ଷରେ ପାଳନ ହେବ ବୋଲି ଘୋଷଣା କରନ୍ତି। ତେବେ ଅଦ୍ୟାବଧି କୌଣସି ରାଜନୈତିକ ଦଳ ସ୍ୱରାଜକୁ ଅକ୍ଷରେ ଅକ୍ଷରେ ପାଳନ କରିବାର ଦେଖାଯାଇ ନାହିଁ। ଏହା ଏକ ସୁନ୍ଦର ରାଜନୈତିକ ସ୍ଲୋଗାନ। କିନ୍ତୁ କାମ କଲାବେଳେ ସ୍ୱରାଜର ଅଣଦେଖା।

ଭାରତୀୟ ସ୍ୱାଧୀନତା ଆନ୍ଦୋଳନ କାଳରେ ସ୍ୱରାଜର ମହତ୍ତ୍ୱ ଯେତିକି ଥିଲା ଏବେ ମଧ୍ୟ ସେତିକି ଅଛି। ସେ ସମୟରେ ସ୍ୱରାଜ କହିଲେ ଇଂରେଜମାନଙ୍କୁ ଦେଶରୁ ହଟାଇ ନିଜେ ନିଜର ଶାସକ ହେବାକୁ ବୁଝାଉଥିଲା। ଇଂରେଜକୁ ହଟାଇବା ପାଇଁ ସ୍ୱରାଜ ଶବ୍ଦର ବହୁଳ ବ୍ୟବହାର ହେଉଥିଲା। ଏହି ଅର୍ଥରେ ସ୍ୱାଧୀନତା ପରେ ସ୍ୱରାଜ ସ୍ଥାପିତ ହୋଇଛି କହିଲେ ଠିକ୍ ହେବ। କିନ୍ତୁ ଭିନ୍ନ ଏକ ଦୃଷ୍ଟିକୋଣରୁ ପ୍ରକୃତରେ ସ୍ୱରାଜ ଆସିଛି ବୋଲି ଅନେକେ ବିଶ୍ୱାସ କରନ୍ତି ନାହିଁ। ଏମାନଙ୍କ ମତରେ ସ୍ୱରାଜର ଅର୍ଥ କେବଳ ଇଂରେଜ ଶାସନକୁ ହଟାଇ ଭାରତୀୟଙ୍କ ଶାସନ ବ୍ୟବସ୍ଥାକୁ ସ୍ଥାପନ କରିବାକୁ ବୁଝାଏ ନାହିଁ। ଏହା ଶାସନ ବ୍ୟବସ୍ଥାର ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟେକଟି ନାଗରୀକକୁ ଭାଗୀଦାର କରିବାକୁ ବୁଝାଏ। ଇଂରେଜମାନଙ୍କୁ ହଟାଇ ଭାରତୀୟଙ୍କ ଶାସନ ବ୍ୟବସ୍ଥା କାଏମ ହୋଇଛି ସତ ହେଲେ ଶାସନରେ ପ୍ରତ୍ୟେକଟି ନାଗରୀକକୁ ଭାଗୀଦାରୀ କରିବା କାର୍ଯ୍ୟ ଏଯାଏଁ ସମ୍ପାଦିତ ହୋଇନାହିଁ। ଅର୍ଥାତ୍ ଆଭ୍ୟନ୍ତରୀଣ ସ୍ୱରାଜ ସ୍ଥାପନ ହୋଇପାରି ନାହିଁ। ନାଗରିକର କର୍ତ୍ତବ୍ୟ କେବଳ ଭୋଟ ଦେବାରେ ସୀମିତ ହୋଇ ରହିଯାଇଛି।

ଇଂରେଜମାନେ ଚାଲିଗଲା ପରେ ତାଙ୍କରି ଢାଞ୍ଚାରେ ଶାସନ ଚାଲିଛି। ଦେଶର ମୁଷ୍ଟିମେୟ ଲୋକ ଶାସନ କ୍ଷମତାକୁ ଉପଭୋଗ କରୁଛନ୍ତି। ସାଧାରଣ ଜନତାଙ୍କ ଭୂମିକା କେବଳ ପ୍ରତିନିଧି ବାଛିବା। ପ୍ରତିନିଧି ବାଛିବା ପରେ ତାଙ୍କ ଭୂମିକା ଶେଷ। ନିର୍ବାଚିତ ଲୋକ ପ୍ରତିନିଧିମାନେ ଆଉ ଜନତାଙ୍କ ନିୟନ୍ତ୍ରଣରେ ନଥାନ୍ତି। ପ୍ରତିନିଧି ବଦଳାଇବା ପାଇଁ ପାଞ୍ଚବର୍ଷ ଅପେକ୍ଷା କରିବାକୁ ପଡେ। ରାଜନୈତିକ ଦଳଗୁଡିକରେ ଏକଛତ୍ରବାଦୀ ଭାବନା ଦେଖା ଦେଉଛି। ଜଣେ ଦୁଇଜଣଙ୍କ ଇଚ୍ଛାରେ ଦଳ ପରିଚାଳିତ ହେଉଛି। ଏହିପ୍ରକାର ଦଳ ଯେତେବେଳେ କ୍ଷମତାକୁ ଆସନ୍ତି ସେମାନେ ପ୍ରାଇଭେଟ କମ୍ପାନୀ ଢାଞ୍ଚାରେ ଶାସନ କରନ୍ତି। ସ୍ୱରାଜ ଏମାନଙ୍କ ପାଇଁ ଅନାବଶ୍ୟକ ବ୍ୟବସ୍ଥା ପରି ମନେହୁଏ। କଳେବଳେ କୌଶଳେ ଭୋଟ ହାତେଇବା ଓ ରାଜ କରିବା ଏମାନଙ୍କ ମୂଳ ଲକ୍ଷ୍ୟ ହୋଇଯାଏ। ଟଙ୍କା ଖଟାଓ ଓ ଟଙ୍କା ରୋଜଗାର କରିବା ନୀତିରେ ଏମାନେ ଚାଲନ୍ତି। ସ୍ୱରାଜ କଣ ଏମାନେ ବୁଝନ୍ତି ନାହିଁ।

କେବଳ ବ୍ୟକ୍ତିବାଦୀ ଓ ପରିବାରବାଦୀ ରାଜନୈତିକ ଦଳରେ ଏକଛତ୍ରବାଦୀ ମାନସିକତା ଦେଖାଦିଏ ତା ନୁହେଁ, ଯେଉଁ ରାଜନୈତିକ ଦଳଗୁଡିକ କୋଟରେ ଗଣତନ୍ତ୍ରବାଦୀ ବୋଲି ଦାବୀ କରନ୍ତି ସେମାନଙ୍କ ମଧ୍ୟରେ ମଧ୍ୟ ଏପରି ଏକଛତ୍ରବାଦୀ ଭାବନା ଲୁଚି ରହିଥାଏ। ଅନେକ ସମୟରେ ଏମାନେ ସ୍ୱରାଜ କଥା କହନ୍ତି, କିନ୍ତୁ ସ୍ୱରାଜର ଧାରଧାରନ୍ତି ନାହିଁ। ଏହି ଦଳଗୁଡିକ ମଧ୍ୟ ଗୋଟିଏ ଗୋଷ୍ଠୀଦ୍ୱାରା ପରିଚାଳିତ ହୁଅନ୍ତି। ସାଧାରଣ ଜନତାଙ୍କ ମତକୁ ଏମାନେ ଅପେକ୍ଷା କରନ୍ତି ନାହିଁ କି ସମ୍ମାନ ଦିଅନ୍ତି ନାହିଁ। ପ୍ରତ୍ୟେକ ଦଳୀୟ ସିଦ୍ଧାନ୍ତ ଏମାନେ ନିଜେ ନିଅନ୍ତି ଓ ସାଧାରଣ ସଂଗଠକ ଉପରେ ତାହା ଲଦି ଦିଅନ୍ତି। କେନ୍ଦ୍ରୀୟ ନେତୃତ୍ୱ ଏକଛତ୍ରବାଦୀ ଢାଞ୍ଚାରେ ପରିଚାଳିତ ହୁଏ। ଏମାନେ ଦଳୀୟ ସଂଗଠନକୁ ନିଜ ସ୍ୱାର୍ଥପାଇଁ ବ୍ୟବହାର କରନ୍ତି। ସେହିମାନଙ୍କୁ ସାଙ୍ଗଠନିକ ଦାୟିତ୍ୱ ଦିଆଯାଏ ଯେଉଁମାନେ ତାଙ୍କ ବୋଲକରା ହୋଇଥାନ୍ତି। ସାଙ୍ଗଠନିକ ପଦପଦବୀ ପାଇଁ ଜନମତ ନିଆଯାଏ ନାହିଁ। ପ୍ରାୟତଃ ଦଳୀୟ ସଂଗଠନ ଗଠନରେ ସ୍ୱରାଜ ନୀତିର ଅଣଦେଖା କରାଯାଏ। କୌତୂହଳର ବିଷୟ ଯେଉଁମାନେ ସ୍ୱରାଜ ପ୍ରତିଷ୍ଠାର ନାରା ଦିଅନ୍ତି ସେମାନେ ମଧ୍ୟ ଏହି ପ୍ରକ୍ରିୟାରୁ ବାଦ ପଡ଼ନ୍ତି ନାହିଁ। ଭାରତୀୟ ଗଣତନ୍ତ୍ରରେ ନିର୍ବାଚନ ଲଢ଼ିବା ପାଇଁ ଟିକେଟ ଦେବା ବା ବଣ୍ଟନ କରିବା ବ୍ୟବସ୍ଥା ମଧ୍ୟ ସ୍ୱରାଜ ପ୍ରତି ପ୍ରହସନ। ସଂସଦପାଇଁ ଟିକେଟ ଦିଲ୍ଲୀରେ ଓ ବିଧାନସଭା ପାଇଁ ଟିକେଟ ରାଜ୍ୟ ରାଜଧାନୀରେ ବଣ୍ଟନ ହୁଏ। ଓଡିଶା ବିଧାନସଭା ପାଇଁ ଭୁବନେଶ୍ୱରରେ ଟିକେଟ ବଣ୍ଟାଯାଏ। ଆଶାୟୀ ପ୍ରାର୍ଥୀମାନେ ଭୁବନେଶ୍ୱର କିମ୍ବା ଦିଲ୍ଲୀ ଦଉଡନ୍ତି। ଟିକେଟ ପାଇବାର ମାନଦଣ୍ଡ ହୁଏ ପାର୍ଟିକୁ ଆର୍ଥିକ ସହାୟତା ଦେବା ଓ ତୋଷାମୋଦ। ନେତୃତ୍ୱ ମଧ୍ୟ ଦେଖେ କିଏ କେତେ ପଇସା ବାଲା ଓ କେତେ ଆଜ୍ଞାବହ। ଅନେକ ସମୟରେ ଜଣକର ଜାତି ଓ ଧର୍ମକୁ ମଧ୍ୟ ବିଚାରକୁ ନିଆଯାଏ। ବିଚାର କରାଯାଏ ନାହିଁ ଯେ କାହା ସପକ୍ଷରେ କେତେ ଜନମତ ରହିଛି। ଦେଖାଯାଏ ନାହିଁ ଜଣେ କେତେ ଜ୍ଞାନୀ ଓ କେତେ ଲୋକପ୍ରୀୟ। ଏଠାରେ ସ୍ୱରାଜ ନୀତିର ସମ୍ପୂର୍ଣ୍ଣ ଅଣଦେଖା କରାଯାଏ। ସବୁଠାରୁ ଦୁଃଖର କଥା ଯେଉଁମାନେ ସ୍ୱରାଜ ସ୍ଥାପନର ସ୍ୱପ୍ନ ଦେଖାଇ ସଂଗଠନ କରନ୍ତି ସେମାନେ ସ୍ୱରାଜର ନୀତିକୁ ଅନୁସରଣ କରନ୍ତି ନାହିଁ। ଯେଉଁ ରାଜନୈତିକ ଦଳମାନେ ସ୍ୱରାଜକୁ ସ୍ୱୀକାର କରନ୍ତି ନାହିଁ, ନିଜ ଦଳ ମଧ୍ୟରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅନୁସରଣ କରନ୍ତି ନାହିଁ, ସେମାନେ ସମଗ୍ର ଦେଶରେ ଶାସନ ବ୍ୟବସ୍ଥା ମଧ୍ୟରେ ସ୍ୱରାଜ ଆଣିବେ କିପରି ? ଦେଶରେ 'ସ୍ୱ-ରାଜ'କୁ ହଟାଇ 'ମୋ-ରାଜ' ସ୍ଥାପନ ଗଣତନ୍ତ୍ର ପାଇଁ ବିପଦ। ଏହା ଦେଶକୁ ଏକଛାତ୍ରବାଦୀ ଶାସନ ବ୍ୟବସ୍ଥା ଆଡକୁ ନେଇଯିବ। ଏଥିପାଇଁ ସମସ୍ତଙ୍କୁ ସଚେତନ ହେବାକୁ ପଡିବ। ମୋ-ରାଜ ଶାସନ ବ୍ୟବସ୍ଥାକୁ ବିରୋଧ କରିବାକୁ ହେବ। ଦଳୀୟ କ୍ଷେତ୍ରରେ ପ୍ରତ୍ୟେକଟି ପଦପଦବୀ ଲୋକମତକୁ ନେଇ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ଣ୍ଣୟ ହେବା ଉଚିତ୍। ସଂଖ୍ୟାଧିକଭାବେ ଯାହାକୁ ଲୋକମାନେ ସମର୍ଥନ କରିବେ ସେହିଁ ପଦାଧିକାରୀ ହେବେ। ଭାଇଭତିଜା ଓ ସ୍ୱଜାତିକୁ ନେଇ ନିଯୁକ୍ତି ହେଲେ ସ୍ୱ-ରାଜ ଭାବନା ଧ୍ୱଂସ ହୁଏ। ହୋଟେଲ ରୁମ୍ ଅଥବା ଅଫିସ ରୁମରେ ବସି ରାଜନୀତି କରିବା ସ୍ୱ-ରାଜ ବିରୋଧୀ। ଜନସାଧାରଣଙ୍କ ମଧ୍ୟରେ ସିଦ୍ଧାନ୍ତ ଗ୍ରହଣ ହେଉଛି ପ୍ରକୃତ ସ୍ୱ-ରାଜ। ସେହିପରି ନିର୍ବାଚନ ଲଢିବା ପାଇଁ ଟିକେଟ ବଣ୍ଟନ ବ୍ୟବସ୍ଥା ମଧ୍ୟ ସ୍ୱରାଜ ନୀତିର ବିରୋଧି। ଲୋକମାନେ ନିଜ ଅଞ୍ଚଳରେ ବସି ସିଦ୍ଧାନ୍ତ ନିଅନ୍ତୁ କିଏ ତାଙ୍କର ପ୍ରାର୍ଥୀ ହେବେ। ଯାହାର ସପକ୍ଷରେ ଅଧିକ ସକ୍ରୀୟ କର୍ମୀ ରହିବେ ସେହିଁ ସମ୍ପୃକ୍ତ ଦଳର ପ୍ରାର୍ଥୀ ହେବ। ଏଥିପାଇଁ ଦିଲ୍ଲୀ କିମ୍ବା ଭୁବନେଶ୍ୱର ଦୌଡିବାକୁ ପଡିବ ନାହିଁ। କାହାକୁ ତୋଷାମୋଦ କରିବାକୁ ପଡିବନି। ଫଳରେ ସ୍ୱଚ୍ଛୋଟ, ଜ୍ଞାନୀ ଓ ପ୍ରକୃତ ସମାଜସେବୀ ମାନେ ପ୍ରାର୍ଥୀ ହୋଇ ପାରିବେ। ଟଙ୍କା ତାଙ୍କ ପାଇଁ ପ୍ରତିବନ୍ଧକ ହେବ ନାହିଁ। ତଦ୍ରୁପଭାବେ ରାଜନୈତିକ ସିଦ୍ଧାନ୍ତ ନେବା ସମୟରେ ଲୋକମାନଙ୍କ ମତ ଲୋଡାଯିବା ଉଚିତ୍। ସାଧାରଣ ଜନତା ଅନୁଭବ କରନ୍ତୁ ଯେ ସେମାନେ ମଧ୍ୟ ପ୍ରତ୍ୟେକଟି ଗଣତାନ୍ତ୍ରିକ ପ୍ରକ୍ରିୟାରେ ଭାଗୀଦାର ଅଟନ୍ତି। ଲୋକେ ଅନୁଭବ କରନ୍ତୁ ଯେ ଦେଶରେ ପ୍ରକୃତ ସ୍ୱରାଜ ଆସିଛି। ଅନୁଭବ କରନ୍ତୁ ସେମାନେ ପ୍ରକୃତ ଶାସକ ଅଟନ୍ତି।

ଦେଶରୁ ମୋ-ରାଜକୁ ହଟାଇ ସ୍ୱ-ରାଜକୁ ସ୍ଥାପନ କରିପାରିଲେ ପ୍ରକୃତ ଗଣତନ୍ତ୍ର ଆସିବ। ଆମ ସ୍ୱାଧୀନତା ସେନାନୀମାନଙ୍କ ସେଦିନର ପରିକଳ୍ପିତ ସ୍ୱ-ରାଜର ପ୍ରକୃତ ରୂପରେଖକୁ ଉପଲବ୍ଧି କରାଯାଇ ପାରିବ। ମନେ ରଖିବାକୁ ହେବ ପ୍ରକୃତ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ସ୍ୱ-ରାଜର ସ୍ଥାପନା ଅନିବାର୍ଯ୍ୟ। ସ୍ୱରାଜ ହେଉଛି ଗଣତନ୍ତ୍ରର ଆତ୍ମା।

+ ବାରିପଦା, ମୟୂରଭଞ୍ଜ,
ମୋ: ୯୪୩୮୨୪୮୮୫୪



# କ୍ୟାପଟେନଙ୍କ ବୀରତ୍ୱ

**ଶ୍ରୀବତ୍ସ ନାୟକ**

'ବସୁଧୈବ କୁଟୁମ୍ବକମ୍' (ସମଗ୍ର ବିଶ୍ୱ ଏକ ପରିବାର)ଏହି ମହାନ୍ ଦର୍ଶନ କେବଳ ଏକ ସ୍ଲୋଗାନ୍ ନୁହେଁ, ବରଂ ଏହା ଭାରତୀୟ ସଂସ୍କୃତି, ଜୀବନଶୈଳୀ ଏବଂ ଆଧ୍ୟାତ୍ମିକତାର ମୂଳ ପିଣ୍ଡ। ମହାଉପନିଷଦରୁ ଗୃହୀତ ଏହି ସନାତନ ଚିନ୍ତାଧାରା ଉପରେ ଭାରତୀୟମାନେ କିଭଳି ବିଶ୍ୱାସ କରନ୍ତି ଏବଂ ଏହାକୁ ନିଜ ଜୀବନରେ କିଭଳି ପ୍ରତିଫଳିତ କରନ୍ତି ତାହାର ଅନ୍ୟ ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି କ୍ୟାପଟେନ୍ ସ୍ମିତ୍ ମଚ୍ଛାର । ସମୁଦ୍ର ପୃଷ୍ଠରୁ ହଜାର ହଜାର ଫୁଟ ଉଚ୍ଚତାରେ ଆକାଶମାର୍ଗରେ ଗତି କରୁଥିବା ଏକ ବିମାନରେ ଯେତେବେଳେ ସମସ୍ତ ଯାତ୍ରୀ ନିଜର ଭବିଷ୍ୟତ ଓ ଗନ୍ତବ୍ୟସ୍ଥଳକୁ ନେଇ ନିଶ୍ଚିନ୍ତ ଥାଆନ୍ତି, ସେତେବେଳେ ସେମାନଙ୍କ ଜୀବନର ସୁରକ୍ଷା କେବଳ କୋକପିଟ୍‌ରେ ବସିଥିବା ପାଇଲଟ୍‌ଙ୍କ ହାତରେ ଥାଏ। ନିକଟରେ ଆକାଶମାର୍ଗରେ ଘଟିଯାଇଥିବା ଏକ ଅଭାବନୀୟ ଘଟଣା।—ଯେଉଁଥିରେ 'ଫ୍ଲାଇଦୁବାଇ' ବିମାନର ଭାରତୀୟ କ୍ୟାପଟେନ୍ ସ୍ମିତ୍ ମଚ୍ଛାର ଆକ୍ରମଣର ଶିକାର ହୋଇ ଗୁରୁତର ଆହାତ ହେବା ପରେ ମଧ୍ୟ ଅତୁଳନୀୟ ଧୈର୍ଯ୍ୟ ଓ ସାହସ ଦେଖାଇ ୧୭୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ଜୀବନ ବଞ୍ଚାଇଛନ୍ତି—ତାହା ଆଜି ସାରା ବିଶ୍ୱ ପାଇଁ ଏକ ବଡ଼ ଚିନ୍ତନର ବିଷୟ ହୋଇପଡ଼ିଛି। ଏହି ଘଟଣା କେବଳ ଏକ ସାହସିକତାର ଗାଥା ନୁହେଁ, ବରଂ ଏହା ସମାଜକୁ କର୍ତ୍ତବ୍ୟ, ନୈତିକତା, ମାନସିକ ସ୍ଥିରତା ଏବଂ ମାନବସେବାର ଏକ ଗଭୀର ଶିକ୍ଷା ପ୍ରଦାନ କରୁଅଛି । ନିକଟରେ ଦୁବାଇରୁ ତେଲ୍ ଅଭିଭ୍ ଅଭିମୁଖେ ଉଡ଼ାଣ ଭରୁଥିବା ଫ୍ଲାଇଦୁବାଇ ବିମାନ ଏଫଜେଡ଼୧୦୭୩ କୋକପିଟ୍ ଭିତରେ ହିଁ ଓମାନର ସହ-ପାଇଲଟ୍ ଜଣକ ବିମାନର ମୁଖ୍ୟ ପାଇଲଟ୍ ସ୍ମିତ୍ ମଚ୍ଛାରଙ୍କୁ ଛୁରାମାଡ଼ କରି ବିମାନକୁ ନିୟନ୍ତ୍ରଣ ବାହାରକୁ ନେବାକୁ ଚେଷ୍ଟା କରିଥିଲେ। ବିମାନର ଯାତ୍ରୀ ଏବଂ ବ୍ଲାକ୍ ବକ୍ସ ତଥ୍ୟ ଅନୁଯାୟୀ,ବିମାନଟି ପ୍ରାୟ ଅଢ଼େଇ ଘଣ୍ଟା ଧରି ଆକାଶରେ ସ୍ୱାଭାବିକ ଭାବେ ଉଡୁଥିଲା। ସେହି ସମୟରେ ଓମାନୀ ସହ-ପାଇଲଟ୍ ଜଣକ ବିମାନକୁ କ୍ରାସ୍ (ଦୁର୍ଘଟଣା) କରିବା ଉଦ୍ଦେଶ୍ୟରେ ହଠାତ୍ ଏକ ଛୁରୀ ବାହାର କରି ମୁଖ୍ୟ ପାଇଲଟ୍ କ୍ୟାପଟେନ ସ୍ମିତ ମଚ୍ଛାରଙ୍କୁ ଆକ୍ରମଣ କରିଥିଲେ। ଦୁଇ ପାଇଲଟ୍‌ଙ୍କ ମାରପିଟ୍ ଯୋଗୁଁ ବିମାନର କଣ୍ଟ୍ରୋଲ୍ ଷ୍ଟିଅରିଂ ବିଗିଡ଼ି ଯାଇଥିଲା। ବିମାନଟି ସିଧା ତଳ ଆଡ଼କୁ ମୁହଁ କରି ମାତ୍ର କେଇ ସେକେଣ୍ଡ ମଧ୍ୟରେ ପ୍ରାୟ ୧୭,୦୦୦ ଫୁଟ୍ ତଳକୁ ଖସିପଡ଼ିଥିଲା ।

ଏବଂ ହାଇଜାକ୍ ଆଲର୍ଟ ଜାରି ହୋଇଥିଲା। ଏହା ଏତେ ଦ୍ରୁତ ଥିଲା ଯେ ଯାତ୍ରୀମାନେ ନିଜ ନିଜ ସିଟ୍‌ରୁ ଉପରକୁ ଛିଟିକି ପଡ଼ିଥିଲେ, ବିମାନର ଅକ୍ସିଜେନ ମାସ୍କ ଗୁଡ଼ିକ ଆପେ ଆପେ ତଳକୁ ଖସି ଆସିଥିଲା ଏବଂ ଚାରିଆଡ଼େ କେବଳ ଚିତ୍କାର ଶୁଭୁଥିଲା। ରକ୍ତଜୁଡୁବୁଡୁ ଅବସ୍ଥାରେ ଏବଂ ଭୟଙ୍କର ଶାରୀରିକ ଯନ୍ତ୍ରଣା ସତ୍ତ୍ୱେ କ୍ୟାପଟେନ୍ ସ୍ମିତ୍ ଆତ୍ମସମର୍ପଣ କରିନଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ମିତ୍ ଜରୁରୀକାଳୀନ ସ୍ଥିତିକୁ ସମ୍ଭାଳି ନିଜର ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ସଂଗ୍ରାମ କରି ବିମାନକୁ ନିଜ ନିୟନ୍ତ୍ରଣ ମଧ୍ୟରେ ରଖି କୌଶଳକ୍ରମେ କୋକପିଟ୍ ର ଦ୍ୱାରା ଖୋଲା କରିଦେବାରୁ ବିମାନରେ ଯାତ୍ରା କରୁଥିବା କିଛି ସାହସୀ ଯାତ୍ରୀ ଭିତରକୁ ପଶିଯାଇଥିଲେ। ଯାନିଭ୍ ହାୟୁନ୍ ନାମକ ଜଣେ ଯାତ୍ରୀ ଆକ୍ରମଣକାରୀ ସହ-ପାଇଲଟ୍‌କୁ ପଛପଟୁ ବେକ ଚିପି ଧରି କାବୁ କରିଥିଲେ ଏବଂ ଅନ୍ୟ ଯାତ୍ରୀ ଓ କ୍ରୁ ମେମ୍ବର ମିଶି ତାକୁ ହେଡ୍‌ଫୋନ୍ ତାର ଏବଂ ପ୍ଲାଷ୍ଟିକ୍ ଜିପ୍-ଟାଇ ସାହାଯ୍ୟରେ ବାନ୍ଧି ପକାଇଥିଲେ।ଆକ୍ରମଣକାରୀକୁ ବାହାରକୁ ଟାଣି ଆଣିବା ପରେ ଯାତ୍ରୀ ଯାନିଭ୍ ହାୟୁନ୍ କକପିଟ୍‌ର ଷ୍ଟିଅରିଂକୁ ଉପରକୁ ଟାଣି ବିମାନକୁ କିଛି ମାତ୍ରାରେ ସିଧା କରିଥିଲେ। ସୌଭାଗ୍ୟବଶତଃ, ସେହି ବିମାନରେ ଫ୍ଲାଇଦୁବାଇର ଅନ୍ୟ ଦୁଇ ଜଣ ପାଇଲଟ୍ ଯାତ୍ରୀ ଭାବେ ବସିଥିଲେ। ସେମାନେ ତୁରନ୍ତ ଦଉଡ଼ି ଆସି କକପିଟ୍ ସମ୍ଭାଳିଥିଲେ ଏବଂ ବିମାନକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନେଇ ସାଉଦି ଆରବର ତାବୁକ ଏୟାରପୋର୍ଟରେ ସୁରକ୍ଷିତ ଭାବେ ଲ୍ୟାଣ୍ଡ କରାଇଥିଲେ। ଏହି ଘଟଣାରେ ବିମାନଟି ସାଉଦି ଆରବରେ ଜରୁରୀକାଳୀନ ଅବତରଣ କରିଥିଲା ଏବଂ ସମସ୍ତ ଯାତ୍ରୀଙ୍କ ଜୀବନ ରକ୍ଷା ପାଇପାରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବିଶ୍ୱର ବହୁ ନେତା ଏହି ଭାରତୀୟ ପାଇଲଟଙ୍କ ଅତୁଳ୍ୟ ସାହସକୁ ଭୂୟସୀ ପ୍ରଶଂସା କରିଛନ୍ତି। ମଧ୍ୟପ୍ରାଚ୍ୟର ଯୁଦ୍ଧ ପରିସ୍ଥିତି ଲାଗିରହିଥିବା ବେଳେ ବିମାନର ସମସ୍ତ ଯାତ୍ରୀ ଇସ୍ରାଏଲ ନାଗରିକ ହୋଇଥିବାରୁ ଘଟଣାର ଗୁରୁତ୍ୱ ବେଶ୍ ବୃଦ୍ଧି ପାଇଥିଲା। ଏହିପରି ଭାବେ କ୍ୟାପଟେନଙ୍କ ସାହସ ଏବଂ ଯାତ୍ରୀମାନଙ୍କ ଠିକ୍ ସମୟର ପଦକ୍ଷେପ ଯୋଗୁଁ ୧୭୪ ଜଣ ଯାତ୍ରୀଙ୍କ ଜୀବନ ମୃତ୍ୟୁ ମୁଖରୁ ବଞ୍ଚିଯାଇଥିଲା। ଆକ୍ରମଣକାରୀ ପାଇଲଟ୍‌କୁ ସାଉଦି ଆରବ କର୍ତ୍ତୃପକ୍ଷ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆକ୍ରମଣ କରିଥିବା ଓମାନୀ ସହ-ପାଇଲଟ୍‌କୁ ବିମାନବନ୍ଦରରେ ହିଁ ଗିରଫ କରିଥିଲେ। ବର୍ତ୍ତମାନ ସାଉଦି ସୁରକ୍ଷା ଏଜେନ୍ସି ତାକୁ ଏକ ଗୁପ୍ତ ସ୍ଥାନରେ ରଖି ପଚରାଉଚରା କରୁଛନ୍ତି। ଏହା ଏକ ଆନ୍ତର୍ଜାତୀୟ ମାମଲା ହୋଇଥିବାରୁ ସାଉଦି ଆରବ ପ୍ରଶାସନ ଏହି ଘଟଣାର ପ୍ରକୃତ କାରଣ ଓ ଆତଙ୍କବାଦୀ ସଂଗଠନ ସହ ସମ୍ପୃକ୍ତି ଜାଣିବା ପାଇଁ ସଂଯୁକ୍ତ ଆରବ ଏମିରେଟ୍ସ ଆମେରିକା ଏବଂ ଓମାନର ଗୋଇନ୍ଦା ସଂସ୍ଥା ସହ ମିଶି ମିଳିତ ଭାବେ ତଦନ୍ତ କରୁଛି। ଗୁରୁତର ଆହତ ଭାରତୀୟ କ୍ୟାପଟେନ ସ୍ମିତ ମଚ୍ଛାରଙ୍କୁ ସାଉଦି ଆରବର ତାବୁକ ସହରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇ ଜରୁରୀକାଳୀନ ଚିକିତ୍ସା ଯୋଗାଇ ଦିଆଯାଇଥିଲା ଏହାସହ ଅନ୍ୟ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଟର୍ମିନାଲରେ ରଖିବା ସହ ପରବର୍ତ୍ତୀ ବିମାନ ଯୋଗେ ଇସ୍ରାଏଲ ପଠାଇବାରେ ସାଉଦି ସାହାଯ୍ୟ କରିଥିଲା।

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏହି ଘଟଣାକୁ ନେଇ ଏକ ଭିଡିଓ ବାର୍ତ୍ତା ଜାରି କରିଥିଲେ। ସେ କହିଥିଲେ ଯେ ଆହତ ହେବା ସତ୍ତ୍ୱେ କ୍ୟାପଟେନ ସ୍ମିତ ମଚ୍ଛାର ଯେଉଁ ସାହସିକତା ଦେଖାଇଲେ, ତାହା ଯୋଗୁଁ ଆମେରିକାର ୯/୧୧ ଭଳି ଏକ ବଡ଼ ଆକାଶମାର୍ଗୀୟ ଆତଙ୍କବାଦୀ ଦୁର୍ଘଟଣା ଟଳିଯାଇଛି। ସେ ତାଙ୍କୁ ଜଣେ 'ପ୍ରକୃତ ହିରୋ' ବୋଲି ପ୍ରଶଂସା କରିଥିଲେ। ଯାତ୍ରୀମାନେ ତେଲ୍ ଅଭିଭ୍‌ର ବେନ୍ ଗୁରିଅନ୍ ବିମାନବନ୍ଦରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ନିଜେ ସେମାନଙ୍କୁ ସ୍ୱାଗତ କରିବାକୁ ଯାଇଥିଲେ। କକପିଟ୍ ଭିତରେ ଆକ୍ରମଣକାରୀକୁ କାବୁ କରିଥିବା ସାହସୀ ଯାତ୍ରୀ ୟାନିଭ୍ ହାୟୁନ୍‌ଙ୍କୁ ଭେଟି ସେ କହିଥିଲେ, 'ତୁମେ ହିଁ ପ୍ରକୃତ ବୀର, ତୁମେ ଜଣେ ସିଂହ ଭଳି କାମ କରିଛ'। ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟ୍ଜ ଏହାକୁ ଏକ 'ଜିହାଦୀ ଆତଙ୍କବାଦୀ ଆକ୍ରମଣ'ର ପ୍ରୟାସ ବୋଲି କହିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଓମାନୀ ପାଇଲଟ୍ ଜଣକ ବିମାନକୁ ଇସ୍ରାଏଲ ସୀମା ଭିତରେ କ୍ରାସ୍ କରି ସମସ୍ତ ଯାତ୍ରୀଙ୍କୁ ମାରିବାକୁ ଯୋଜନା କରିଥିଲା। ତେବେ ଏହି ଘଟଣାରେ ଅନ୍ୟ କୌଣସି ଦେଶ ବା ସଂଗଠନର ହାତ ଅଛି କି ନାହିଁ, ସେ ନେଇ ଅଧିକ ତଦନ୍ତ ଚାଲିଛି ।

ଏହି ଘଟଣାଟି ସମାଜକୁ ଅନେକ କିଛି ଶିକ୍ଷା ଦେଉଅଛି । ଜୀବନର ସବୁଠାରୁ କଠିନ ମୁହୂର୍ତ୍ତରେ ମଧ୍ୟ ନିଜର ଦାୟିତ୍ୱକୁ ନଭୁଲିବା ହିଁ ପ୍ରକୃତ ମାନବିକତା । କେଉଁଠି ସାଧାରଣ କଥାରେ ଜଣେ ବ୍ୟକ୍ତି ଶତାଧିକ ବ୍ୟକ୍ତିଙ୍କର ଜୀବନ ନେଇପାରେ କିନ୍ତୁ ଅନ୍ୟ କେଉଁଠି ଜଣେ ବ୍ୟକ୍ତି ନିସ୍ୱାର୍ଥପର ଭାବେ ଶତାଧିକ ବ୍ୟକ୍ତିଙ୍କର ଜୀବନ ରକ୍ଷା କରିପାରେ। ଗୁରୁତର ଭାବେ ଆହାତ ହୋଇଥିବା ପାଇଲଟ୍ ପ୍ରଥମେ ନିଜ ଜୀବନ କଥା ନଭାବି, ନିଜ ଉପରେ ବିଶ୍ୱାସ ରଖିଥିବା ଶହ ଶହ ଯାତ୍ରୀଙ୍କ ସୁରକ୍ଷାକୁ ଆଗରେ ରଖିଥିଲେ। ଆଜିର ସ୍ୱାର୍ଥପର ଦୁନିଆରେ, ଯେଉଁଠି ବ୍ୟକ୍ତି ଗୋଟିଏ ଛୋଟ ବିପଦ ଦେଖିଲେ ନିଜର ସାମାଜିକ ଓ ବ୍ୟକ୍ତିଗତ କର୍ତ୍ତବ୍ୟରୁ ଓହରିଯାଏ, ସେଠାରେ ଏହି ସାହସିକତା ପ୍ରତ୍ୟେକ ବୃତ୍ତିଧାରୀଙ୍କ ପାଇଁ ଏକ ଜ୍ୱଳନ୍ତ ଉଦାହରଣ। ଜୀବନରେ ଆପଦକାଳୀନ ସ୍ଥିତି କେବେବି ଆସିପାରେ। ଏପରି ସ୍ଥିତିରେ ଭୟଭୀତ ହୋଇଗଲେ ବିନାଶ ସୁନିଶ୍ଚିତ । କିନ୍ତୁ ଅତ୍ୟନ୍ତ ପ୍ରତିକୂଳ ସ୍ଥିତିରେ ମଧ୍ୟ ମୁଣ୍ଡ ଥଣ୍ଡା ରଖି ନିଷ୍ପତ୍ତି ନେବା ଦ୍ୱାରା ବଡ଼ ବଡ଼ ବିପତ୍ତିକୁ ଏଡ଼ାଯାଇପାରେ । ଆକାଶମାର୍ଗର ସେହି ଦୁଇ ମିନିଟର ଆତଙ୍କ ଭିତରେ ଯଦି ଭାରତୀୟ ପାଇଲଟ୍ ସାହସ ହରାଇଥାନ୍ତେ, ତେବେ ଫଳାଫଳ ଅତି ଭୟଙ୍କର ହୋଇଥାନ୍ତା ।ଏହି ଜରୁରୀକାଳୀନ ସ୍ଥିତିରେ ଯେପରି ଭାବେ ଅନ୍ୟ ଯାତ୍ରୀ ଏବଂ ଜରୁରୀ ସେବା ପ୍ରଦାନକାରୀ ଦଳ ଏକଜୁଟ ହୋଇ ପାଇଲଟଙ୍କୁ ସାହାଯ୍ୟ କଲେ ଏବଂ ସାଉଦି ଆରବ ବିମାନକୁ ସୁରକ୍ଷିତ ଅବତରଣ କରାଇଲା, ତାହା ଏଠି ପ୍ରମାଣ କରୁଛି ଯେ ସଙ୍କଟ ସମୟରେ ବିଶ୍ୱବାସୀ ଜାତି, ଧର୍ମ, ଓ ଦେଶର ସୀମା ଭୁଲି ଏକ ହୋଇପାରନ୍ତି। ଜଣେ ସାଧାରଣ ମଣିଷ ଭିତରେ ଯେତେବେଳେ ନୈତିକ ବଳ ଏବଂ ସତ୍ୟର ଶକ୍ତି ଥାଏ, ସେତେବେଳେ ସେ ମାରାତ୍ମକ ଅସ୍ତ୍ରଶସ୍ତ୍ର ଧାରଣ କରିଥିବା ଅପରାଧୀ ସାମ୍ନାରେ ମଧ୍ୟ ହାର ମାନେନାହିଁ। ଏହା ପ୍ରମାଣିତ କରେ ଯେ ଶାରୀରିକ ବଳ ଅପେକ୍ଷା ମାନସିକ ବଳ ଓ ନୈତିକ ସାହସ ସଦାସର୍ବଦା ଶ୍ରେଷ୍ଠ ।

ଏହି ଅଭାବନୀୟ ଘଟଣା ସମାଜ ପାଇଁ ଏକ ଚେତାବନୀ । ଜଣେ ସହ-ପାଇଲଟ୍ ଏପରି ଉଗ୍ର ଓ ହିଂସାତ୍ମକ ପଦକ୍ଷେପ ନେବା ପଛରେ କେଉଁ କାରଣ ରହିଛି, ତାହା ଉଚ୍ଚସ୍ତରୀୟ ତଦନ୍ତର ବିଷୟ । ଆଜିର ଅତ୍ୟାଧୁନିକ ଓ ଚାପଗ୍ରସ୍ତ ଜୀବନଶୈଳୀରେ କର୍ମସଂସ୍ଥାନମାନଙ୍କରେ କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟକୁ ଯାଞ୍ଚ କରିବା ଏବଂ ସେମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଦେବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ଯୁବପିଢ଼ି ପାଇଁ କ୍ରୋଧ, ଆବେଗ ଓ ହିଂସା ପରିବର୍ତ୍ତେ ଆତ୍ମସଂଯମ, ସାହସ ଓ ଦାୟିତ୍ୱବୋଧକୁ କିଭଳି ଆପଣାଇବବେ ତାହା ଉପରେ ସରକାର ଗୁରୁତ୍ୱ ଦେବା ଉଚିତ୍ କର୍ପୋରେଟ୍ ସଂସ୍ଥା ପାଇଁ ସରକାର କର୍ମଚାରୀଙ୍କ କେବଳ ବୈଷୟିକ ଦକ୍ଷତା ନୁହେଁ, ବରଂ ମାନସିକ ସ୍ଥିରତା ଓ ନୈତିକତାର ନିୟମିତ ଆକଳନ କରିବା ଉଚିତ୍ ।

ସିନେମା ପରଦାରେ ଅଭିନୟ କରୁଥିବା ନାୟକମାନଙ୍କ ଅପେକ୍ଷା କ୍ୟାପଟେନ୍ ସ୍ମିତ୍‌ଙ୍କ ପରି ବ୍ୟକ୍ତିମାନେ ହିଁ ବାସ୍ତବ ଜୀବନର ସୁପରହିରୋ। ରକ୍ତାକ୍ତ ଅବସ୍ଥାରେ ମଧ୍ୟ ନିଜ କର୍ତ୍ତବ୍ୟରୁ ନ ହଟି ଶହ ଶହ ପରିବାରର ହସ ବଜାୟ ରଖିବା ଏକ ସାଧାରଣ କଥା ନୁହେଁ। ଆଜିର ବାସ୍ତବ ଦୁନିଆରେ ଯେଉଁଠି ଛୋଟ ଛୋଟ କାରଣରୁ ଲୋକେ ଆତ୍ମସଂଯମ ହରାଉଛନ୍ତି, ସେଠାରେ ଏହି ଭାରତୀୟ ପାଇଲଟଙ୍କ ବୀରତା ଓ କର୍ତ୍ତବ୍ୟପରାୟଣତା ସମଗ୍ର ଭାରତବର୍ଷ ପାଇଁ ଗୌରବ ଆଣିଦେଇଛି। ଏହି ପ୍ରସଙ୍ଗରୁ ଶିକ୍ଷା ନେଇ ଆମେ ସମସ୍ତେ ନିଜ ନିଜ କ୍ଷେତ୍ରରେ କର୍ତ୍ତବ୍ୟନିଷ୍ଠ, ଧୈର୍ଯ୍ୟବାନ୍ ଏବଂ ସଙ୍କଟ ସମୟରେ ଅନ୍ୟର ସାହାଯ୍ୟ କରିବାକୁ ଆଗେଇ ଆସିବା ହିଁ ଏହି ବୀର ଯୋଦ୍ଧାଙ୍କ ପ୍ରତି ପ୍ରକୃତ ସମ୍ମାନ ହେବ।

+ଅଧ୍ୟାପକ, ବାଣିଜ୍ୟ ବିଭାଗ,
ମୋ:୯୪୩୮୦୭୦୮୪୯

କବିତା କୋଣାର୍କ

## ଯନ୍ତ୍ରଣାର ସ୍ୱର

**କବିତା ପଣ୍ଡା**



ଅନେକ ଯନ୍ତ୍ରଣା
ପାଉଥିଲ ସେଦିନ
ଯେବେ ମୁଁ ଖଣ୍ଡାଧାର ରେ
ଛିଡ଼ା ହୋଇ
ପରଖୁଥିଲି ନିଜକୁ।
ତୁମେ ପ୍ରଶ୍ନଟିଏ ପଚାରିଥିଲ
ଅଜବ ପ୍ରଶ୍ନଟିଏ,
ମୁଁ ନିରବ ଥିଲି
ହଁ କି ନାଁ ଉତ୍ତର ଦେବା ଆଗରୁ
ତୁମେ ଅବଶୋଷର କାହାଣୀ
ଶ୍ରୀ ମୁଖରେ ରଚୁଥିଲ,
ମୁଁ ଦେଖୁଥିବି, ବୁଝିବି
ତଥାପି ଚୁପ୍ ଚାପ୍ ରହିଥିଲି ।
ମୁଁ ସିଦ୍ଧାନ୍ତ ରେ ଉପନିତ ହୋଇ
ଉତ୍ତର ଦେବା ଆଗରୁ
ତୁମେ ପିଠି କୁ ପଛ କରି
ଫେରିଗଲ ନିରସତାର ପାଦଛାପି ।
ଏ ମନ ତୁମକୁ ଝୁରେ
ପ୍ରତି ମୂହୂର୍ତ୍ତ ରେ
ଏ ଆଖି ତୁମକୁ ଖୋଜେ
ସବୁରି ଭିଡ଼ ଭିତରେ ,
ଆଜି ଗୋଟିଏ ନୁହେଁ ବରଂ
ତୁମ ହଜାରେ ପ୍ରଶ୍ନର ଉତ୍ତର ମିଳିଯାନ୍ତା
ଯଦି ଏ ଗହଳି ଭିତରେ
ତୁମ ସହ ଭେଟ ହୁଅନ୍ତା ।।

+ମଙ୍ଗଳ ପୁର, ସୋର,
ବାଲେଶ୍ୱର

## ମୋ ଫୁଲ ବଗିଚା

**ବିଜୟ କର୍ମକାର**

ଛୋଟ ବଗିଚାର ଟିକି ଟିକି ଫୁଲ
ମହକ ଖେଳାଏ ମୃଦୁ ବାସେ,
ପ୍ରଜାପତି, ମଧୁମକ୍ଷୀ ସବୁ ପରା
ଦୂରୁ ଉଡିଆସି ଫୁଲେ ବସେ ।

ରଙ୍ଗ ବେରଙ୍ଗର ଫୁଲର ସମ୍ଭାର
ମାଳି ଆତ୍ମହରା ଆନନ୍ଦରେ,
ଭାବୁକ, ଲେଖକ, ଫୁଲପ୍ରେମି ମନ
ଆନ୍ଦୋଳିତ ହୁଏ ପୁଲକରେ ।

ନାନାଜାତି ନାନା ରଙ୍ଗର ଫୁଲକୁ
ଘଣ୍ଟା ଘଣ୍ଟା ତୃପ୍ତ ମନେ ଦେଖେ,
ସେଲ୍ଫି ନିଏ କିଏ, ବାନ୍ଧି ରଖିବାକୁ
ସ୍ୱର୍ଣ୍ଣିମ ମୂହୁର୍ତ୍ତ ନିଜ ପାଖେ ।

ଋତୁ ଚକ୍ରେ ଭିନ୍ନ ଭିନ୍ନ ଫୁଲ ଫୁଟେ
ନିୟତି ନିର୍ଦ୍ଦେଶେ ଧରାବୁକେ,
ଶୋଭା ଅପରୂପ ସବୁଜିମା ଭରା
ମନ ମାନସରେ ଛବି ଆଙ୍କେ ।

ଆତ୍ମକ୍ଲାନ୍ତି ଭୁଲି ପରିତୃପ୍ତି ପାଇ
ମାଳି ଭାବୁଥାଏ କର୍ମ ବଳେ,
ସମୟର ମୂଲ୍ୟ, ପରିଶ୍ରମ ଫଳ
ପ୍ରଭୁ ଦେଲେ ମୋତେ ଏତେବେଳେ।

+ମୋ : ୯୮୬୧୧ ୨୦୯୮୯

# ଶୃଙ୍ଖଳିତ ଆଚରଣ


ଅଳକା ରାୟ




ଶିକ୍ଷା ମନୁଷ୍ୟକୁ ବୁଦ୍ଧି, ବିବେକ ଓ ଜ୍ଞାନ ପ୍ରଦାନ କରେ। ଭଲ ମନ୍ଦ ବିଚାର କରିବାର କ୍ଷମତା ଯୋଗାଏ। ଶିକ୍ଷା ମନୁଷ୍ୟକୁ ଧର୍ଯ୍ୟବାନ,ସହନଶୀଳ, ତଥା ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବାକୁ ଶକ୍ତି ଯୋଗାଏ। ଅନୁଭୂତି ତଥା ଅଭିଜ୍ଞତା ବଢାଇବାରେ ସାହାଯ୍ୟ କରେ। ଶିକ୍ଷା ପାଇଁ ହିଁ ମାନବ ଅନ୍ୟ ପ୍ରାଣୀଠାରୁ ନିଜକୁ ଶ୍ରେଷ୍ଠ ବୋଲି ବିବେଚନା କରେ। ବର୍ତ୍ତମାନ ସମାଜରେ ପ୍ରକୃତ ଶିକ୍ଷା ନ ଥାଇ ବି କିଛି ନିଜକୁ ଉଚ୍ଚ ଶିକ୍ଷିତ ମନେ କରନ୍ତି। ଶିକ୍ଷାର ଅର୍ଥ କେବଳ ପାଞ୍ଚ, ଛଅଟି ଡିଗ୍ରୀ କିମ୍ବା ଉଚ୍ଚ ପଦବୀରେ ରହି ମୋଟା ଅଙ୍କର ଦରମା ପାଇବାକୁ ବୁଝାଏ ନାହିଁ। ନୈତିକତା ନ ଥିଲେ କୌଣସି ପ୍ରକାର ଶିକ୍ଷାର ମୂଲ୍ୟ ରହେନା। ନିତିଗତ ଶିକ୍ଷା ମଧ୍ୟ ସେତିକି ଦରକାର। ଜଣେ ଉଚ୍ଚ ଶିକ୍ଷିତ ଯଦି ମହିଳା ମାନଙ୍କ ସହିତ କଥାବାର୍ତ୍ତା ସମୟରେ ଶାଳୀନତା ରକ୍ଷା କରି ନପାରିଲା କିମ୍ବା ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରି ନ ପାରିଲା ତେବେ ସେହି ଉଚ୍ଚ ଶିକ୍ଷା ର କୌଣସି ମୂଲ୍ୟ ନାହିଁ।

ଆଜିକାଲି ଔଦ୍ଧତ୍ୟ ମାନବର ଭୂଷଣ ସାଜିଛି। ସହର ହେଉ ଅବା ଗାଁ ଚାରିଆଡେ ସାମାନ୍ୟ କଥାରେ ଉତ୍ତେଜନା ଓ ସଂଘର୍ଷ ଦେଖାଯାଉଛି। କେହି କାହାରିକୁ ସହି ପାରୁନାହାଁନ୍ତି। ସହନଶୀଳତା ପ୍ରାୟ ଲୋପ ପାଇ ଯାଉଛି, ଯେଉଁଟାକି ଶୃଙ୍ଖଳିତ ଆଚରଣର ମାନଦଣ୍ଡ। ଆଶ୍ଚର୍ଯ୍ୟର କଥା ସହିଯାଉଥିବା କିଛି ଲୋକ ମାନଙ୍କୁ ଭିରୁତାର ଆଖ୍ୟା ପ୍ରାପ୍ତ ହେଉଛି। ଯିଏ ଯେତେ ଅନ୍ୟ ଉପରେ ଅତ୍ୟାଚାର କରିପାରିଲା, ଅପମାନ କରି ପାରିଲା, କାହାର ଚରିତ୍ରକୁ କଦର୍ଥ କରିପାରିଲା,



ସେ ହିଁ ଅଧିକ ପ୍ରକଟ ହେଲା।

ପ୍ରତ୍ୟେକ କଥାର ଦୁଇଟି ପାର୍ଶ୍ୱ ଅଛି। ଗୋଟିଏ ଆଲୋକ ଏବଂ ଅନ୍ୟଟି ଅନ୍ଧକାର। ଯଦି ଜଣେ କାହାର କିଛି କ୍ଷତି କରୁଛି, ଅନ୍ୟ ଜଣକ ତତ୍କାଳ ଏହାର ପ୍ରତିଶୋଧ ନେଉଛି। ଉଦାହରଣ ସ୍ୱରୂପ କେହି ଯଦି କାହା ବାଡିରୁ ଫୁଲ ଟିଏ ଚୋରି କରୁଛି, ଅନ୍ୟ ଜଣକ ତତ୍କ୍ଷଣାତ ତାର ବଗିଚାଟିକୁ ନଷ୍ଟ କରିଦେଉଛି। ଏଇଟା ଯେସାକୁ ତେସା ନୀତି। ଏହା ହେଉଛି ଅନ୍ଧାର ପାର୍ଶ୍ୱ। ସେହିଭଳି ଆଲୋକ ପାର୍ଶ୍ୱକୁ ଦେଖିବା:- କୃଷ୍ଣ ଭକ୍ତ ମୀରାବାଇଙ୍କୁ ନିଜ ହସ୍ତରେ ବିଷ ପାନ କରିବାକୁ ଦିଆଯାଇ ଥିଲା, ଯାହାକୁ ସେ ହସି ହସି ଗ୍ରହଣ କରିଥିଲେ। ଯୀଶୁଖ୍ରୀଷ୍ଟ କ୍ରୁଶବିଦ୍ଧ ହେଲାପରେ ଦୁର୍ଜନ ମାନଙ୍କୁ କ୍ଷମା କରିବାକୁ କହିଥିଲେ। ଏହି ପରି ଅନେକ ଉଦାହରଣ ଆଲୋକ ପାର୍ଶ୍ୱରେ ଥିବା ମହାନ ମହିୟସୀ ମାନଙ୍କୁ ଅମର କରିଛି। ପ୍ରତିହିଂସା ପରାୟଣ ହୋଇ କାହିଁ କେହି ତ ଅମର ହୋଇପାରି ନାହାନ୍ତି। ସହିବା ଲୋକ ବର୍ତ୍ତମାନ କାଳରେ ଲଜ୍ଜିତ, ଅପମାନିତ ହୋଇପାରେ, କିନ୍ତୁ ପରବର୍ତ୍ତୀ କାଳରେ ସେ ଯେ ନିଶ୍ଚିତ ବିଜେତା ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ସହିଯାଉଥିବା କିଛି ଦିବ୍ୟ ଆତ୍ମାଙ୍କ ହୃଦୟରେ ଅମର ଆତ୍ମସତ୍ତା ଥାଏ, ସତ୍ୟର ପ୍ରଭାବ ଥାଏ, ଥାଏ ଆଲୋକର ଉଜ୍ଜଳ ଆଭା। ସେହିମାନେ ହିଁ ଆଲୋକ ପଥର ଯାତ୍ରୀ।

ଶୃଙ୍ଖଳିତ ଆଚରଣରେ କାହାର କିଛି କ୍ଷତି ହୋଇନଥାଏ। କିନ୍ତୁ ବିଶୃଙ୍ଖଳିତ ଆଚରଣ ପାଇଁ ଅନେକ କ୍ଷୟ କ୍ଷତି ହୋଇଥାଏ। ଏଇ ଯେମିତି ଅମାନିଆ ମାନେ ବେଶି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରନ୍ତି ଉଦାହରଣ ସ୍ୱରୂପ:- ଏପଟେ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି, ସେପଟେ କିଛି ଅମାନିଆ ବିନା ହେଲମେଟରେ ଗାଡି ଚଳାଉଥିବା ଦେଖିବାକୁ ମିଳୁଛି। ସର୍ଟକଟ ପାଇଁ ରଙ୍ଗ ରୁଟ ଚୟନ କରୁଛନ୍ତି। କାର ଚଳାଇବା ସମୟରେ ସିଟ-ବେଲ୍ଟ ବ୍ୟବହାରର ଉପଯୋଗିତାକୁ ଫୁତ୍କାରି ଦେଉଛନ୍ତି। ବିଶୃଙ୍ଖଳା ଆଚରଣ ପ୍ରଦର୍ଶନ କରି ସଡ଼କ ସୁରକ୍ଷା ନିୟମକୁ ଦଳିମକଚି ।

ଚାଲିଛନ୍ତି। ଏ ତ ଗଲା ବିଶୃଙ୍ଖଳିତ ଆଚରଣର କିଛି ଉଦାହରଣ। ଏବେ ଚାଲନ୍ତୁ କିଛି ଶୃଙ୍ଖଳିତ ଆଚରଣର ସକାରାତ୍ମକ ଦିଗ ଉପରେ ଦୃଷ୍ଟି ପକାଇବା।

ନିକଟ ଅତିତରେ ଆମାଜାନ ଜଙ୍ଗଲରେ ଚାରି ଭାଇ ଭଉଣୀଙ୍କ ନିଖୋଜ ହେବା ଓ ଅକ୍ଷତ ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରିବା, ଶୃଙ୍ଖଳିତ ଆଚରଣର ନିଆରା ଦୃଷ୍ଟାନ୍ତ। ଭାଇ ଭଉଣୀ ମାନଙ୍କ ପରସ୍ପର ମଧ୍ୟରେ ଥିବା ଶୃଙ୍ଖଳିତ ଜ୍ଞାନ ଆଚାର ବ୍ୟବହାର ଯୋଗୁଁ ହିଁ ସେମାନେ ନିଜକୁ ଏପରି ବିପଦରୁ ରକ୍ଷା କରିପାରିଥିଲେ। ଗଲା କିଛି ଦିନ ତଳେ ଜାପାନ୍‌ରେ ଏକ ଜଳନ୍ତା ବିମାନରୁ ୩୭୯ ଲୋକଙ୍କ ଜୀବନ ରକ୍ଷା କରାଯାଇ ପାରିଲା। ମାତ୍ର ୯୦ସେକେଣ୍ଡ ଭିତରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇ ପାରିଥିଲା କେବଳ ଯାତ୍ରୀମାନଙ୍କ ଶୃଙ୍ଖଳିତ ଆଚରଣ ଯୋଗୁଁ। ବିମାନରେ ନିଆଁ ଲାଗିବା ସତ୍ତ୍ୱେ ଯାତ୍ରୀମାନେ ଭୟଭିତ ନ ହୋଇକୁ ସଦସ୍ୟଙ୍କ କଥାମାନି ଧାଆଁ ଦୈଡ ନ କରି ସ୍ଥିର ଓ ଶାନ୍ତ ରହିଥିଲେ।ଏହା ହିଁ ଶୃଙ୍ଖଳିତ ଆଚରଣର ସକାରାତ୍ମକତା।

ଧର୍ଯ୍ୟ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ। ସହନଶୀଳତା ମନକୁ ଦୃଢ଼ କରେ। ସେନେହ ଓ ସନ୍ମାନ ସମ୍ପର୍କକୁ ବାନ୍ଧି ରଖେ। ସଂଘର୍ଷ ଜୀବନକୁ ଆହୁରି ଶାଣିତ କରେ। ଶିକ୍ଷା ମାର୍ଜିତ କରାଏ। ସର୍ବୋପରି ଶୃଙ୍ଖଳିତ ଆଚରଣ ଜୀବନକୁ ସରସ ସୁନ୍ଦର କରିଥାଏ। କେବଳ ଆଚରଣ ନୁହେଁ, ଉଚ୍ଚାରଣ ରେ ବି ଶୃଙ୍ଖଳା ବଜାୟ ରଖିବା ନିହାତି ଆବଶ୍ୟକ। କେବଳ ମଧୁର ନୁହେଁ, ଶୃଙ୍ଖଳିତ ବାଣୀ ଅସାଧକୁ ସାଧ କରିପାରେ। ମୃତବତ ପ୍ରାଣୀର ଦେହରେ ଜୀବନ ସଞ୍ଚାର କରିପାରେ। ତେଣୁ ଶୃଙ୍ଖଳିତ ଆଚରଣ ଓ ଉଚ୍ଚାରଣକୁ ଜୀବନର ମାନଦଣ୍ଡ କରିପାରିଲେ ନିଶ୍ଚିତଭାବେ ଆଗାମୀ ଦିନରେ ବିଜୟ ସୁନିଶ୍ଚିତ।


+ ଭୁବନେଶ୍ୱର
ମୋ: ୭୯୭୮୩୩୨୦୬୧


# ଗ୍ଲାମର ଦୁନିଆ ଓ ଯୁବପିଢ଼ି


ପ୍ରଣତି ଆଚାର୍ଯ୍ୟ ମିଶ୍ର




ସୌନ୍ଦର୍ଯ୍ୟ ମାନବୀୟ ବୃତ୍ତିର ଅପୂର୍ବ ଅନୁଭବ। ଇଶ୍ୱରଙ୍କ ସୃଷ୍ଟିରେ ସବୁଠାରୁ ସୁନ୍ଦର ଓ ବୁଦ୍ଧିମାନ ମଣିଷ। ତାର ସୁନ୍ଦର ଚେହେରା ଇଶ୍ୱରଙ୍କ ଅନନ୍ୟ ଦାନ । ସୁନ୍ଦର ବସ୍ତୁଟି ସମସ୍ତଙ୍କ ଆଖିକୁ ଆକର୍ଷିତ କରିଥାଏ । ଚିତାକର୍ଷକ ଆଲୋକ ସଜ୍ଜା, କ୍ୟାମେରାର ଲେନ୍ସ, ଏବଂ ମଂଚ ଉପରେ ଜଣେ ସୁନ୍ଦର ସଂଚାଳକ। ଯିଏ ନିଜ କଥାର ଯାଦୁରେ ବସିଭୂତ କରିପାରେ। ତାର ପ୍ରତିଟି କଥାରେ ତାଳିରେ ମସଗୁଲ ହେଲାପରି ସୁନ୍ଦର ପରିବେଶ ଓ ଦର୍ଶକ। ଆପଣ ଏବେ ବୁଝିପାରୁଥିବେ ଏହା ଗ୍ଲାମର ଦୁନିଆର ଏକ ଷ୍ଟେଜ୍ ପ୍ରୋଗ୍ରାମ। ଏହା ଏପରି ଏକ ଦୁନିଆ ଯେଉଁଠିକି ଯୁବପିଢ଼ି କଥା କଣ କହିବା କିଶୋର କିଶୋରୀ ସମସ୍ତେ ଯିବାକୁ ଚାହାଁନ୍ତି। ସମସ୍ତଙ୍କୁ ଏହାର ନିଶା ଲାଗିଛି। ଆଉ ଥରେ ଏ ଭିତରେ ପସିଲେ ଚକ୍ରବିହ୍ୱ ପରି ଭିତରକୁ ଯାଇହୁଏ।କିନ୍ତୁ ବାହାରକୁ ଆସିହୁଏ ନାହିଁ। ଏହି ଦୁନିଆ ଇନ୍ଦ୍ରଧନୁର ରଙ୍ଗ ପରି ସୁନ୍ଦର ଓ ଆକର୍ଷଣୀୟ। ସମ୍ମୋହନ କରି ସମସ୍ତଙ୍କୁ ବସିଭୂତ କରିଦିଏ । ଯୁବପିଢ଼ିଙ୍କୁ ଏକ ସୁନ୍ଦର ସ୍ୱପ୍ନ ଦେଖାଇ ନିଜ ଆଡକୁ ଆକୃଷ୍ଟ କରେ। ସେମାନେ ଭାବନ୍ତି ମୋର ବି ଏମିତି ନାଆଁ ହୁଅନ୍ତା ମୋର ଗାଡି, ବଙ୍ଗଳା, ଟଙ୍କା ପଇସା ଓ ମୋତେ ଦେଖିବାକୁ ହଜାର ହଜାର ଦର୍ଶକ ଏକତ୍ର ହୁଅନ୍ତେ। ମୋ ଅଟୋଗ୍ରାଫ ପାଇଁ ସମସ୍ତେ ଭିଡ ଜମାନ୍ତେ। ନିଜ ସ୍ୱପ୍ନକୁ ଖୁବ୍ ଶୀଘ୍ର ପାଇବା ଆଶାରେ ଏହି ଦୁନିଆରେ ପାଦରଖେ ସେ। ନିଜର ସୌନ୍ଦର୍ଯ୍ୟକୁ ନେଇ ଆଜିର ଯୁବପିଢ଼ି ଭିନ୍ନ ଭିନ୍ନ ଢଙ୍ଗରେ ଆକର୍ଷିତ କରନ୍ତି ଅନ୍ୟକୁ। କିନ୍ତୁ ଆଖିକୁ ଭଲ ଦେଖାଯାଉଥିବା ସୌନ୍ଦର୍ଯ୍ୟ ସଂଙ୍କିର୍ଣ ଓ କ୍ଷଣସ୍ଥାୟୀ। ପ୍ରକୃତ ସୌନ୍ଦର୍ଯ୍ୟ ବହିଶ୍ଚକ୍ଷୁରେ ଦିଶେନାହିଁ । ଏହି ସୁନ୍ଦରତା ପଛରେ ମଧ୍ୟ ଅନେକ କାହାଣୀ ଲୁଚିଥିବା ଜଣାପଡେ। ଯାହା ପାଖକୁ ସୁନ୍ଦର ଆଲୋକ, କ୍ୟାମେରା ଲେନ୍ସ ଓ ଦର୍ଶକଙ୍କ ତାଳି ଯାଇପାରେନି। ସଂଗୀତର ତାଳେ ତାଳେ ରାମ୍ପରେ ଚାଲୁଥିବା ସୁନ୍ଦର ମଡେଲମାନଙ୍କ ଜୀବନ ପ୍ରକୃତରେ ଏକ ଭିନ୍ନ କାହାଣୀ କହିଥାଏ। ଏହି ସୌନ୍ଦର୍ଯ୍ୟ ପଛରେ ଆଉ ଏକ ଚେହେରା ଅଛି, ଯାହା ଜୀବନର ଅନ୍ୟ ପାର୍ଶ୍ୱରେ



ଥିବା ଅନ୍ଧକାରକୁ ସୂଚିତ କରେ । ଗ୍ଲାମର ଦୁନିଆ ହେଉଛି ଏମିତି ଏକ ଦୁନିଆ ଯେଉଁଥିରେ ଟଙ୍କା, ଖ୍ୟାତି ସବୁକିଛି ଅଛି କିନ୍ତୁ ଶାନ୍ତି ନାହିଁ ।

ଗ୍ଲାମର ଜଗତରେ ନିଜ ନାମ କରିବା ଆମେ ଭାବିବା ପରି ସହଜ ନୁହେଁ । ଏଥିପାଇଁ ଅନେକ କିଛି ତ୍ୟାଗ କରିବାକୁ ହୁଏ। ଏଠି ଆନେକ ଶୋଷଣର ଶୀକାର ହୁଅନ୍ତି ବୋଲି ନଜରକୁ ଆସେ।

ଏହି ଶୋଷଣର ଶିକାର ହୋଇଥିବା ବ୍ୟକ୍ତିଙ୍କ ପାଇଁ ଏହା ଏକ ନକଲି ଜୀବନ ବଞ୍ଚିବା ପରି। ଟଙ୍କା ପାଇଁ, ଅନେକ ଥର ସେମାନେ କିଛି ଭୁଲ ପଥରେ ଯାଇ ନିଜ ଜୀବନର ଲକ୍ଷ୍ୟରୁ ବିଚ୍ୟୁତ ହୁଅନ୍ତି । ବେଳେବେଳେ ବାଧ୍ୟତାମୂଳକ ଏବଂ ବେଳେବେଳେ ସ୍ୱଇଚ୍ଛାରେ । ଟଙ୍କାର ଲୋଭ ସେମାନଙ୍କୁ ବିପଥଗାମୀ କରାଏ। ଦୂରରୁ ବହୁତ ଭଲ ଦେଖାଯାଉଥିବା ଏହି ଗ୍ଲାମରସ୍ ଦୁନିଆରେ ନିଜ ନାମ ଅର୍ଜନ କରିବାର ଇଚ୍ଛା ଯୁବପିଢ଼ିଙ୍କୁ ଏଠାକୁ ଟାଣିଥାଏ । କିଛି ଲୋକ ବହୁ ଅର୍ଥ ଏବଂ ଖ୍ୟାତି ଅର୍ଜନ କରିବାକୁ ବାଧ୍ୟ ହୋଇ ଏହି କ୍ଷେତ୍ରରେ ସେମାନଙ୍କର ଭବିଷ୍ୟତ ଖୋଜନ୍ତି। ଏହି ଦୁନିଆରେ, ବଡ ଛୋଟ ସମସ୍ତେ ପ୍ରାୟତଃ ଶୋଷଣର ଶିକାର ହୁଅନ୍ତି। ଆଶ୍ଚର୍ଯ୍ୟଜନକ କଥା ହେଉଛି କେବଳ ମହିଳା ନୁହଁନ୍ତି ପୁରୁଷ ମାନେ ମଧ୍ୟ ଏଭଳି ଶୋଷଣର ସମ୍ମୁଖୀନ ହେଉଛନ୍ତି। ଶରୀର ବଦଳରେ ଟଙ୍କା: -ମଡେଲମାନେ ସେମାନଙ୍କର ପତଳା ଶରୀରର ଯାଦୁ ବିସ୍ତାର କରନ୍ତି, ଏହି ଦୁନିଆକୁ ଆସିବା ପରେ, କେହି କେହି ଏପରି କାର୍ଯ୍ୟ କରନ୍ତି, ଯାହା ସେମାନଙ୍କ ଜୀବନକୁ ବିଭ୍ରାନ୍ତି ପଥରେ ନେଇଥାଏ ।

ବହୁ ପରିମାଣର ଅର୍ଥ ପାଇଁ, ଏହି ମଡେଲଗୁଡିକ ନିଜ ଶରୀର ସହିତ କାରବାର କରିବାକୁ ମଧ୍ୟ ଦ୍ୱିଧା କରନ୍ତି ନାହିଁ। ଅନିଚ୍ଛାକୃତ ଭୁଲ ସଂଶୋଧନ ହେବା ସଂଭାବନା ଥାଏ। କିନ୍ତୁ ଇଚ୍ଛାକୃତ ଭୁଲ ଯୋଜନାବଦ୍ଧ ଭାବେ ହୋଇଥାଏ। ସେଠାରେ ସୁଧାରିବା କଥା ପ୍ରଶ୍ନ ଉଠୁଛି କେଉଠୁ ? ସୈତାନର ବେଦପାଠ ପରି ଜାଣିଶୁଣି ଭୁଲ ବାଟ ଆପଣାଇବା ଅଭିସନ୍ଧିମୂଳକ। ପରିଶେଷରେ, ଆମେ କହିପାରିବା ଯେ ଏହି ଦୁନିଆରେ ଯାହା ସବୁ ଦେଖାଯାଏ ତାହା ସତ୍ୟ ନୁହେଁ । ଗ୍ଲାମର ଦୁନିଆରେ ହସୁଥିବା ଚେହେରା ପଛରେ ଲୁଚି ରହିଥିବା ତିକ୍ତ ସତ୍ୟ ସେମାନଙ୍କ ଜୀବନର ଏକ ଭିନ୍ନ କାହାଣୀ କହିଥାଏ। ସଫଳତା ପାଇବା ଅତ୍ୟନ୍ତ ଭଲ କିନ୍ତୁ ଏଥିପାଇଁ ସେପରି କିଛି ଚୁକ୍ତି କରାଯିବା ଉଚିତ୍ ନୁହେଁ, ଯାହା ପରବର୍ତ୍ତୀ ସମୟରେ ଆମ ଜୀବନରେ ଏକ ଖରାପ ଦାଗ ହେଇ ରହିଯିବ।


+ ନୟାଗଡ଼
ମୋ: ୯୪୩୭୬୪୨୯୪୭


# ଯୋଗ ଓ ମହିଳା ସ୍ୱାସ୍ଥ୍ୟ


ଡାକ୍ତର ଶୁଭଶ୍ରୀ ମିଶ୍ର




ଆଧୁନିକ ଚିକିତ୍ସାର ବିବିଧ କ୍ଷେତ୍ରରେ ଅସାଧାରଣ ପ୍ରଗତି ହୋଇଥିଲେ ମଧ୍ୟ ଆଜି ଶାରୀରିକ ଏବଂ ମାନସିକ ରୋଗୀଙ୍କର ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଦେଖାଯାଉଛି। ମଣିଷକୁ ନୀରୋଗ ଏବଂ ଦୀର୍ଘଜୀବୀ କରି ରଖିବା ପାଇଁ ବିଶ୍ୱସ୍ତରରେ ବହୁ ଗବେଷଣା କରାଯାଇଛି ଏବଂ କରାଯାଉଛି; କିନ୍ତୁ ଏ ପର୍ଯ୍ୟନ୍ତ ଏ ବାବଦରେ କୌଣସି ଗୋଟିଏ ସର୍ବମାନ୍ୟ ସର୍ବସୁଲଭ ସୂତ୍ର ହସ୍ତଗତ ହୋଇପାରିନାହିଁ। ଅତି ପ୍ରାଚୀନ କାଳରୁ ସେଥିପାଇଁ ଭାରତୀୟ ଯୋଗବିଦ୍ୟା ବିଶାରଦମାନେ ଏହି ସ୍ଥୂଳଚିକିତ୍ସା ପଛରେ ନଧାଇଁ କେମିତି ସବୁ ରୋଗର ସୂକ୍ଷ୍ମସ୍ତରରେ ଚିକିତ୍ସା ହୋଇପାରିବ, ସେ ଦିଗରେ ଗହନ ଅନୁସନ୍ଧାନ କରିଥିଲେ। ଆଜିକାଲି ବୈଜ୍ଞାନିକମାନେ କହୁଛନ୍ତି ଦଶଭାଗ ରୋଗର କାରଣ ସ୍ଥୂଳଶରୀର ହେଲେ ବାକି ନବେ ଭାଗ ରୋଗର କାରଣ ସୂକ୍ଷ୍ମ ଶରୀର। ଅର୍ଥାତ୍ ଦୂଷିତମନ, ବିଚାର, ଭାବନା, କଳ୍ପନା ଇତ୍ୟାଦି। ଏକଥା ହଜାର ହଜାର ବର୍ଷ ତଳେ ଆମର ଦିବ୍ୟଦ୍ରଷ୍ଟା ଯୋଗୀ ଋଷିମାନେ ଜାଣି ସେଥିପାଇଁ ରୋଗର ସ୍ଥାୟୀ ପ୍ରତିକାର ସ୍ଥୂଳ ସ୍ତରରେ ନ କରି ସୂକ୍ଷ୍ମସ୍ତରର ସିଦ୍ଧଶକ୍ତି ମିଳି ଯାଉଥିଲା। ତା ଦ୍ୱାରା ସେମାନେ କେବଳ ରୋଗ ନିବାରଣରେ ସଫଳ ହୋଇଥିଲେ ତାହା ନୁହେଁ, ବରଂ ଦୀର୍ଘାୟୁ ଲାଭ କରୁଥିଲେ।

ତେବେ ମହିଳା ମାନଙ୍କ ପାଇଁ ଯୋଗାସନର ପ୍ରାସଙ୍ଗିକତା ଅନେକ ଚର୍ଚ୍ଚା ସୃଷ୍ଟି କରୁଥିଲେ ବି ବିଶ୍ୱ ଯୋଗ ଦିବସ ଅବସରରେ ଏହାର ଅନ୍ତର୍ନିହିତ ତାତ୍ପର୍ଯ୍ୟ ସମ୍ବନ୍ଧରେ କିଛି ଲେଖୁଛୁ। ବର୍ତ୍ତମାନର ପରିବର୍ତ୍ତିତ ଏବଂ ବ୍ୟସ୍ତବହୁଳ ଜୀବନଶୈଳୀ ଅନେକଙ୍କ ଠାରେ ବିଶେଷ କରି ମହିଳାଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ଲାଗି ମୁଖ୍ୟତଃ ଦାୟୀ। ଏମିତିରେ ଦୈନିକ କିଛି ସମୟ ଯୋଗ କରିବା ସ୍ୱାସ୍ଥ୍ୟ ପକ୍ଷେ ବରଦାନ ସଦୃଶ। ଏହା ଶରୀରର ପଞ୍ଚ ଇନ୍ଦ୍ରିୟ, ସ୍ନାୟୁ ତନ୍ତ୍ର, ରକ୍ତନାଡ଼ି, ଶ୍ୱାସକ୍ରିୟା ଆଦିକୁ ସୂଚାରୁରୂପେ ସଞ୍ଚାଳନ କରିବାରେ ସାହାଯ୍ୟ କରିଥାଏ। ଏହାଦ୍ୱାରା ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ଆତ୍ମିକ ସବୁ କ୍ଷେତ୍ରର ବିକାଶ ସମ୍ଭବ ହୋଇଥାଏ। କର୍ମଜୀବୀ ହୁଅନ୍ତୁ ଅବା ଗୃହିଣୀ ଯୋଗ ପ୍ରତ୍ୟେକଙ୍କ ଲାଗି ଉପକାରୀ।

ନିୟମିତ ଯୋଗାସନ କରିବା ଦ୍ୱାରା ମାନସିକ ସନ୍ତୁଳନ ରକ୍ଷା କରିଥାଏ। ଫଳରେ ମସ୍ତିଷ୍କର କାର୍ଯ୍ୟ ଦକ୍ଷତା ବୃଦ୍ଧି ହୋଇଥାଏ। ଚିଡ଼ିଚିଡ଼ା ପଣ, ଅବସାଦ ଆଦି ଦୂର ହୋଇ ମାନସିକ ଶାନ୍ତି ମିଳିଥାଏ। ଏହାର ଦ୍ୱାରା ଶରୀରରେ ହରମୋନ ପରିବର୍ତ୍ତନ ଯୋଗୁଁ



ବିଶେଷ କରି ଋତୁସ୍ରାବ ବିରତି ପରେ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ। ଶରୀରରେ ନମନୀୟତା ଏବଂ ଶକ୍ତି ବୃଦ୍ଧି ପାଉଥିବାରୁ ଶାରୀରିକ ପୀଡ଼ା ବିଶେଷ କରି ପିଠି, ଆଣ୍ଠୁ ଗଣ୍ଠି, ବେକ ଆଦି ସ୍ଥାନରେ ହେଉଥିବା ଯନ୍ତ୍ରଣା ଶୀଘ୍ର ଭଲ ହୋଇଯାଇଥାଏ। ଯୋଗ କରିବା ସମୟରେ ବିଭିନ୍ନ ଯୋଗମୁଦ୍ରା ଏବଂ ଶ୍ୱାସ କ୍ରିୟା ମଧ୍ୟରେ ସାମଞ୍ଜସ୍ୟ ଯୋଗୁ ଶରୀରର ରକ୍ତ ସଞ୍ଚାଳନ ପ୍ରକ୍ରିୟା ସୁଚାରୁରୂପେ ହୋଇଥାଏ। ଫଳରେ ଶରୀରରେ ଅମ୍ଳଜାନ ଏବଂ ପୋଷକ ତତ୍ତ୍ୱର ଭଲ ହେବା ଯୋଗୁଁ ତ୍ୱଚା ଏବଂ ଅନ୍ତ ଅଙ୍ଗ ଗୁଡ଼ିକ ମଧ୍ୟ ସୁସ୍ଥ ରହିଥାଏ। ବିଭିନ୍ନ ଯୋଗାସନ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟର ଉନ୍ନତି କରିବା ସହ ମଣିଷକୁ ନୀରୋଗ, ଗତିଶୀଳ, ଉତ୍ସାହୀ ଏବଂ ଖୁସି ରଖିଥାଏ। ସୁଚାରୁରୂପେ ଶ୍ୱାସ ପ୍ରକ୍ରିୟାର ସମ୍ପାଦନ କରିବାରେ ବି ଯୋଗାସନର ଭୂମିକା ରହିଛି। ଏହା ବ୍ୟତୀତ ଶାରୀରିକ କାର୍ଯ୍ୟଦକ୍ଷତା ଏବଂ ସହନଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଯେଉଁ ମହିଳାମାନେ ଅଧିକ ସମୟ ଧରି ଗୋଟେ ସ୍ଥାନରେ ଠିଆ ହୋଇ ରୋଷେଇ କରୁଛନ୍ତି, ବସି ଅଫିସରେ କାମ କରୁଛନ୍ତି କିମ୍ବା ଗାଡ଼ି ଚଳାଉଛନ୍ତି ସେମାନେ ନିୟମିତ ଯୋଗ କରିବା ଜରୁରୀ। ବର୍ତ୍ତମାନ ମେଦ ବହୁଳତା ଅଧିକାଂଶ ମହିଳାଙ୍କ ଲାଗି ଏକ ବଡ଼ ସମସ୍ୟା ପାଲଟିଛି। ଆଉ ଏଥିଯୋଗୁ ଡାଇବେଟିସ୍, ରକ୍ତଚାପ ଭଳି ସମସ୍ୟା କମାଇ ଫିଟ ରଖିବା ଲାଗି ଯୋଗାସନ ବେଶ ଉପକାରୀ।

ଯୋଗାସନ କରିବା ଦ୍ୱାରା ହାର୍ଟ ଏବଂ ଧମନୀ ସୁସ୍ଥ ରହିଥାଏ। ଅପରପକ୍ଷେ ରକ୍ତ ସଞ୍ଚାଳନ ଭଲ ଭାବେ ହେବା କାରଣରୁ ମଧ୍ୟ ହୃଦ୍‌ରୋଗ ଆଶଙ୍କା କମିଥାଏ। ନିୟମିତ ଯୋଗାଭ୍ୟାସ କଲେ ଦୃଷ୍ଟିଶକ୍ତି ଏବଂ ପାଚନ ଶକ୍ତି ବୃଦ୍ଧି ପାଇଥାଏ। ଏହା ମାଂସପେଶୀଗୁଡ଼ିକୁ ଶକ୍ତି ପ୍ରଦାନ କରିବା ସହ ମେଦ ହ୍ରାସ ଏବଂ ପତଳା ଶରୀରକୁ ବଳିଷ୍ଠ କରିଥାଏ। ମାସିକ ଋତୁସ୍ରାବ ସମୟରେ ଯନ୍ତ୍ରଣା କମାଇବାରେ ମଧ୍ୟ ଯୋଗାସନ ଫଳପ୍ରଦ। କେବଳ ଏତିକି ନୁହେଁ ନିୟମିତ ଯୋଗ କରିବା ଦ୍ୱାରା ସ୍ତନକର୍କଟ ଆଶଙ୍କା ମଧ୍ୟ କମିଥାଏ। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ନିଦ୍ରାହୀନତା ଭୋଗୁଥିବା ମହିଳାଙ୍କ ଲାଗି ଏହା ଅତି ଉତ୍ତମ। ଯୋଗ ଦ୍ୱାରା ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ। ଚର୍ମ ଚିକ୍କଣ ଏବଂ ସୁନ୍ଦର ରହିଥାଏ। କେଶ ମଜଭୁତ୍ ରହିଥାଏ। ଶରୀରର ଗଠନକୁ ଏହା ସୁଠାମ କରିଥାଏ।

ଯୋଗ କରିବାର ଉପଯୁକ୍ତ ସମୟ ହେଉଛି ସୂର୍ଯ୍ୟୋଦୟର ଅଧ ଘଣ୍ଟା ପୂର୍ବରୁ ସୂର୍ଯ୍ୟୋଦୟର ଏକ ଘଣ୍ଟା ପର୍ଯ୍ୟନ୍ତ। ତେଣୁ ଦିନର ଅନ୍ୟ କୌଣସି ସମୟ ଅପେକ୍ଷା ଆପଣ ଯଦି ଏହି ଦେଢ଼ଘଣ୍ଟା ସମୟ ମଧ୍ୟରେ ଯୋଗ କରୁଛନ୍ତି ତେବେ ଏହାର ସମ୍ପୂର୍ଣ୍ଣ ଲାଭ ଉଠାଇ ପାରିବେ। ଯୋଗ କେବଳ ଶାରୀରିକ ନୁହେଁ ମାନସିକ ସ୍ତରରେ ମଧ୍ୟ ପ୍ରଭାବ ପକାଇଥାଏ। ତେଣୁ ଆଦୌ ତରତର ହୋଇ ଯୋଗ କରନ୍ତୁ ନାହିଁ। ଯୋଗ କରିବା ସମୟରେ ମନକୁ ସ୍ଥିର ରଖନ୍ତୁ। ନଚେତ୍ ଏହା ଆପଣଙ୍କ ଲାଗି ଉପକାରୀ ସାବ୍ୟସ୍ତ ହେବା ବଦଳରେ ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପକାଇପାରେ।

ଯୋଗ କରିବାର ପ୍ରାରମ୍ଭିକ ଦିନ ଗୁଡ଼ିକରେ ଅଧିକାଂଶ ମହିଳା ଏକାସଙ୍ଗେ ବହୁତ ଯୋଗାସନ ତାହା ପୁଣି ଅଧିକ ସମୟ ପାଇଁ କରିଥାନ୍ତି। ହେଲେ ଯୋଗ କରିବାର ଶୀଘ୍ର ଫଳ ପାଇବା ଆଶାରେ ଏପରି କରିବା ଠିକ୍ ନୁହେଁ। କାରଣ ସମସ୍ତଙ୍କ ଶାରୀରିକ କ୍ଷମତା ଭିନ୍ନ ଭିନ୍ନ। ତେଣୁ ଆବଶ୍ୟକତାରୁ ଅଧିକ ଯୋଗ ଏକାଦିନେ କରିବା ଦ୍ୱାରା ମଧ୍ୟ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ତେଣୁ ପ୍ରାରମ୍ଭିକ ଦିନ ଗୁଡ଼ିକରେ ଅଳ୍ପ ଅଳ୍ପ ଯୋଗାସନ କରନ୍ତୁ ଏବଂ ଧୀରେ ଧୀରେ ଅଭ୍ୟାସ ହେବା ପରେ ଏହା ସମୟସୀମା ବଢ଼ାନ୍ତୁ। ଯଦି ଆପଣ ଗର୍ଭବତୀ ତେବେ ପୂର୍ବରୁ କରୁଥିବା ଯୋଗାସନ ନ କରି ଏ ସମୟରେ କେଉଁ ଯୋଗ କରିବା ଦରକାର ଏକ୍ସପର୍ଟଙ୍କ ପରାମର୍ଶ ନେବାପରେ କରନ୍ତୁ। ଠିକ୍ ସେହିପରି ଋତୁସ୍ରାବ ସମୟରେ ମଧ୍ୟ ଏଥିପ୍ରତି ସତର୍କ ରହିବା ଆବଶ୍ୟକ। କାରଣ ଋତୁସ୍ରାବ ସମୟରେ ଅତ୍ୟଧିକ ରକ୍ତସ୍ରାବ ହେଉଥିଲେ ଯୋଗାସନ କରନ୍ତୁ ନାହିଁ। ସେହିପରି କୌଣସି ଜଟିଳ ଅପରେସନ ହୋଇଥିଲେ ଯୋଗାସନ ନିଷେଧ। ଯୋଗାସନ କେବେ ବେଡ୍, ସୋଫା ଭଳି ସୁବିଧାଜନକ ସ୍ଥାନରେ ବସି କରନ୍ତୁ ନାହିଁ। ଏହା ବଦଳରେ ଚଟାଣ ଉପରେ ଆସନ ବିଛାଇ ଯୋଗ କରନ୍ତୁ। ଯୋଗ କରିବା ଦିନ ଗୁଡ଼ିକରେ ଏହାର ଉପକାରିତା ପାଇବାକୁ ଚାହୁଁଥିଲେ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ତେଲ ମସଲାଯୁକ୍ତ କିମ୍ବା ଅନ୍ୟ କୌଣସି ଗରିଷ୍ଠ ଖାଦ୍ୟ ନ ଖାଇ ସୁଷମ ଖାଦ୍ୟ ଖାଆନ୍ତୁ ଏବଂ ପ୍ରଚୁର ପାଣି ପିଅନ୍ତୁ। ଯୋଗାସନ କରିବାର କିଛି ସମୟ ପୂର୍ବରୁ ୨ ଗ୍ଲାସ ପାଣି ପିଇବାକୁ ଆଦୌ ଭୁଲନ୍ତୁ ନାହିଁ। ମହିଳମାନଙ୍କ ପାଇଁ ଯୋଗାଭ୍ୟାସର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରତ୍ୟକ୍ଷ ଭାବେ ଅନୁଭୂତିମୂଳକ ଯୋଗକୁ ଗୁରୁତ୍ୱ ଦିଅନ୍ତୁ। ଯୋଗାସନ କରିବା ପୂର୍ବରୁ ସେ ସମ୍ପର୍କରେ ଭଲ ଭାବେ ପଢ଼ନ୍ତୁ ଓ ବୁଝନ୍ତୁ। ସୋସିଆଲ ମିଡ଼ିଆରେ ବା କେହି କ'ଣ କିଛି ପରାମର୍ଶ ଦେଇଦେଲେ ତାହାକୁ ଗ୍ରହଣ କରିବା ଅପେକ୍ଷା ପ୍ରାରମ୍ଭିକ ଅବସ୍ଥାରୁ ଯୋଗର ପ୍ରଥମ ପାହାଚରୁ ନିଜକୁ ପ୍ରସ୍ତୁତ କରନ୍ତୁ। ନିଜ ଖାଇବା ପିଇବା, ବିଶ୍ରାମ ଓ ସଠିକ ଶୋଇବା ସହ ମାନସିକ ଚାପ ଆଦୌ ରଖନ୍ତୁ ନାହିଁ। ଯୋଗର ଏକ ନିର୍ଦ୍ଦିଷ୍ଟ ସମୟ ରଖନ୍ତୁ। ଯୋଗାସନ ପରେ ଆକସ୍ମିକ ଭାବେ ହାଲିଆ ଲାଗିଲେ ବା ଶାରୀରିକ ଭାବେ ଅସ୍ୱାଭାବିକ ଅନୁଭବ କଲେ ସର୍ବପ୍ରଥମେ ପୁରାପୁରି ବିଶ୍ରାମ ନେଇଯାଆନ୍ତୁ। ନଚେତ୍ ଆପଣ ଶିକ୍ଷା ଲାଭ କରୁଥିବା ବା ଯୋଗ ପ୍ରଶିକ୍ଷକଙ୍କ ପରାମର୍ଶ ନେଇପାରନ୍ତି। ପରିବାରର ସମସ୍ତଙ୍କୁ ଯୋଗାସନ ପାଇଁ ପ୍ରେରିତ ମଧ୍ୟ କରନ୍ତୁ।


+ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ,
ମୋ : ୯୮୬୧୪୬୩୪୦୬


# ପ୍ରେମ ପୀଡ଼ିତା


ରଜନୀ ନାୟକ




ତାଙ୍କ ବାମ ହସ୍ତ ମୋ ମସ୍ତକ ତଳେ ଥିଲା
ଦକ୍ଷିଣ ହସ୍ତ ମୋତେ ଆଲିଙ୍ଗନ କରିଥିଲା
ମୁଦ୍ରିତ ଚକ୍ଷୁରେ ମୁଁ ତାଙ୍କୁ
ଅନୁଭବ କରିବାକୁ ଲାଗିଲି ।

ଗନ୍ଧ ବଣିକର ସୁଗନ୍ଧି ତୁଲ୍ୟ
ତାଙ୍କ ବସ୍ତ୍ରର ସୁଗନ୍ଧ
ନୀଳକାନ୍ତ ମଣି ମଣ୍ଡିତ ସୁଢଳ ଶରୀର
କେଶ କୁଞ୍ଚିତ ଓ ମୁଖ ମନୋହର
ଓଷ୍ଠାଧର ଶୋଣନ୍ ପୁଷ୍ପ ତୁଲ୍ୟ
ମୁଁ ମୋ ପ୍ରିୟତମଙ୍କର ଓ
ମୋ ପ୍ରିୟତମ ମୋହର ।

ରାତ୍ରୀ କାଳୀନ ଶଯ୍ୟାରେ
ଗଭୀର ଆଶ୍ଲେଷରେ
ବକ୍ଷ ଉପରେ ମୁଁ ତାଙ୍କୁ ଭିଡି ଧରିଲି
ମୋ ଉପରେ ପ୍ରେମ ହିଁ ତାଙ୍କର ପତାକା ହେଲା
ସେ କହିଲେ 'ମୋ ସୁନ୍ଦରୀ,
କପୋତୀ, ଶୁଦ୍ଧମତି'

ମୁଁ ଚକ୍ଷୁ ଖୋଲି ଦେଖିଲି,
ସେ ସ୍ଥାନାନ୍ତରେ ଚାଲିଯାଇଥିଲେ

ମୋ ମନ ଉଚ୍ଚାଟ ହେଲା
ନଗରେ ନଗରେ, ଗଳି ଗଳି ,
ଛକେ ଛକେ ତାଙ୍କୁ ଖୋଜିଲି
ପ୍ରହରୀମାନେ ମୋତେ ବାରଣ କଲେ
ମୋ ପ୍ରାଣ ପ୍ରବୋଧ
ମାନିବାକୁ ପ୍ରସ୍ତୁତ ନଥିଲା
ଆଗୋ କ୍ଷେତ୍ରସ୍ଥ ହରିଣୀ ,
ରାଣ ଦେଇ କହୁଅଛି
ମୁଁ ଯାହାଙ୍କୁ ପ୍ରେମ କରେ,
ତାଙ୍କୁ ପାଇଲେ
ମୁଁ ପ୍ରେମ ପୀଡ଼ିତା ବୋଲି ତାଙ୍କୁ କହିବ ।


+ ଭୁବନେଶ୍ୱର

# ବିଭିନ୍ନ ସମସ୍ୟା ନେଇ ବଲାଙ୍ଗୀର ସ୍ୱାଭିମାନ ମଂଚର କ୍ଷେତ୍ର ପରିଦର୍ଶନ ଓ ବରିଷ୍ଠ ଅଧିକାରୀଙ୍କ ସହିତ ସାକ୍ଷାତ ଆଲୋଚନା

ବଲାଙ୍ଗିର,୦୭/୧୦ (ନି.ପ୍ର): ଅସଂଖ୍ୟ ସମସ୍ୟା ଜର୍ଜରିତ ବଲାଙ୍ଗୀରର ସମସ୍ୟାର କାରଣ ତଥା ସମାଧାନର ସୂତ୍ର ଖୋଜିବାକୁ ସ୍ୱାଭିମାନ ମଂଚର ଏକ ପ୍ରତିନିଧି ଦଳ ଡକ୍ଟର ପ୍ରେମଚାନ୍ଦ ମହାନ୍ତି ଏବଂ ଶ୍ରୀ ବାମଦେବ ମିଶ୍ରଙ୍କ ଅଧକ୍ଷତାରେ ପର୍ଯ୍ୟାୟକ୍ରମେ ବିଭିନ୍ନ କ୍ଷେତ୍ର ଯଥା ରାଜ୍ୟ ହୋଟେଲ ମେନେଜମେଂଟ ପ୍ରତିଷ୍ଠାନ, ନିର୍ମାଣାଧୀନ ବିଜ୍ଞାନ ପାର୍କ ତଥା ପ୍ଲାନେଟୋରିଅମ ,ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଓ ଜାତୀୟ ରାଜପଥ ପ୍ରାଧୀକରଣ ଅଧିକାରୀଙ୍କ ସହିତ ସାକ୍ଷାତ ଆଲୋଚନା କରି ବଲାଙ୍ଗୀର ବାସୀ ଅନୁଭବ କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବିସ୍ତୃତ ବାବେ ଆଲୋଚନା କରିଥିଲେ । ହୋଟେଲ ମେନେଜମେଂଟରେ ପ୍ରଦତ ଶିକ୍ଷା ଏକ ଧନ୍ଦାମୂଳକ ତଥା ରୋଜଗାର ଭିତିକ ପାଠ୍ୟକ୍ରମ ହୋଇଥିଲେହେଁ ବଲାଙ୍ଗୀରର ସ୍ଥାନୀୟ ଛାତ୍ରଛାତ୍ରୀ ଏଥିପ୍ରତି ବିମୁଖ ମନୋଭାବ ପ୍ରଦର୍ଶନ କରୁଥିବାରୁ ମଂଚର କର୍ମକର୍ତା କ୍ଷୋଭ ପ୍ରକାଶ କରିବା ସଂଗେ ସଂଗେ ଛାତ୍ରଛାତ୍ରୀଙ୍କ ମାନସିକତାରେ ପରିବର୍ତନ ଆଣିବାକୁ ସେମାନେ ସବୁ ରକମ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏଥିପାଇଁ ନିୟମିତ ରୂପେ ନିକଟସ୍ଥ ସ୍କୁଲ ଓ କଲେଜ ମାନଙ୍କରେ ଛାତ୍ରଛାତ୍ରୀଙ୍କୁ ପ୍ରବର୍ତାଇବା ପାଇଁ ପ୍ରୟାସ କରାଯିବ ବୋଲି ମତ ପ୍ରକାଶ ପାଇଥିଲା । ୨୦୧୯ ମସିହାରୁ ବଲାଙ୍ଗୀରର ଅନ୍ୟ ଏକ ଗୌରବ ସାଇନ୍ସ ପାର୍କ ଓ ପ୍ଲାନେଟୋରିଅମ ତିଆରି ଆରମ୍ଭ ହୋଇଥିଲେହେଁ ଏଯାଏଁ ନିର୍ମାଣ ସଂପୂର୍ଣ ହୋଇ ନଥିବାରୁ ଏହାର କାରଣ ଜାଣିବାକୁ ମଂଚର ସଭ୍ୟମାନେ ଦିନେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନିକଟ ଦେଇ ଯାଇଥିବା ବାଇପାସ୍ ରୋଡରେ ଥିବା ଏହି ସ୍ଥାନକୁ ପରିଦର୍ଶନରେ ଯାଇଥିଲେ । ଅହେତୁକ କାରଣ ସଂପର୍କରେ ସୂଚନା ଦେବାକୁ ଯାଇ ସେଠିକାର ଅଧିକାରୀ ଅକସ୍ମାତ ଭାବେ ପ୍ରାକ୍ତନ ଠିକାଦାର କାର୍ଯ୍ୟ ବନ୍ଦ କରିଦେବା ,ନୂତନ ଟେଣ୍ଡର ପ୍ରକ୍ରିୟା ତଥା ସରକାର ପରିବର୍ତନକୁ ଦାୟୀ କରିଥିଲେ । ଏତଦ ବ୍ୟତୀତ ଆମେରିକାରୁ ଆସିଥିବା ଡିସପ୍ଲେ ବୋର୍ଡର ସ୍ଥାପନା ତଥା ସାଇନ୍ସ ପାର୍କ ଦାୟିତ୍ୱ ବହନ କରିଥିବା ଚେନ୍ନାଇର ଏକ ଫାର୍ମର ବିଳମ୍ବ ଯୋଗୁଁ ଏପରି ଘଟିଛି ବୋଲି ଅଧିକାରୀ ଜଣକ ମତ ଦେଇଥିଲେ । ତଥାପି ଆଗାମୀ ଡିସେମ୍ବର ସୁଦ୍ଧା ଏହି ସବୁ କାର୍ଯ୍ୟ ସରିଯିବ ବୋଲି ସେ କହିଥିଲେ । ପାର୍କରେ ଥିବା ପ୍ରେକ୍ଷାଳୟ ଓ ବିଭିନ୍ନ ଉନ୍ନତ ମାନର ବୈଜ୍ଞାନିକ ଯନ୍ତ୍ରପାତୀ ଦେଖି ମଂଚର କର୍ମକର୍ତା ଖୁସି ବ୍ୟକ୍ତ କରିଥିଲେ । କିନ୍ତୁ ଏଠାକାର ଅନ୍ୟ ଦୁଇଟି ମୁଖ୍ୟ ସମସ୍ୟା ହେଲା ପାର୍କିଙ୍ଗ ବ୍ୟବସ୍ଥା ତଥା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପାଇଁ ଅର୍ଥ ବରାଦ ନଥିବା ଘଟଣା । ମଂଚ ପକ୍ଷରୁ ଏହାର ଉଦଘାଟନ ପୂର୍ବରୁ ଉପରୋକ୍ତ ବ୍ୟବସ୍ଥା ପ୍ରତି ସରକାର ଉପଯୁକ୍ତ ଧ୍ୟାନ ଦେବେ ବୋଲି ଆଶା କରା ଯାଉଛି । ୩ୟ ପର୍ଯ୍ୟାୟରେ ପୌର ପରିଷଦ ଅଫିସ ସମ୍ମୁଖରେ ପଡି ରହିଥିବା ରାସ୍ତା ସେ'ଇ ମେସିନ୍ ର ଅଚଳ ଅବସ୍ଥା , ନରସିଂହ ବନ୍ଧର ସେ'ଇ କାର୍ଯ୍ୟ ପୁରା ହୋଇ ନଥିଲେହେଁ ସେଠାରେ ପୁନଃ ଦଳ ଭର୍ତୀ ହୋଇଯିବା ,ରାସ୍ତା ଓ ନାଳ କାର୍ଯ୍ୟ ଶୀଘ୍ର ସାରିବା ଏବଂ ଦୁର୍ଘଟଣା ପ୍ରବଣ ସମ୍ବଲପୁର ଓ ସୋନପୁର ରାସ୍ତାର ଦୋହରୀକରଣ ସଂପର୍କରେ ନିର୍ବାହୀ ଅଧିକାରୀ ଶ୍ରୀ ସନ୍ତୋଷ ବେହେରାଙ୍କ ସହିତ ଏକ ସୌହାର୍ଦ୍ଧ୍ୟପୂର୍ଣ ବାତାବରଣରେ ବାର୍ତାଳାପ ହୋଇଥିଲା । ଶ୍ରୀ ବେହେରାଙ୍କ କହିବାନୁଯାୟୀ ଏହି ମେସିନଟିକୁ ଅହମଦାବାଦର ଏକ ଫାର୍ମ ମରାମତି କଲାପରେ ଏହାକୁ ପୁନଃ କାର୍ଯ୍ୟକ୍ଷମ କରାଯିବ । ବନ୍ଧ ସଫେଇ ସଂପର୍କରେ ସେ କହିଲେ ଏହି କାର୍ଯ୍ୟ ସବୁ ସମାପ୍ତ ହୋଇ ନାହିଁ , ଅଚାନକ ପ୍ରବଳ ବର୍ଷା ଯୋଗୁଁ ବନ୍ଧ ଜଳପୂର୍ଣ ହୋଇଯିବା ଯୋଗୁଁ କାମ ବନ୍ଦ କରିବାକୁ ସେମାନେ ବାଧ ହେଲେ । ଜାନୁୟାରୀ ମାସରୁ ଏଠାରୁ କିଛି ଜଳକୁ ଅପସାରିତ କରାଯାଇ ପୂନଃ ଏହାର ଉଦ୍ଧାର କାର୍ଯ୍ୟ ଚାଲୁ କରାଯିବ। ରାସ୍ତା ଦୋହରୀକରଣ ମୁନିସିପାଲିଟି ନୁହେଁ ବରଂ ଜାତୀୟ ରାଜପଥ ପ୍ରାଧୀକରଣର ବୋଲି ତାଙ୍କଠୁଁ ଜାଣିଲାପରେ ମଂଚ ଉପରୋକ୍ତ ଅଧୀକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ ଅତିଶୀଘ୍ର ସମାପ୍ତ ହେବାକୁ ଯାଉଥିବା ବାଇପାସ୍ ରୋଡ କାର୍ଯ୍ୟକ୍ଷମ ହୋଇଗଲେ ଏହି ଅସୁବିଧା ଦୁର ହୋଇଯିବ । ଆମ ପରାମର୍ଶ ଗ୍ରହଣ କରି ସମ୍ବଲପୁର ରୋଡରେ ଥିବା ବଡ ଗଛସବୁ କାଟି ସେହି ସ୍ଥାନରେ ସିମେଂଟ ଇଟାର ରାସ୍ତା ତିଆରି କରାଯିବ ବୋଲି ସେ ପ୍ରତିଶୃତି ଦେଇଥିଲେ । ବଲାଙ୍ଗୀର-ନୟାଗଡ ରାଜପଥ ନିର୍ମାଣ ପ୍ରସ୍ତାବ ଗୃହୀତ ହୋଇଗଲେ ଚାରିଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ହେବ ତେବେ ଦୋହରୀକରଣର ଆଉ ଆବଶ୍ୟକତା ପଡିବ ନାହିଁ । ବଲାଙ୍ଗୀର ଜନ ସାଧାରଣଙ୍କ ସୁବିଧା ଅସୁବିଧା ଆପତି ,ଅଭିଯୋଗକୁ ସଠିକ୍ ଫୋରମରେ ଉପସ୍ଥାପିତ କରିବାହିଁ ସେମାନଙ୍କ ମୁଖ୍ୟ କାର୍ଯ୍ୟ ବୋଲି ମଂଚର କର୍ମକର୍ତା ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମ ମାନଙ୍କରେ ଉମାକାନ୍ତ ସାହୁ ,ଡା; ପ୍ରଶାନ୍ତ ପ୍ରଧାନ ,ଭକ୍ତବନ୍ଧୁ ଯୋଷୀ ,ରଂଜିତ ପ୍ରଧାନ ,ତ୍ରିଲୋଚନ ମହାପାତ୍ର ,ଜ୍ୟୋତି ନାଗ, ବୁଠି ବେହେରା ,ସୁରେନ୍ଦ୍ର ତ୍ରିପାଠୀ , ଚିତରଂଜନ୍ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ ।

# ପୁଅର ହତ୍ୟା ଅଭିଯୋଗ ଆଣି ନ୍ୟାୟ ପାଇଁ ଜିଲ୍ଲାପାଳଙ୍କୁ ଗୁହାରୀ କଲେ ମା’




ବାଲେଶ୍ୱର,୦୭/୧୦ (ନି.ପ୍ର): ନୀଳଗିରି ଥାନା ଅଧୀନ ଘାଟଘର ସାହିର ହରିହର ନାଥଙ୍କ ବଡ଼ ପୁଅ ସୁରେନ୍ଦ୍ର ନାଥ (୪୩)ଙ୍କ ଗତ ଅଗଷ୍ଟ ୨୭ତାରିଖରେ ତାଙ୍କ ଶଶୁର ଘରେ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲା । ପୁଅକୁ ଯୋଜନାବଦ୍ଧ ଭାବେ ମାରି ଦିଆ ଯାଇଛି ବୋଲି ସୁରେନ୍ଦ୍ର ଙ୍କ ମାଆ ସୀତାନାଥ ଅଗଷ୍ଟ ୩୦ତାରିଖରେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ମାତ୍ର ଦୀର୍ଘଦିନ ବିତି ଯାଇଥିଲେ ବି ଥାନା ପକ୍ଷରୁ ମାମଲା ପଞ୍ଜିକରଣ ହେଲା ନାହିଁ କି କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଇନାହିଁ । ବାଧ ହୋଇ ଅକ୍ଟୋବର ୩ ତାରିଖରେ ପରିବାର ପକ୍ଷରୁ ଅନଲାଇନ ମାମଲା ଦାୟର କରାଯାଇଛି । ଏନେଇ ସୁରେନ୍ଦ୍ରଙ୍କ ମାଆ ସୀତା ନାଥ ଜିଲ୍ଲାପାଳଙ୍କୁ ଭେଟି ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଗୁହାରି କରିଥିଲେ। ଘଟଣାର ପୂର୍ବଦିନ ସୁରେନ୍ଦ୍ର ତାଙ୍କ ୨ୟ ପତ୍ନୀ ସବିତା ମିର୍ଦ୍ଧା ଓରଫ ନାଥ ଙ୍କୁ ସାଙ୍ଗରେ ନେଇ ସଦର ଥାନା ଅଧୀନ ନୟାପଡ଼ା ଗ୍ରାମସ୍ଥ ତାଙ୍କ ଶ୍ୱଶୁର ଘରକୁ ଯାଇଥିଲେ । ମାତ୍ର ସେଠାରେ ତାଙ୍କର ସନ୍ଦେହ ଜନନ ଭାବେ ମୃତ୍ୟୁ ହୋଇଥିଲା। ସାପ କାମୁଡ଼ାରେ ସୁରେନ୍ଦ୍ର ଗୁରୁତର ହୋଇଥିବା ଶ୍ୱଶୁର ଘର ଲୋକ ଖବର ଦେଇଥିଲେ। ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ନିଆ ଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୁରେନ୍ଦ୍ରଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ତାଙ୍କୁ ଯୋଜନାବଦ୍ଧ ଭାବେ ମାରି ଦିଆଯାଇଛି ବୋଲି ସୀତା ନାଥ ସଦର ଥାନାରେ ବାରମ୍ବାର ଅଭିଯୋଗ କରିଥିଲେ ମଧ ପଦକ୍ଷେପ ନ ନେବାରୁ ମାଆ ହିସାବରେ ନ୍ୟାୟ ପାଇବା ସକାଶ ଜିଲ୍ଲାପାଳଙ୍କ ଠାରେ ଗୁହାରୀ କରିବା ସହିତ ବଡ଼ପୁଅର ଆଗ ସ୍ତ୍ରୀ ପାଖରୁ ଜନ୍ମ ଲାଭ କରିଥିବା ଦୁଇ ଝିଅ ଏବଂ ପରିବାର ଉପରେ ଘୋର ବିପଦ ରହିଅଛି । ତେଣୁ ଉକ୍ତ ଘଟଣାର ସର୍ବଶେଷ ତଦନ୍ତ କରି ମତେ ଓ ତାର ଦୁଇ ନାବାଳିକା କନ୍ୟାକୁ ନ୍ୟାୟ ପ୍ରଦାନ କରିବା ସହିତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରାଯାଇଛି । ଉକ୍ତ ଅଭିଯୋଗ ପତ୍ର ପ୍ରଦାନରେ ସୁରେନ୍ଦ୍ରଙ୍କ ମାମୁଁ, ଝିଅ ଓ ଭିଣେଇ ଉପସ୍ଥିତ ରହିଥିଲେ।

# ଉତ୍କଳ ଯାଦବ ମହାସଭାରେ ଯାଦବ ସେନା ବିରାଷ୍ଟମି ଓ ବିଜୟା ଦଶମୀ ପାଇଁ ବାଡ଼ିଖେଳ ଶୁଭାରମ୍ଭ

ବାଲେଶ୍ୱର,୦୭/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ରେମୁଣା ଗୋଲେଇ ନିକଟରେ ଉତ୍କଳ ଯାଦବ ମହା ସଭାରେ ଯାଦବ ସେନା ର ସଭାପତି କୈଳାଶ ଚନ୍ଦ୍ର ଯାଦବ ଙ୍କ ସଭାପତିତ୍ୱରେ ୫/୧୦/୨୦୨୬ ସୋମବାର ସନ୍ଧ୍ୟା ୭ ଟାରେ ବାଡ଼ି ଖେଳ ଶୁଭାରମ୍ଭ ହୋଇଯାଇଛି । ଏହି ବାଡ଼ି ଖେଳ ପ୍ରଦର୍ଶନ ରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ମହାବୀର ଆଖଡ଼ା ସଂଘର ସଭାପତି ଗୋପୀନାଥ ଶତପଥୀ, ସମ୍ମାନୀୟ ଅତିଥି ଭାବେ ବାଲେଶ୍ୱର ଟାଉନ ଥାନା ର ଆଇ ଆଇସି ବିଜୟ ଦାସ , ମହାବୀର ଆଖଡ଼ା ସଂଘର ସମ୍ପାଦକ ମନୋଜ କୁମାର ଦାସ ଉପସଭାପତି ମନୋଜ୍ କୁମାର ରାଉତ, ରାଜେନ୍ଦ୍ର ଚାଟାର୍ଜୀ, ରବୀନ୍ଦ୍ର ବେହେରା, ଯାଦବ ସେନାର ଯୁବ କାର୍ଯ୍ୟ କାରି ସଭାପତି ଶଶିକାନ୍ତ ବାରିକ , ଶୀତଳ ଯାଦବ , ଜୟ ହିନ୍ଦ୍ ଯାଦବ , ଶୁଭ୍ରାଂଶୁ ଦାସ , ଉପଦେଷ୍ଟା କୈଳାଶ ପରିଡ଼ା , କୁନା ନନା, ଯଶୋଦା ନନ୍ଦନ ଆଶ, ମହିଳା ସଭାପତି ଶ୍ରମିଳା ବାରିକ, ଅତିଥି ବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନଙ୍କୁ ଉତ୍ତରୀ ଫୁଲତୋଡ଼ା ଦେଇ ସମ୍ମାନିତ କରାଯାଇଥିଲା। ଯାଦବ ମହା ସଂଘର ଯାଦବ ସେନା ର ଯୁବକ ଯୁବତୀ ବିଭିନ୍ନ ପ୍ରକାର ବାଡ଼ିଖେଳ, ଢାଲ ତରବାରୀ, ବାନା , ବାନତି ଇତ୍ୟାଦି ଖେଳ ପ୍ରଦର୍ଶନ କରିଥିଲେ। ଏହାକୁ ଦେଖି ବହୁ ଦର୍ଶକ ମାନେ ଆନନ୍ଦ ଉପଭୋଗ କରିଥିଲେ ।

# ହାତୀ ପଲକୁ ଘଉଡେଇବା ସହିତ କ୍ଷତିପୂରଣ ଦାବିରେ ରେଞ୍ଜ ଅଧିକାରୀଙ୍କୁ ଘେରିଲେ ଗ୍ରାମବାସୀ

ଚମ୍ପୁଆ,୦୭/୧୦ (ନି.ପ୍ର): ଚମ୍ପୁଆ ରେଞ୍ଜରେ ହାତୀ ପଲ ଦୀର୍ଘଦିନ ଧରି ଆଡ୍ଡା ଜମାଇ ଲୋକଙ୍କ ନିଦ ହଜାଇ ସାରିଥିବାବେଳେ ଗତ କିଛି ସପ୍ତାହ ହେବ କାଳିକା ପ୍ରସାଦ ସଂରକ୍ଷିତ ଜଙ୍ଗଲରେ ରହି ରଜିଆ ପଂଚାୟତ ଅନ୍ତର୍ଗତ ପତଳା ଗ୍ରାମରେ ବ୍ୟାପକ କ୍ଷୟକ୍ଷତି କରି ଚାଲିଛନ୍ତି। ଗ୍ରାମବାସୀ ଋଣ ଧାର କରଜ କରି ଜମିରେ ଚାଷ କରିଥିବା ବେଳେ ଦୈନିକ ହାତୀପଲ ଫସଲ ସବୁ ମାଡି ଦଳି ନଷ୍ଟ କରୁଛନ୍ତି। ବନ ବିଭାଗ ପ୍ରତିଦିନ ହାତୀକୁ ଘୋଉଡାଇବା ବଦଳରେ ନିରବଦ୍ରଷ୍ଟା ସାଜିଥିବାରୁ ହାତୀପଲ ପ୍ରତି ଦିନ ରାତିରେ ବ୍ୟାପକ ଫସଲ ନଷ୍ଟ କରୁଥିବା ଅଭିଯୋଗ ହୋଇଛି ।ବନ ବିଭାଗ ହାତୀ ଘଉଡେଇବାରେ ସମ୍ପୂର୍ଣ୍ଣ ବିଫଳ ହେବାରୁ ଦିନକୁ ଦିନ ଏହି ଗାଁ ରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଚାଷ ନଷ୍ଟ କରିବା ସହିତ ଗ୍ରାମରେ ପଶି ଘର ଭାଙ୍ଗିବା ଏକ ନୀତି ଦିନିଆଁ ଘଟଣା ସାଜିଛି। ଯାହାକୁ ନେଇ ଗ୍ରାମବାସୀ ଚମ୍ପୁଆ ରେଞ୍ଜ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରି ଶୀଘ୍ର ହାତୀ ପଲଙ୍କୁ ଘଉଡେଇବା ସହିତ କ୍ଷୟ କ୍ଷତିର ଆକଳନ କରି କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି ।

# କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

କେନ୍ଦୁଝର,୦୭/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟ କାରିଣୀ ବୈଠକ ମଙ୍ଗଳବାର ଦିନ କେନ୍ଦୁଝର ଅଡିଟୋରିଅମ ଠାରେ ଅନୁଷ୍ଠିତ ହୋଇଛି। ବିଜୁ ଜନତା ଦଳର ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତୀଙ୍କ ସଭାପତିରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ ଯେ ଦେଶରେ ଏକ ମିଛୁଆ ସରକାର ଚାଲିଥିବା ବେଳେ ଦେଶର ବୈଦେଶିକ ନୀତି ବିଫଳ ହୋଇଛି। ସରକାର ନିଜେ ନିଜର ପିଠି ଥାପୁଡ଼େଇ ବାହାବା ନେଉଛନ୍ତି । ରାଜ୍ୟରେ ପାଠ୍ୟ ପୁସ୍ତକ ବିଭ୍ରାନ୍ତି ଆମକୁ ଲଜ୍ଜିତ କରିଛି, ଏହା ଆମ ଭବିଷ୍ୟତ ପିଢ଼ିକୁ ଅନ୍ଧାର ମଧ୍ୟକୁ ଠେଲିଦେଇଛି। ପୂର୍ବରୁ ରାଜ୍ୟରେ ଲାଗୁ ହୋଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୪ହଜାର କୋଟି ଟଙ୍କାର ବଜେଟ ବ୍ୟବସ୍ଥା ହୋଇଥିଲା ମାତ୍ର ସମଗ୍ର ଦେଶରେ ଆୟୁଷ୍ମାନ ଯୋଜନାରେ ମାତ୍ର ୬ହଜାର କୋଟି ଟଙ୍କା ବଜେଟରେ ବ୍ୟବସ୍ଥା କରାଯିବା ଦ୍ୱାରା ଲୋକଙ୍କ ସ୍ୱାସ୍ଥ୍ୟ ସାଙ୍ଗରେ ଡବଲ ଇଂଜିନ ସରକାର ଖେଳ ଖେଳିଛି ବୋଲି ସେ କହିଥିଲେ। ନିଜ ବକ୍ତବ୍ୟରେ ଶ୍ରୀ ମିଶ୍ର କହିଥିଲେ ରାଜ୍ୟ ସରକାରଙ୍କ ୨୭ମାସରେ ୨୭ଟି ବିଫଳତା ଜଳଜଳ ହୋଇ ଦେଖାଯାଉଛି । ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରି ସେ କହିଥିଲେ ଯେ ଏ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରରେ ଚରମ ବିଫଳତା ପାଇଛନ୍ତି ।ରାଜ୍ୟରେ ଡିଜି କିଏ ହେବ ତାହା ଫଇସଲା ହୋଇ ପାରୁନାହିଁ ।ସରକାରଙ୍କ ବିଫଳତାକୁ ନେଇ ଶ୍ରୀ ମିଶ୍ର କହିଥିଲେ ଯେ ନବୀନ ପଟ୍ଟନାୟକଙ୍କ ସରକାର ଥିବା ସମୟରେ ୨ଲକ୍ଷ ୬୫ହଜାର କୋଟି ବଜେଟ ଛାଡ଼ିଥିଲୁ କିନ୍ତୁ ଏବେ ଶତକଡା ୧୯ପ୍ରତିଶତ କେନ୍ଦ୍ରୀୟ ଅନୁଦାନ କମ ଆସିଛି। ଆଜି ଓଡ଼ିଆ ଅସ୍ମିତା କୁଆଡେ ଗଲା ବୋଲି ବିଧାୟକ ଶ୍ରୀ ମିଶ୍ର ପ୍ରଶ୍ନ କରିଥିବା ବେଳେ ଓଡିଶାରୁ ନିର୍ବାଚିତ ହୋଇଥିବା ୨୦ଜଣ ଏମପି ଚୁପ ହୋଇ ବସିଛନ୍ତି ବୋଲି ସେ କହିବା ସହ ରାଜ୍ୟରେ ପ୍ରତିଦିନ ଦୁଷ୍କର୍ମ ହେଉଛି। ସରକାରଙ୍କୁ ଆହ୍ୱାନ ଦେଇ ଲୋକମାନଙ୍କୁ ତାଙ୍କ ନ୍ୟାର୍ଯ୍ୟ ଅଧିକାର ଦିଅ ବୋଲି ସେ କହିଥିଲେ। ଏ ସରକାର ଗୁଣ୍ଡା ଗରଦୀ ରେ ବିଶ୍ୱାସ କରନ୍ତି। କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦି ସାରା ଦେଶ କୁ ଭୁଆଁ ବୁଲେଇବାରେ ମାଷ୍ଟର। ରାଜ୍ୟରେ ପ୍ରଭୁଙ୍କୁ ନେଇ ରାଜନୀତି, ରଙ୍ଗ କୁ ନେଇ ରାଜନୀତି କରୁଛନ୍ତି। ପ୍ରତି ମାସରେ ଭତା ପାଉନାହାନ୍ତି ହିତାଧିକାରୀ, ୩ହଜାର ଟଙ୍କା ଭତା କୁଆଡେ ଗଲା ଆଉ ୩୦୦ୟୁନିଟ ବିଜୁଳି ବିଲ ମିଥ୍ୟା ଆଶ୍ୱାସନାରେ ପରିଣତ ହୋଇଛି ।ଦିନେ ଧରଣୀଧର ମାଟି ରୁ ବିପ୍ଳବର ସ୍ୱର ଶୁଭିଥିବା ବେଳେ କଲରା ମୁଣ୍ଡାର ବ୍ୟାଙ୍କ ଜମା ତାର ଭାଇ ଜିତୁ ମୁଣ୍ଡାକୁ ମିଳିଲା ନାହିଁ, ଜଣେ କନେଷ୍ଟବଳ ସ୍ୱାମୀଙ୍କୁ ହତ୍ୟା କରାଗଲା ତେଣୁ କେନ୍ଦୁଝରକୁ ନେଇ ଆମେ ଆନ୍ତର୍ଜାତୀୟ ସ୍ତରରେ ଲଜ୍ଜିତ ହେଲେ। କେନ୍ଦୁଝର ଜିଲ୍ଲାରେ ରାଜ୍ୟର ସର୍ବାଧିକ ଡ୍ରପ ଆଉଟ ବୋଲି ସେ କହିଥିଲେ। ସରକାରୀ କର୍ମଚାରୀଙ୍କ ବଦଳି ରେ ବ୍ୟାପକ ଲାଞ୍ଚ କାରବାର ହେବା କଥା କାହାକୁ ଅଛପା ନୁହେଁ ବୋଲି ସେ କହିଥିଲେ। ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ନିଜ ବକ୍ତବ୍ୟରେ ଅତୀତରେ ଦଳର ସଂଘର୍ଷ ସମ୍ପର୍କରେ ଆଲୋଚନା କରିବା ସହିତ କର୍ମୀମାନଙ୍କ ମନୋବଳ ବୃଦ୍ଧି କରିବାକୁ ହେବ ବୋଲି ସେ କହିବା ସହିତ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ କ୍ଷେତ୍ରରେ ବିଫଳ ହୋଇଥିବା ପ୍ରକାଶ କରିଥିଲେ ।ଏହି ବୈଠକରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠି, ପାଟଣାର ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ, ପୂର୍ବତନ ସାଂସଦ ମାଧବ ସର୍ଦାର, ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ,ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ସଦର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀନୀ ମୀନା ମାଝୀ, ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷା ତଥା ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ କମଳିନୀ ପାତ୍ର , ଯୁବ ସଭାପତି ରାକେଶ ରାମ,ଛାତ୍ର ବିଜେଡି ସଭାପତି ଅମରେନ୍ଦ୍ର ଧଳ,ଜିଲ୍ଲା କୋଷାଧକ୍ଷ ରକ୍ଷାକର ସାହୁ, ସତ୍ୟବ୍ରତ ନାୟକ,ଝୁମ୍ପୁରା ବ୍ଲକ ଅଧକ୍ଷା ମାଳତୀ ନାୟକ, ବରିଷ୍ଠ ନେତା ବିକ୍ରମ କେଶରୀ ବିଶ୍ୱାଳ,ତେଲକୋଇ ବ୍ଲକର ପୂର୍ବତନ ଅଧକ୍ଷା ସତ୍ୟଭାମା ସିଂ, ଘସିପୁରା ବ୍ଲକର ପୂର୍ବତନ ଅଧକ୍ଷ ଦେବାଶିଷ ପାତ୍ର, ଆନନ୍ଦପୁର ବ୍ଲକର ପୂର୍ବତନ ଅଧକ୍ଷ ଗିରିଧାରୀ ମହାନ୍ତ, ଇଂ ହରିଭକ୍ତ କୁନା ଗିରି ,ଦୁର୍ଯ୍ୟୋଧନ ବାରିକ, କାଉନସିଲର ସୁରେନ୍ଦ୍ର ଦାସ, ପୂର୍ବତନ ଜିଲ୍ଲା ଛାତ୍ର ବିଜେଡି ସଭାପତି ଆଶିଷ ଆଚାର୍ଯ୍ୟ, ଗୌରାଙ୍ଗ ରଣା,ବରିଷ୍ଠ ନେତା ବିଜୟ ମହାନ୍ତି, ହାଟଡିହି ବ୍ଲକର ଉପାଧକ୍ଷ ରତିକାନ୍ତ ରାଉତ,ଜିଲ୍ଲା ପରିଷଦ ସଦସ୍ୟ ବିଦ୍ୟାଧର ବିଶ୍ୱାଳ,କେନ୍ଦୁଝର ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, କାଉନସିଲର କେକି କାକଳି କୁମୁରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ପୂର୍ବତନ ଜିଲ୍ଲା ସଭାପତି ବିଦ୍ୟାଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଏମଏମଡିଆର ଆକ୍ଟ, ବିଦ୍ୟାଳୟ ପାଠ୍ୟ ପୁସ୍ତକରେ ବ୍ୟାପକ ତୃଟି, କେନ୍ଦୁଝର ଜିଲ୍ଲାରେ ଆଇନ ଶୃଙ୍ଖଳାରେ ଅଧୋଗତି ଓ ଧରଣୀଧର ବିଶ୍ୱବିଦ୍ୟାଳୟର ପୂର୍ବସ୍ଥିତିକୁ ଫେରାଇ ଆଣିବା ପାଇଁ ଆନ୍ଦୋଳନ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ଅବସରରେ ବିଜୁ ଜନତା ଦଳରେ ଯୋଗ ଦେଇଥିବା ଧରଣୀଧର ମହାବିଦ୍ୟାଳୟର ପୂର୍ବତନ ସଭାପତି ଦିଲ୍ଲୀପ କୁମାର ସାହୁ, ରାଜକିଶୋର ନନ୍ଦ, ସିଦ୍ଧେଶ୍ୱର ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।ପରିବର୍ଦ୍ଧିତ କାର୍ଯ୍ୟକାରିଣୀରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ କର୍ମୀ ଯୋଗ ଦେଇଥିଲେ ।ପ୍ରାରମ୍ଭରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଏକ ଭିଡିଓ ବାର୍ତା ପ୍ରସାରିତ ହୋଇଥିଲା।

# ଗେଙ୍ଗୁଟି ସେବା ସମିତିର ଲୋକାର୍ପଣ ଉତ୍ସବ ସମ୍ପନ୍ନ




ବାଲେଶ୍ୱର,୦୭/୧୦ (ନି.ପ୍ର): ସଦର ବ୍ଲକ୍ ଅନ୍ତର୍ଗତ ଗେଙ୍ଗୁଟି ଗ୍ରାମ ପଞ୍ଚାୟତରେ ଗେଙ୍ଗୁଟି ସେବା ସମିତିର ଲୋକାର୍ପଣ ଉତ୍ସବ ଆଜି ସଫଳତାର ସହିତ ସମ୍ପନ୍ନ ହୋଇଯାଇଛି । ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ଥାନୀୟ ଜନପ୍ରତିନିଧି, ଅଧିକାରୀ ଓ ସହସ୍ରାଧିକ ଅଞ୍ଚଳବାସୀ ଯୋଗଦେଇଥିଲେ । ଏହି ଅବସରରେ ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀ ନାରାୟଣ ଚନ୍ଦ୍ର ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ବେଳେ ସଦର ବ୍ଲକ୍ ଅଧକ୍ଷା ଶ୍ରୀମତୀ ସୁନୀତା ବେହେରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଗେଙ୍ଗୁଟି ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ମଞ୍ଜୁଲତା ଆଚାର୍ଯ୍ୟ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିବା ବେଳେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ବନଲତା ସେଠୀ, ସମିତି ସଭ୍ୟା ପୁଷ୍ପଶ୍ରୀ ରାଉତ ଏବଂ ଏ.ଆର.ସି.ଏସ୍. ଏକାଦଶୀ ଦାସ ଉପସ୍ଥିତଥିଲେ। ଗେଙ୍ଗୁଟି ସେବା ସମିତିର ଉତ୍ତରୋତ୍ତର ଉନ୍ନତି ଓ ସଫଳତା କାମନା କରି କାର୍ଯ୍ୟକ୍ରମରେ ନିଜର ବହୁମୂଲ୍ୟ ସମୟ ଦେଇ ଯୋଗଦେଇଥିବା ସମସ୍ତ ଅତିଥି, ଜନପ୍ରତିନିଧି ଓ ଅଞ୍ଚଳବାସୀଙ୍କୁ ପ୍ରାକ୍ତନ ସରପଞ୍ଚ ଶ୍ରୀ ବିରୁପାକ୍ଷ୍ୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ଅଞ୍ଚଳର ସେବା, ସହଯୋଗ ଓ ସାମୂହିକ ବିକାଶ କ୍ଷେତ୍ରରେ ଗେଙ୍ଗୁଟି ସେବା ସମିତି ଆଗାମୀ ଦିନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଉପସ୍ଥିତ ଅତିଥିମାନେ ଆଶାବ୍ୟକ୍ତ କରିଥିଲେ। ବିନାୟ କୁମାର ସେନାପତି,ରତିକାନ୍ତ ରଥ,ନବକିଶୋର ସେଠୀ, ହରିନାରାୟଣ ନନ୍ଦ, ସବ୍ୟସାଚୀ ପ୍ରଧାନ, ମୃତ୍ୟୁଞ୍ଜୟ ନାୟକ, ଅବନୀ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# କୁମଜୋର ଗାଁରେ ମଦ ବିକ୍ରି ବନ୍ଦ ପାଇଁ ଅଂଟା ଭିଡ଼ିଲେ ମହିଳା

ମୁଖୀଗୁଡା,୦୭/୧୦ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ କୁମଜୋର ଗାଁରେ ଚାଲିଥିବା ଦେଶୀ ମଦ କାରବାର ବନ୍ଦ କରିବା ପାଇଁ ମହିଳାମାନେ ଜୟପାଟଣା ଥାନା ଅଧିକାରୀଙ୍କୁ ଜଣାଇଛନ୍ତି। କୁମଜୋର ଗାଁର ମହିଳାମାନେ ଏକାଠି ହୋଇ ମଦ କୋଠି ବନ୍ଦ କରିବାକୁ ଉଦ୍ୟମ କରିଛନ୍ତି । ମହିଳାଙ୍କ ଅଭିଯୋଗ ଅନୁସାରେ, ଗାଁରେ ଦେଶୀ ମଦ ବିକ୍ରି ଯୋଗୁଁ ପରିବାରରେ ଅଶାନ୍ତି ଓ ଘରୋଇ ହିଂସା ବଢୁଛି।

# ନିର୍ବାଚନ ଘୋଷଣା ପରେ ଚଳଚଞ୍ଚଳ ହେଲା ଦୀନକୃଷ୍ଣ କଲେଜ: ୨୮ ପଦବୀ ପାଇଁ ଭୋଟଦେବେ ୯୦୦ ଛାତ୍ରଛାତ୍ରୀ



ଜଳେଶ୍ୱର,୦୭/୧୦ (ନି.ପ୍ର): ସରକାର ଛାତ୍ର ସଂସଦ ନିର୍ବାଚନ ପାଇଁ ଘୋଷଣା କରିବା ପରେ ଉତ୍ତର ବାଲେଶ୍ୱର ର ସର୍ବ ବୃହତ ଓ ପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ ଦୀନକୃଷ୍ଣ କଲେଜ କ୍ୟାମ୍ପସ ଚଳଚଞ୍ଚଳ ହୋଇ ଉଠିଛି ।ନିର୍ବାଚନ ପାଇଁ ଆସନ୍ତାକାଲି କଲେଜ କର୍ତୃପକ୍ଷ ଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବ ।ମୋଟ୍ ୨୮ ଟି ପଦବୀ ପାଇଁ ପାଖାପାଖି ୯୦୦ ଛାତ୍ରଛାତ୍ରୀ ମତଦାନ କରିବେ ବୋଲି କୁହାଯାଇଛି ।ଦୀର୍ଘ ବର୍ଷର ବ୍ୟବଧାନ ପରେ ନିର୍ବାଚନ ହେବାକୁ ଯାଉଥିବାରୁ ଛାତ୍ରଛାତ୍ରୀ ଙ୍କ ମନରେ ନିର୍ବାଚନକୁ ନେଇ ବେଶ୍ ଉତ୍ସୁକତା ଦେଖାଦେଇଛି। ପ୍ରାର୍ଥୀ ହେବାକୁ ଆଶା ରଖିଥିବା ଆଶାୟୀ ମାନେ ଛାତ୍ରଛାତ୍ରୀଙ୍କ ମନ ଜିଣିବା ପାଇଁ ଆରମ୍ଭ କରିଛନ୍ତି ଜୋରଦାର କସରତ ।୯ ତାରିଖରେ ପ୍ରାର୍ଥୀପତ୍ର ଦାଖଲ ହେବାକୁ ଥିବାରୁ ଆଶାୟୀ ମାନେ କିଏ କେଉଁ ପଦବୀରେ ଛିଡା ହେବେ ସେଥିପାଇଁ ନିଜ ସହଯୋଗୀ ଙ୍କ ସହ ଆଲୋଚନା କରୁଛନ୍ତି। ଏବିଭିପି,ଏସବିଜେଡ,ଏନଏସୟୁଆଇ ଓ ଏସଏଫଆଇ ଆଦି ଛାତ୍ର ସଂଗଠନର କର୍ମକର୍ତା ମାନେ ମଧ ଛାତ୍ରଛାତ୍ରୀ ଙ୍କୁ ଯୋଗାଯୋଗ କରିବା ଆରମ୍ଭ କରିଛନ୍ତି ।କଲେଜ ଅଧକ୍ଷ ଡ. ହିମାଂଶୁ କୁମାର ସାମଲ ଙ୍କ ସହ ଯୋଗାଯୋଗ କଲାରୁ ସେ କହିଲେ ନିର୍ବାଚନ କୁ ସ୍ୱଚ୍ଛ କରିବା ପାଇଁ ପୁରା ଜୋର ଦିଆଯିବ ।ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ ଅଧିକାରୀ ଭାବେ ଅଧାପକ ସନ୍ୟାସୀ ଚରଣ ପାତ୍ର,ଡ.ମାନସ କୁମାର ଦାଶ,ଡ. ଦୀପକ କୁମାର ସେନାପତି ଙ୍କୁ ନିୟୋଜିତ କରାଯାଇଛି। ନିର୍ବାଚନ ପ୍ରକ୍ରିୟା ଶେଷ ହେବା ଯାଏଁ ଛାତ୍ରଛାତ୍ରୀ ଙ୍କ ଡ୍ରେସ କୋର୍ଡ କୁ ଗୁରୁତ୍ୱ ଦିଆଯିବ ଓ ଅଣଛାତ୍ର ଯେପରି କଲେଜ ଭିତରକୁ ପ୍ରବେଶ କରି ନପାରିବେ ସେଥିପାଇଁ ତୀକ୍ଷ୍ଣ ଦୃଷ୍ଟି ରଖାଯିବ ବୋଲି ଅଧକ୍ଷ ପ୍ରକାଶ କରିଛନ୍ତି।

# ଭୋଜପୁର ହଷ୍ଟେଲ ପାଚେରୀ ନିର୍ମାଣରେ ବ୍ୟାପକ ଅନିୟମିତତା: କାର୍ଯ୍ୟ ସରିଗଲା, ହେଲେ ଫଳକରେ ନାହିଁ ତଥ୍ୟ

ସମ୍ବଲପୁର,୦୭/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଆଇଟିଡିଏ ଅଧୀନ ଜମନକିରା ବ୍ଲକର ଭୋଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲ ପାଚେରୀ ନିର୍ମାଣକୁ ନେଇ ଉଠିଛି ଅନିୟମିତତାର ଅଭିଯୋଗ। ନିର୍ମାଣ କାମ ସରିଯାଇଥିଲେ ମଧ କାର୍ଯ୍ୟର ଅନୁମୋଦିତ ରାଶି, ଯୋଜନା, କାର୍ଯ୍ୟକାରୀ ସଂସ୍ଥା ଓ ତଦାରଖ ଅଧିକାରୀଙ୍କ ସମ୍ପର୍କିତ କୌଣସି ସୂଚନା ସ୍ପଷ୍ଟ ଭାବେ ଉଲ୍ଲେଖ ହୋଇନଥିବାରୁ ବିଭିନ୍ନ ମହଲରେ ଉଠିଛି ପ୍ରଶ୍ନବାଚୀ । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ କାର୍ଯ୍ୟସ୍ଥଳରେ ସୂଚନା ଫଳକ ରହିବା ଆବଶ୍ୟକ। ହେଲେ ମାସମାସ ଧରି ଏହି ପାଚେରୀ ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ ମୁଖ୍ୟରାସ୍ତା ପାର୍ଶ୍ୱରେ କୌଣସି ସୂଚନା ଫଳକ ଦେଖିବାକୁ ମିଳିନଥିଲା । ଏପରିକି କାର୍ଯ୍ୟ ଚାଲିଥିବା ସମୟରେ ସମ୍ପୃକ୍ତ ଠିକାଦାରଙ୍କୁ ଫଳକ ସମ୍ପର୍କରେ ପଚରିବାରେ ଆଇଟିଡିଏ ପକ୍ଷରୁ ଏଥିପାଇଁ ପ୍ରୋଭିଜନ ନଥିବା ସଫେଇ ଦେଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ କିଛି ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ ପହଂଚିବା ଜାଣିବା ପରେ କାମ ସରିବା ପରେ ଅତି ତରବରିଆ ଭାବେ ବିଦ୍ୟାଳୟ ପରିସରର ଭିତର ପଟେ ଏକ ଫଳକ ନିର୍ମାଣ କରାଯାଇଥିବା ଜଣାପଡିଛି । ମାତ୍ର ଏଥିରେ କାର୍ଯ୍ୟ ସମ୍ପର୍କରେ ଆବଶ୍ୟକ ତଥ୍ୟ ନଥିବାରୁ ଫଳକର ଉଦ୍ଦେଶ୍ୟ ନେଇ ପୁଣି ଉଠିଛି ପ୍ରଶ୍ନ । ଏହି କାର୍ଯ୍ୟର ଗୁଣବତା, ଖର୍ଚ୍ଚ ଓ ନିର୍ମାଣ ନିୟମାବଳୀ ଠିକ୍ ଭାବେ ପାଳନ ହୋଇଛି କି ନାହିଁ, ତାହାର ଯାଂଚ ଦାବି ହେବା ସହ ବିଭାଗୀୟ ଅଧିକାରୀ ବା ଯନ୍ତ୍ରୀ ନିୟମିତ କାର୍ଯ୍ୟସ୍ଥଳ ପରିଦର୍ଶନ କରିଥିଲେ କି ନାହିଁ, ତାହା ମଧ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୋଗ ସମ୍ପର୍କରେ କୁଚିଣ୍ଡା ଆଇଟିଡିଏ ଅଧିକାରୀ ଗୋପୀନାଥ କଲୋଙ୍କୁ ପଚାରିବାରେ ଆଶ୍ଚର୍ଯ୍ୟ ମୁଦ୍ରାରେ ‘ଫଳକ ଲେଖା ହୋଇନାହିଁ କି’ ବୋଲି ପାଲଟା ପ୍ରଶ୍ନ କରିଥିଲେ । ନିଜ ସଫେଇରେ ମୁଁ ତାଙ୍କୁ ଫଳକ ଲେଖିବା ପାଇଁ ପୂର୍ବରୁ କହିଥିଲି, ଏବେ ମୁଁ ଆଉଥରେ କହୁଛି ଲେଖିବା ପାଇଁ ବୋଲି ନିଜ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଅପରପକ୍ଷରେ କାର୍ଯ୍ୟ ସରିବା ପରେ ମଧ ଫଳକ ଲେଖା ହୋଇନଥିବା ବାବଦରେ ବିଭାଗୀୟ ଅଧିକାରୀ ଜାଣିନଥିବା ଚିନ୍ତାର ବିଷୟ ପାଲଟିଛି । ସେହିପରି ସରକାରଙ୍କ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଆଜିକାଲି ବଡ଼ ଧରଣର ଦୁର୍ନୀତି ଚାଲିଥିବା ବେଳେ ଏହି କାର୍ଯ୍ୟର ସ୍ୱଚ୍ଛତା ନେଇ ବିଭାଗୀୟ ରେକର୍ଡ, ମାପ ବହି, ବିଲ୍-ଭାଉଚର ଓ ତଦାରଖ ରିପୋର୍ଟ ଯାଂଚ ହେଲେ ବହୁ ଲୁକ୍କାୟିତ ରହସ୍ୟର ପର୍ଦ୍ଦାଫାଶ ହୋଇପାରିବ ବୋଲି ସଚେତନ ନାଗରିକଙ୍କ ସମେତ ବହୁ ଅଂଚଳବାସୀ ଦାବି କରିଛନ୍ତି।

# ଖୋର୍ଦ୍ଧାରେ ସେବା ସଂକଳ୍ପ ପଦଯାତ୍ରା: ତୃଣମୂଳ ସ୍ତରରେ ଲୋକଙ୍କ ସହ ଯୋଡ଼ି ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



ଖୋର୍ଦ୍ଧା, ୦୭/୧୦ (ନି.ପ୍ର): ଜନସାଧାରଣଙ୍କ ନିକଟକୁ ସରକାରକୁ ନେଇଯିବା ସହ ତୃଣମୂଳସ୍ତରରେ ଲୋକଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରି ସେମାନଙ୍କ ସମସ୍ୟା, ଆଶା ଓ ଆକାଂକ୍ଷାକୁ ବୁଝିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶାସନ ବ୍ୟବସ୍ଥା କେବଳ ସରକାରୀ କାର୍ଯ୍ୟାଳୟ ଓ ଫାଇଲ୍ ମଧ୍ୟରେ ସୀମିତ ନ ରହି ଲୋକଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ଲୋକଙ୍କ ସମସ୍ୟାକୁ ନିକଟରୁ ଜାଣିଲେ ହିଁ ସେମାନଙ୍କ ପାଇଁ ଉପଯୁକ୍ତ ସମାଧାନର ବାଟ ବାହାର କରାଯାଇପାରିବ ବୋଲି ସେ କହିଛନ୍ତି।

ବୁଧବାର ଖୋର୍ଦ୍ଧାରେ 'ସେବା ସଂକଳ୍ପ ଅଭିଯାନ' ଅବସରରେ ଆୟୋଜିତ ସେବା ସଂକଳ୍ପ ପଦଯାତ୍ରାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଏହି ବାର୍ତ୍ତା ଦେଇଛନ୍ତି। ଏହି ଅବସରରେ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ 'ସେବା ସଂକଳ୍ପ ଜ୍ୟୋତି ଛକ'ର ଉଦ୍‌ଘାଟନ କରିଥିଲେ। ପରେ ହାବେଳି ପଡ଼ିଆରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଦଳୀୟ ନେତା, କର୍ମୀ ଓ ସମର୍ଥକଙ୍କ ସହ ପଦଯାତ୍ରା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପଦଯାତ୍ରାକୁ ନେଇ ଖୋର୍ଦ୍ଧା ସହରରେ ଦିନତମାମ ଉତ୍ସାହର ପରିବେଶ ସୃଷ୍ଟି ହୋଇଥିଲା।

ହାବେଳି ପଡ଼ିଆଠାରେ ପଦଯାତ୍ରା ଆରମ୍ଭ ପୂର୍ବରୁ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସରକାରଙ୍କ ମୂଳ ଲକ୍ଷ୍ୟ ହେଉଛି ଜନସାଧାରଣଙ୍କ ଜୀବନରେ ବିକାଶ ଓ ଜନକଲ୍ୟାଣର ପ୍ରତ୍ୟକ୍ଷ ପ୍ରଭାବ ସୃଷ୍ଟି କରିବା। ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ଯେପରି ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚେ, ସେଥିପାଇଁ ପ୍ରଶାସନ ଓ ଜନପ୍ରତିନିଧିମାନଙ୍କୁ ଦାୟିତ୍ୱବାନ ହେବାକୁ ପଡ଼ିବ।

ସେ କହିଥିଲେ, ଲୋକଙ୍କ ସହ ସିଧାସଳଖ ସମ୍ପର୍କ ହେଉଛି ସୁଶାସନର ଏକ ମୁଖ୍ୟ ଆଧାର। ଜନସାଧାରଣଙ୍କ ମଧ୍ୟରେ ଯାଇ ସେମାନଙ୍କ କଥା ଶୁଣିବା, ସ୍ଥାନୀୟ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ଏବଂ ସମସ୍ୟା ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ହେଉଛି ଜନସେବାର ପ୍ରକୃତ ଅର୍ଥ। ତେଣୁ ଦଳୀୟ କର୍ମୀ ଓ ନିର୍ବାଚିତ ଜନପ୍ରତିନିଧିମାନେ ଲୋକଙ୍କ ସହ ନିୟମିତ ଯୋଗାଯୋଗ ରଖି ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସେତୁ ଭାବେ କାମ କରିବା ଉଚିତ ବୋଲି ସେ ଆହ୍ୱାନ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ବିକାଶମୂଳକ ଚିଠା ପ୍ରସ୍ତାବ ସମ୍ପର୍କରେ ମଧ୍ୟ ଆଲୋକପାତ କରିଥିଲେ। ଭିତ୍ତିଭୂମି ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି ସୃଷ୍ଟି, ମହିଳା ସଶକ୍ତୀକରଣ, କୃଷକଙ୍କ କଲ୍ୟାଣ ଓ ସାମାଜିକ ସୁରକ୍ଷା ଭଳି ବିଭିନ୍ନ କ୍ଷେତ୍ରରେ ସରକାର ପଦକ୍ଷେପ ନେଉଥିବା ସେ କହିଥିଲେ। ବିକାଶର ଲାଭ ସମାଜର ପ୍ରତ୍ୟେକ ବର୍ଗ ନିକଟରେ ପହଞ୍ଚାଇବା ଏବଂ କେହି ଯେପରି ବିକାଶ ପ୍ରକ୍ରିୟାରୁ ବାଦ ନପଡ଼ନ୍ତି, ସେଥିପାଇଁ ସରକାର ପ୍ରତିବଦ୍ଧ ବୋଲି ସେ ଉଲ୍ଲେଖ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ପଦଯାତ୍ରା ହାବେଳି ପଡ଼ିଆରୁ ଆରମ୍ଭ ହୋଇ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ଅଭିମୁଖେ ଅଗ୍ରସର ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ବିଜେପି ନେତା, କର୍ମୀ, ସମର୍ଥକ ଓ ସ୍ଥାନୀୟ ଲୋକ ସାମିଲ ହୋଇଥିଲେ। ପଦଯାତ୍ରା ଯେଉଁ ରାସ୍ତା ଦେଇ ଯାଇଥିଲା, ସେଠାରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

ପଦଯାତ୍ରା ସମୟରେ ମୁଖ୍ୟମନ୍ତ୍ରୀ ରାସ୍ତାର ଉଭୟ ପାର୍ଶ୍ୱରେ ଉପସ୍ଥିତ ଲୋକଙ୍କୁ ଅଭିବାଦନ ଜଣାଇଥିଲେ। କେତେକ ସ୍ଥାନରେ ସେ ଲୋକଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ତାଙ୍କ ସହ ପଦଯାତ୍ରାରେ ଥିବା ଦଳୀୟ ନେତା ଓ କର୍ମୀମାନେ ସେବା, ବିକାଶ ଓ ସୁଶାସନ ସମ୍ପର୍କିତ ବାର୍ତ୍ତା ଦେଇଥିଲେ। ଏହା ଫଳରେ ଏହି କାର୍ଯ୍ୟକ୍ରମ କେବଳ ଏକ ଦଳୀୟ ପଦଯାତ୍ରାରେ ସୀମିତ ନରହି ଏକ ବ୍ୟାପକ ଜନସମ୍ପର୍କ କାର୍ଯ୍ୟକ୍ରମର ରୂପ ନେଇଥିଲା।

# ବିଦାୟ ନେଲେ କବି ତଥା ସାମ୍ବାଦିକ ଇନ୍ଦ୍ରମଣି ବିନ୍ଧାଣୀ



ଉଦଳା , ୦୭/୧୦ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ପୋଡ଼ାଡ଼ିହା ଅଂଚଳର ବାସିନ୍ଦା କବି ତଥା ସାମ୍ବାଦିକ ଇନ୍ଦ୍ରମଣି ବିନ୍ଧାଣୀ ଆଜି ଅକ୍ଟୋବର ୭ତାରିଖ ବୁଧବାର ଦିନ ଆମଗହଣରୁ ସବୁଦିନ ପାଇଁ ବିଦାୟ ନେଇଯାଇଛନ୍ତି । ସେ ପକ୍ଷାଘାତରେ ଆକ୍ରାନ୍ତ ହୋଇ ଦିର୍ଘଦିନଧରି ଚିକିତ୍ସାଧିନ ଥିଲେ । ଦେହାନ୍ତ ବେଳକୁ ତାଙ୍କର ବୟସ ୬୭ ବର୍ଷ ହୋଇଥିବାର ଜଣାଯାଇଛି । ସେ କବିତା ଆସର ମାନଙ୍କରେ ଖୁବ୍ ସୁନ୍ଦର ଭାବେ ସଂଯୋଜନା କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସେଥିପାଇଁ ସମଗ୍ର ଉତର ଓଡ଼ିଶାର ବିଭିନ୍ନ ସ୍ଥାନରେ କବିତା ସଂଯୋଜନା ପାଇଁ ତାଙ୍କୁ ଆମନ୍ତ୍ରଣ କରାଯାଉଥିଲା । ସେ ଦୈନିକ ଖବରକାଗଜ 'କାଳାନ୍ତର' ଓ ମାସିକ ପତ୍ରିକା 'ଦୁର୍ମୁଖ'ରେ ଦିର୍ଘବର୍ଷ ଧରି ସାମ୍ବାଦିକତା କରିଛନ୍ତି । ତାଙ୍କଦ୍ୱାରା ରଚିତ ଅନେକ କବିତା ବିଭିନ୍ନ ପତ୍ରପତ୍ରିକାରେ ସ୍ଥାନ ପାଇଛି । ସେହିପରି ସେ ବାରିପଦା ଆକାଶବାଣି କେନ୍ଦ୍ରର ଜଣେ ନିୟମିତ ଶ୍ରୋତା ଥିଲେ । ଆକାଶବାଣି କେନ୍ଦ୍ରରୁ ଶ୍ରୋତା ବନ୍ଧୁମାନଙ୍କର ଚିଠିପତ୍ରକୁ ନେଇ ପ୍ରଚାରିତ ହେଉଥିବା କାର୍ଯ୍ୟକ୍ରମ 'ସମୀପେଷୁ'କୁ ସବୁବେଳେ ଚିଠି ଦେଉଥିଲେ । ଏପରିକି 'ପ୍ରଭାତ ପରିକ୍ରମା' କାର୍ଯ୍ୟକ୍ରମରେ ମଧ କେତେଥର ତାଙ୍କର କଣ୍ଠସ୍ୱର ଶୁଣିବାକୁ ମିଳିଛି । ଉଦଳାରେ ଆରଣ୍ୟକ ସାହିତ୍ୟ ସଂସଦ ଗଠନରେ ସେ ଅଗ୍ରଣୀ ଭୂମିକା ନେଇଥିବା ବେଳେ ନୁଦଡ଼ିହାରେ 'ଆମ ସାହିତ୍ୟ ସଂସଦ' ଓ ପୋଡ଼ାଡ଼ିହାରେ 'ଶମୀବୃକ୍ଷ ସାହିତ୍ୟ ସଂସଦ'ର ସଂପାଦକ ଭାବରେ ଦାୟିତ୍ୱ ତୁଲାଇଥିଲେ। ଉତର ଓଡ଼ିଶା ସାହିତ୍ୟ ଓ ସଂସ୍କୃତି ସମ୍ମେଳନ, ଉଦଳା ମହୋତ୍ସବ, ଧ୍ୱନିପ୍ରତିଧ୍ୱନି ପାଠକ ମଂଚର ବାର୍ଷିକ ଉତ୍ସବ ସମେତ ବିଭିନ୍ନ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ମଧ୍ୟ ହୋଇଛନ୍ତି ।

# କୃଷକ ଉତ୍ପାଦନ ସଂଗଠନର ତାଲିମ ଶିବିର




ବାଲିଆପାଳ , ୦୭/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ କୃଷି ବିଜ୍ଞାନ କେନ୍ଦ୍ର ବାଲେଶ୍ୱର ଦ୍ୱାରା ଏକ ଜିଲ୍ଲା ସ୍ତରୀୟ କୃଷକ ଉତ୍ପାଦନ ସଂଗଠନ ର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି ଏହି ତାଲିମ ଶିବିର ରେ ବାଲେଶ୍ୱର ଜିଲ୍ଲା ର କୃଷକ ଉତ୍ପାଦିକ ସଂଗଠନ ର ସିଇଓ ଏବଂ ବିଓଡି ସଦ୍ୟସ ମାନେ ଯୋଗଦେଇଥିଲେ ଏହି ତାଲିମ ଶିବିର ରେ କୃଷି ବିଜ୍ଞାନ କେନ୍ଦ୍ର ର ମୁଖ୍ୟ ବୌଜ୍ଞାନିକ ଡ଼. ସ୍ୱାଗତିକା ସାହୁ ଅଧକତା କରିଥିବା ବେଳେ କୃଷି ସମ୍ପ୍ରସାରଣ ବୌଜ୍ଞାନିକଡ଼. କମଳା କାନ୍ତ ବେହେରା ପରିଚାଳନା କରିଥିଲେ ସେଣ୍ଟର ଅଫ ସେଲକ୍ସନ ଭୁବନେଶ୍ୱର ରୁ ସୁନିଲ କୁମାର ଦେଓ ଏବଂ ଦୁଷ୍ମନ୍ତ ପଣ୍ଡା ଅଭାସି ମଧ୍ୟମରେ ସଦସ୍ୟ ମାନଙ୍କୁ କୃଷକ ଉତ୍ପାଦକ ସଂଗଠନ ଦ୍ୱାରା କମ୍ପାନୀ ବ୍ୟପାର ମନ୍ତ୍ରାଳୟ ଏବଂ କମ୍ପାନୀ ସହିତ ପଞ୍ଜିକରଣ କାଯ୍ୟଳୟ ର ଆଇନ ଗତ ନିୟମାବଳୀ ପାଳନ କରିବା ଉପରେ ଆଲୋକ ପାତ କରିଥିଲେ ପରିଶେଷରେ ଏହି ତାଲିମ ଶିବିର ର ସହାୟକ ନିରୋଦ କୁମାର ଜେନା ଧନ୍ୟବାଦ ଅର୍ପନ କରିଥିଲେ।

# ପାରାଦ୍ୱୀପ ନଗର କଂଗ୍ରେସ ପକ୍ଷରୁ ସରକାର ବିରୋଧୀ ଶୋଭାଯାତ୍ରା ଅନୁଷ୍ଠିତ



ପାରାଦ୍ୱୀପ, ୦୭/୧୦ (ନି.ପ୍ର): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ଯୋଜନା ଓ ସମ୍ବିଧାନ ବିରୋଧୀ ନୀତି ବିରୋଧରେ ପାରାଦ୍ୱୀପ ନଗର କଂଗ୍ରେସ ପକ୍ଷରୁ ଆଜି ଅକ୍ଟୋବର ୭ ବୁଧବାର ପୂର୍ବାହ୍ନରେ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହିତ ଅକ୍ଟୋବର ୮ ତାରିଖ ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ନିବେଦନ କରାଯାଇଥିଲା। ମୁଖ୍ୟତଃ ନିର୍ବାଚନ କମିଶନଙ୍କ ଇସ୍ତଫା ଓ ଭୋଟର ତାଲିକା ସଂଶୋଧନ, ଦରଦାମ ବୃଦ୍ଧି, ବେକାରୀ ସମସ୍ୟା ଓ ଦୁର୍ନୀତିମୁକ୍ତ ପ୍ରଶାସନ ଦବିକାରୀ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶୋଭାଯାତ୍ରା ବାହାରି ଥିଲା ଏବଂ ମଧୁବନ ସ୍ଥିତ ଆମ୍ବେଦକର ଭବନ ସମ୍ମୁଖରେ ଥିବା ସମ୍ବିଧାନ ପ୍ରଣେତା ଡକ୍ଟର ଭୀମ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧା ସୁମନ ଅର୍ପଣ କରି ଶୋଭାଯାତ୍ରା ସମାପନ ହୋଇଥିଲା। ଅକ୍ଟୋବର ୮ ତାରିଖ ଦିନ ଓଡ଼ିଶା ବନ୍ଦ କୁ ସଫଳ କରିବା ପାଇଁ ସାଧାରଣ ଲୋକଙ୍କ ସହଯୋଗ କାମନା କରିଥିଲେ। ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ପିସିସି ସମ୍ପାଦକ ବିଶ୍ୱଜିତ ଦାସ ଓ ଜଗତସିଂହପୁର ଜିଲ୍ଲା ପ୍ରଭାରୀ ନିରଞ୍ଜନ ନାୟକ ଯୋଗ ଦେଇଥିଲେ। ଏବଂ ନାରାୟଣ ସ୍ୱାଇଁ, ତ୍ରିନାଥ ମହାନ୍ତି, ଚନ୍ଦ୍ର ଶେଖର ମହାପାତ୍ର, କୃପାସିନ୍ଧୁ ଦାସ, ପଦ୍ମ ସମ୍ଭୂତ ମହାନ୍ତି, ଧରିତ୍ରୀ ସାମଲ, ସରୋଜ ପ୍ରଧାନ, କୌଶଲ୍ୟା ମହାନ୍ତି, ସ୍ନେହ ମହାନ୍ତି, ପ୍ରସନ୍ନଜିତ ମାଇତି, ପୁଷ୍ପା ଦାସ, ସସ୍ମିତା ମହାନ୍ତି, କୁନ୍ତଳା ପାତ୍ରଙ୍କ ସହିତ ବହୁ କଂଗ୍ରେସ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମୁଦ୍ରାସ୍ଫୀତି ବୃଦ୍ଧି ...

ବର୍ତ୍ତମାନ ବ୍ୟାଙ୍କଗୁଡ଼ିକ ପାଇଁ ରିଜର୍ଭ ବ୍ୟାଙ୍କରୁ ଋଣ ନେବା ମହଙ୍ଗା ହୋଇଯିବ, ତେଣୁ ସେମାନଙ୍କର ପାଣ୍ଠିର ମୂଲ୍ୟ ବୃଦ୍ଧି ପାଇବ। ଫଳସ୍ୱରୂପ, ବ୍ୟାଙ୍କଗୁଡ଼ିକ ଗୃହ ଋଣ, କାର ଋଣ ଏବଂ ବ୍ୟକ୍ତିଗତ ଋଣ ଉପରେ ସୁଧ ହାର ବୃଦ୍ଧି କରିବେ। ସୁଧ ହାର ବୃଦ୍ଧି ପାଇବା ସହିତ, ଇଏମଆଇ ପୂର୍ବ ଅପେକ୍ଷା ଅଧିକ ମହଙ୍ଗା ହେବ। ଆରବିଆଇ ଦ୍ୱାରା ରେପୋ ହାରରେ ୨୫ ବେସିସ୍ ପଏଣ୍ଟ୍ ବୃଦ୍ଧି ବ୍ୟାଙ୍କ ଋଣର ସୁଧ ହାରକୁ ୦.୨୫% ବୃଦ୍ଧି କରିବ। ରେପୋ ହାର ବୃଦ୍ଧି ମାସିକ ଇଏମଆଇ ବୃଦ୍ଧି କରିବ, କିନ୍ତୁ ଏହାର କିଛି ଲାଭ ମଧ ଅଛି। ରେପୋ ହାର ବୃଦ୍ଧି ବ୍ୟାଙ୍କଗୁଡ଼ିକରେ ସ୍ଥାୟୀ ଜମା (ଏଫଡି) ଥିବା ଗ୍ରାହକମାନଙ୍କୁ ଲାଭ ଦେବ। ଏହା ଜମାକାରୀମାନଙ୍କୁ ପୂର୍ବ ଅପେକ୍ଷା ସେମାନଙ୍କ ସଞ୍ଚୟ ଉପରେ ଅଧିକ ସୁଧ ହାର ପ୍ରଦାନ କରିବ।

## ଆଜି ଓଡ଼ିଶା ବନ୍ଦ...

ବାଧା ସୃଷ୍ଟି ଭଳି ଘଟଣା ଯେପରି ନଘଟେ, ସେଥିପ୍ରତି ପୁଲିସ ଦୃଷ୍ଟି ରଖିବ। ଇଣ୍ଡିଆ ବ୍ଲକ୍‌ର ଏହି ବନ୍ଦ ଡାକ ପଛରେ ଏକାଧିକ ଦାବି ରହିଛି। ଅମେଣ୍ଡେଡ୍ MMDR Act, ୨୦୨୬ ପ୍ରତ୍ୟାହାର, ସ୍କୁଲ୍ ପାଠ୍ୟପୁସ୍ତକରେ ଥିବା କଥିତ ତ୍ରୁଟିକୁ ନେଇ ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ଝଓଜ ପ୍ରକ୍ରିୟାକୁ ନେଇ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଅନ୍ୟାନ୍ୟ ଦାବି ନେଇ ବିରୋଧୀ ଦଳଗୁଡ଼ିକ ଆନ୍ଦୋଳନ କରୁଛନ୍ତି। ବନ୍ଦ ଅକ୍ଟୋବର ୮ରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପାଳନ ପାଇଁ ଡାକରା ଦିଆଯାଇଛି। ଆୟୋଜକଙ୍କ ପକ୍ଷରୁ ବସ୍, ଟ୍ରକ୍, ଅଟୋ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳ ବନ୍ଦ ରଖିବାକୁ ଆହ୍ୱାନ ଦିଆଯାଇଥିବା ବେଳେ ଜରୁରୀ ସେବାକୁ ବନ୍ଦରୁ ବାଦ୍ ଦିଆଯାଇଛି। ବନ୍ଦ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପୁଲିସ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ମଧ ଆହ୍ୱାନ କରାଯାଇଛି। ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରିବାକୁ କୁହାଯାଇଥିବା ବେଳେ ହିଂସା, ଭଙ୍ଗାରୁଜା, ବଳପୂର୍ବକ ବନ୍ଦ କିମ୍ବା ସାଧାରଣ ଲୋକଙ୍କ ଯାତାୟାତରେ ବାଧା ଦେଲେ ଆଇନ ଅନୁଯାୟୀ କଡ଼ା ପଦକ୍ଷେପ ନିଆଯିବ। ଏପଟେ ବନ୍ଦ ପ୍ରଭାବରେ ରାଜ୍ୟର ଯାତାୟାତ, ବଜାର ଓ ବାଣିଜ୍ୟିକ କାର୍ଯ୍ୟକଳାପ ପ୍ରଭାବିତ ହେବାର ସମ୍ଭାବନା ରହିଛି। ତେବେ ଅତ୍ୟାବଶ୍ୟକ ସେବା ଚାଲୁ ରହିବାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି।

## ଦିଲ୍ଲୀରେ ହାଇଭୋଲଟ୍ଟେଜ୍ ...

ସାଗର ରତ୍ନା ରେଷ୍ଟୁରାଣ୍ଟରେ ଏକାଠି ହୋଇ ମଧ୍ୟାହ୍ନ ଭୋଜନ ସହ ରଣନୀତି ପ୍ରସ୍ତୁତ କରିବା ପରେ ସାଂସଦମାନେ ଏକ ବସ୍ ଯୋଗେ ଯନ୍ତରମନ୍ତର ଅଭିମୁଖେ ବାହାରିଥିଲେ। ଆରଜେଡି ସାଂସଦ ମନୋଜ ଝା ଏହାକୁ ନୂତନ ଆନ୍ଦୋଳନର ଶୁଭାରମ୍ଭ ବୋଲି କହିଥିବା ବେଳେ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇ ନିର୍ବାଚନ କମିସନ କାର୍ଯ୍ୟାଳୟକୁ ଯାଉଥିବା ସମସ୍ତ ମୁଖ୍ୟ ରାସ୍ତାକୁ ସିଲ୍ କରାଯାଇଥିଲା । ମଙ୍ଗଳବାର ଆକାଶବାଣୀ ଭବନ ଘଟଣାକୁ ନେଇ ଦିଲ୍ଲୀ ପୁଲିସ ବୁଧବାର ରାହୁଲ ଏବଂ ପ୍ରିୟଙ୍କାଙ୍କ ବିରୋଧରେ ଏକ ନୂତନ ଏଫ୍‌ଆଇଆର ରୁଜୁ କରିଛି। ଏହି ଆଇନଗତ କାର୍ଯ୍ୟାନୁଷ୍ଠାନକୁ ହାଲୁକା ଭାବେ ନେଇ ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଆହ୍ୱାନ ଦେଇ କହିଛନ୍ତି, ମୋ ବିରୋଧରେ ପୂର୍ବରୁ ୪୫ଟି ଏଫ୍‌ଆଇଆର ରହିଛି ଏବଂ ମୋର ଲକ୍ଷ୍ୟ ହେଉଛି ୧୦୦ଟି ଏଫ୍‌ଆଇଆର କରିବା। କଂଗ୍ରେସ ସାଧାରଣ ସମ୍ପାଦକ କେ ସି ବେଣୁଗୋପାଳ ମଧ ଏହି ପୁଲିସ କାର୍ଯ୍ୟାନୁଷ୍ଠାନକୁ ତୀବ୍ର ନିନ୍ଦା କରିବା ସହ ଜଣେ ବିରୋଧୀ ଦଳ ନେତାଙ୍କୁ ଅପରାଧୀ ଭଳି ବ୍ୟବହାର କରାଯିବା ଘଟଣାକୁ ଅଗଣତାନ୍ତ୍ରିକ ବୋଲି ଆଖ୍ୟା ଦେଇଛନ୍ତି। ବର୍ତ୍ତମାନ ସମଗ୍ର ଦିଲ୍ଲୀରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏହି ରାଜନୈତିକ ଲଢ଼େଇ ଆଗକୁ ଆହୁରି ଜଟିଳ ରୂପ ନେବା ସ୍ଥିତିକୁ ଆସିଯାଇଛି।

## କାଠଯୋଡ଼ି ନଦୀ କୂଳରୁ ...

ସହ କିଛି ସମ୍ପର୍କ ରଖୁଛି କି ନାହିଁ, ସେନେଇ ମଧ ତଦନ୍ତ କରାଯାଉଛି। ଯୁବତୀ ଜଣକ ଏକୁଟିଆ ସେଠାକୁ ଆସିଥିଲେ ନା ତାଙ୍କ ସହ ଆଉ କେହି ଥିଲେ, ତାହା ମଧ ଏବେ ତଦନ୍ତର ପରିସରରେ ରହିଛି। ଘଟଣାସ୍ଥଳର ପରିସ୍ଥିତି, ମୃତଦେହରେ ଥିବା କ୍ଷତଚିହ୍ନ ଓ ମିଳିଥିବା ସାମଗ୍ରୀକୁ ଆଧାର କରି ପୁଲିସ ତଥ୍ୟ ଯୋଡୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଯୁବତୀଙ୍କ ମୃତ୍ୟୁର ପ୍ରକୃତ କାରଣ ସମ୍ପର୍କରେ ଅଧିକ ସ୍ପଷ୍ଟତା ମିଳିପାରେ। ଏହା ସହ ଯୁବତୀଙ୍କ ପରିଚୟ ମିଳିବା ପରେ ଘଟଣାର ତଦନ୍ତ ଆହୁରି ଆଗକୁ ବଢ଼ିବ।

## ବନ୍ଦୀ ସ୍ଥାନାନ୍ତରଣ ମାମଲାରେ...

ହେବା ଆବଶ୍ୟକ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ ଉପରୋକ୍ତ ରାୟରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ଯେ ଜଣେ ବିଚାରାଧୀନ ବନ୍ଦୀ, ଯାହାଙ୍କ ମାମଲାର ବିଚାର କୋର୍ଟରେ ଚାଲିଛି, ତାଙ୍କୁ ଜେଲ୍ କର୍ତ୍ତୃପକ୍ଷ ବା ସରକାର ନିଜ ଇଚ୍ଛାରେ ଗୋଟିଏ ଜେଲରୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରିପାରିବେ ନାହିଁ। ଏଭଳି ବନ୍ଦୀଙ୍କୁ ଗୋଟିଏ ଜେଲରୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରିବା ପାଇଁ ନ୍ୟାୟିକ ଅନୁମତି ବା ଆଦେଶ ବାଧ୍ୟତାମୂଳକ। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

## ୟୁକ୍ରେନ ଉପରେ ରୁଷର...

ଅନ୍ୟପକ୍ଷରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନସ୍କି କହିଛନ୍ତି ଯେ, ରୁଷ ପ୍ରାୟ ୭୦ଟି କ୍ଷେପଣାସ୍ତ୍ର ଓ ଡ୍ରୋନ୍ ବ୍ୟବହାର କରି ୟୁକ୍ରେନର ଶକ୍ତି ଭିତ୍ତିଭୂମିକୁ ମୁଖ୍ୟତଃ ଟାର୍ଗେଟ କରିଛି । ଏହି ଭୟଙ୍କର ଆକ୍ରମଣରେ ୧୧ ଜଣଙ୍କ ଜୀବନ ଯାଇଥିବା ସେ କହିଛନ୍ତି । ଜେଲେନସ୍କି ରୁଷକୁ କଡ଼ା ଜବାବ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି । ତାଙ୍କ କହିବା ଅନୁସାରେ, ରୁଷର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ୟୁକ୍ରେନ ପାଇଁ ଏବେ ବି ସବୁଠାରୁ ବଡ଼ ଚ୍ୟାଲେଞ୍ଜ । ଏହାକୁ ମୁକାବିଲା କରିବା ପାଇଁ ୟୁକ୍ରେନକୁ ତୁରନ୍ତ ଅତିରିକ୍ତ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଯୋଗାଇବାକୁ ସେ ପାଶ୍ଚାତ୍ୟ ଦେଶଗୁଡ଼ିକୁ ଅନୁରୋଧ କରିଛନ୍ତି ।

# ସାମାଜିକ ସୁରକ୍ଷାରୁ ବଂଚିତ ମଧୁସୂଦନ ଓ ଆର୍ସୁ

ଉଦଳା , ୦୭/୧୦ (ନି.ପ୍ର): ଉଦଳା ବ୍ଲକର ଖଳାଡ଼ି ପଂଚାୟତ ଅନ୍ତର୍ଗତ ରଙ୍ଗାମାଟିଆ ଗ୍ରାମର ବାସିନ୍ଦା ସ୍ୱର୍ଗତଃ କାଶିନାଥ ମୁଖିଙ୍କର ପୁତ୍ର ମଧୁସୁଦନ ମୁଖି ଓ ବାବୁସାହି ଗ୍ରାମର ବାସିନ୍ଦା ଦୁର୍ଗା ହେମ୍ବ୍ରମଙ୍କର ସହଧର୍ମିଣୀ ଆର୍ସୁ ହେମ୍ବ୍ରମ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇପାରିନଥିବାର ଜଣାଇଛନ୍ତି । ଆଧାରକାର୍ଡ଼ରେ ଉଲ୍ଲେଖଥିବା ଜନ୍ମତାରିଖ ଅନୁସାରେ ମଧୁସୁଦନଙ୍କୁ ଚଳିତ ବର୍ଷ ୬୩ ବର୍ଷ ଓ ଆର୍ସୁଙ୍କୁ ୬୨ ବର୍ଷ ଛୁଇଁଲା । ଏଦୁହେଁ ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ଭତା ପାଇବା ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି ତାଙ୍କର ଗୁହାରି ଶୁଣିନଥିବାର କଥା ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଜନଜାଗୃତି ମଂଚ ସମେତ ଅନେକ ଗୁଡ଼ିଏ ସ୍ୱେଚ୍ଛାସେବି ସଂଗଠନ ଅନୁରୋଧ ଜଣାଇଛନ୍ତି ।

# କୃଷ୍ଣଚନ୍ଦ୍ର ପିପିଲି କଲେଜର ଓଡ଼ିଆ ଭାଷା ପରିଷଦ ପକ୍ଷରୁ ପାଠଚକ୍ର




ବାଲିଆପାଳ , ୦୭/୧୦ (ନି.ପ୍ର): କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇ ଓଡ଼ିଆ ଭାଷା ପରିଷଦ ଆନୁକୂଲ୍ୟରେ ବିଭାଗ ମୁଖ୍ୟ ଡ଼କ୍ଟର ଦୟାନିଧି ସାହୁଙ୍କ ସଭାପତିତ୍ୱରେ 'ଓଡ଼ିଆ ଭାଷାର ଅସ୍ମିତା ଏକ ପ୍ରାୟୋଗିକ ଅନୁଚିନ୍ତନ ' ବିଷୟକ ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଉଦଘାଟକ ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ପରିଷଦର ପ୍ରାଚୀର ପତ୍ର 'ମୌସୁମୀ'ର ଶୁଭ ଲୋକାର୍ପଣ କରିଥିଲେ । ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରତିକାନ୍ତ ବେହେରା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ଅଧାପିକା ସୁପ୍ରସନ୍ନି ବେହେରା ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ । ଓଡିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ ସାହିତ୍ୟ ରଥୀ କବି ବ୍ରଜେନ୍ଦ୍ର ନାଥ ଗିରି ସମୀକ୍ଷକ ଭାବେ ଯୋଗ ଦେଇ ଓଡ଼ିଆ ଭାଷାର ଅସ୍ମିତା ସମ୍ବନ୍ଧରେ ସୁନ୍ଦର ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ମୁଖ୍ୟ ଆଲୋଚକ ବିଶିଷ୍ଟ ସମାଲୋଚକ ଆର ଆଇ ଏଚ ଏସ ମହାବିଦ୍ୟାଳୟର ଅଧାପକ ଡ଼କ୍ଟର ନୀଳକଣ୍ଠ ଖଣ୍ଡା ବିଷୟ ଭିତ୍ତିକ ପ୍ରବନ୍ଧ ଆଲୋଚନା କରିବା ସହିତ ପ୍ରାଧାପକ ରବୀନ୍ଦ୍ର ନାଥ ବିଶ୍ୱାଳ ଭାଷାର ମୌଳିକ ଦର୍ଶନ ସମ୍ବନ୍ଧରେ ମତ ରଖିଥିଲେ । ତୃତୀୟ ବର୍ଷର ଛାତ୍ରୀ ନମିତା ଜେନା, ଲକ୍ଷ୍ମୀପ୍ରିୟା ପାତ୍ର, ବୈଶାଖୀ ଗଙ୍ଗାଇ ଓ ଛାତ୍ର ପ୍ରକାଶ ରଞ୍ଜନ ପ୍ରଧାନ ମୂଳ ଭିତ୍ତି ପ୍ରବନ୍ଧ ପାଠ କରିବା ସହିତ ରଶ୍ମିତା ବେହେରା,ଡଲି ଜେନା, ରୁନିରାଣୀ ବିଶ୍ୱାଳ, ସସ୍ମିତା ଜେନା,ନମିତା ଜେନା, ସୁଜାତା ଜେନା, ସୁଜାତା ପାତ୍ର, ସୁରେଶ ଗଙ୍ଗାଇ, ସୁକାନ୍ତି ହାଜିରା, ଜଗତଜିତା ପରିଡା, ପ୍ରୀତିନନ୍ଦିନୀ ଗିରି, ତୁଳସୀ ପାତ୍ର, ତୁଳସୀ ଜେନା,ଅର୍ଚ୍ଚନା ବିଶ୍ୱାଳ ପ୍ରମୁଖ ବିଷୟ କୈନ୍ଦ୍ରିକ ଗଳ୍ପ ଓ କବିତା ପାଠ କରିଥିଲେ । ସୁଜାତା କର ଶିବ ସ୍ତୋତ୍ର ଉପରେ ଓଡ଼ଶୀ ନୃତ୍ୟ ପ୍ରଦର୍ଶନ କରି ସମସ୍ତଙ୍କୁ ମୋହିତ କରିଥିଲେ । ପୁରାତନ ଛାତ୍ରୀ ରଞ୍ଜିତା ବେହେରା ଓ ଲକ୍ଷ୍ମୀପ୍ରିୟା ପରିଡା ପାଠଚକ୍ର ସମ୍ବନ୍ଧୀୟ ପାଠକୀୟ ମତ ପ୍ରଦାନ କରିଥିଲେ । ପ୍ରବନ୍ଧରେ ବୈଶାଖୀ ଗଙ୍ଗାଇ ଓ ଗଳ୍ପରେ ରଶ୍ମିତା ବେହେରା ପ୍ରଥମ ସ୍ଥାନ ଅଧିକାର କରିଥିଲେ । ପରିଶେଷରେ ଅଧାପିକା ସସ୍ମିତା ସିଂ କୃତଜ୍ଞତା ଜ୍ଞାପନ କରିଥିଲେ।

# ଡ୍ରେନେଜ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜନପ୍ରତିନିଧିଙ୍କ ତତ୍ପରତା: ନୂତନ ଡ୍ରେନ ନିର୍ମାଣ ନେଇ ରେଳ ଅଧିକାରୀଙ୍କ ସହ ଆଲୋଚନା କଲେ ସାଂସଦ ଓ ବିଧାୟକ

ବାଲେଶ୍ୱର, ୦୭/୧୦ (ନି.ପ୍ର): ଲଗାଣ ବର୍ଷା ସମୟରେ ବାଲେଶ୍ୱର ସହରର ତେଲେଙ୍ଗାସାହି, ଶୋଭାରାମପୁର ଓ ନୂଆବଜାର ଅଞ୍ଚଳରେ ଜଳ ନିଷ୍କାସନ ସମସ୍ୟା ଯୋଗୁଁ ଦୀର୍ଘଦିନ ଧରି ସ୍ଥାନୀୟ ଲୋକେ ବିଭିନ୍ନ ଅସୁବିଧା ଭୋଗ କରିଆସୁଛନ୍ତି। ବିଶେଷକରି ପ୍ରବଳ ବର୍ଷା ସମୟରେ ରାସ୍ତା ଓ ଜନବସତିରେ ବର୍ଷାଜଳ ଜମି ଯାତାୟାତ ବାଧାପ୍ରାପ୍ତ ହେବା ସହ ଜନଜୀବନ ପ୍ରଭାବିତ ହେଉଛି। ଏହି ଦୀର୍ଘଦିନର ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଆଜି ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ତଥା ସରକାରୀ ଉପ ମୁଖ୍ୟ ସଚେତକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ଏବଂ ବାଲେଶ୍ୱର ସଦର ବିଧାୟକ ଶ୍ରୀ ମାନସ କୁମାର ଦତ୍ତ ରେଳ ଅଧିକାରୀମାନଙ୍କ ସହ ଉକ୍ତ ଅଞ୍ଚଳଗୁଡ଼ିକ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଜନପ୍ରତିନିଧିମାନେ ସ୍ଥାନୀୟ ଲୋକଙ୍କ ସହ ସମସ୍ୟା ସମ୍ପର୍କରେ ସିଧାସଳଖ ଆଲୋଚନା କରିବା ସହ ରେଳ ଅଧିକାରୀମାନଙ୍କୁ ବର୍ଷାଜଳ ନିଷ୍କାସନରେ ରହିଥିବା ବାଧା ଏବଂ ଏହାଦ୍ୱାରା ସୃଷ୍ଟି ହେଉଥିବା ଜନସମସ୍ୟା ବିଷୟରେ ଅବଗତ କରାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ତେଲେଙ୍ଗାସାହି, ଶୋଭାରାମପୁର ଓ ନୂଆବଜାରର ସମ୍ପୃକ୍ତ ଅଞ୍ଚଳ ରେଳ ବିଭାଗ ଅଧୀନରେ ଆସୁଥିବାରୁ ଏଠାରେ ଡ୍ରେନ ନିର୍ମାଣ ଓ ଜଳ ନିଷ୍କାସନ ବ୍ୟବସ୍ଥାର ସୁଧାର ପାଇଁ ରେଳ ବିଭାଗର ସହଯୋଗ ଅତ୍ୟନ୍ତ ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ଜନପ୍ରତିନିଧିମାନେ ରେଳ ଅଧିକାରୀଙ୍କ ସହ ଆଲୋଚନା କରି ନୂତନ ଡ୍ରେନ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ। ଆଲୋଚନା ପରେ ରେଳ ବିଭାଗ ପକ୍ଷରୁ ଏହି ଅଞ୍ଚଳରେ ଆବଶ୍ୟକ ଡ୍ରେନ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନ ମିଳିଛି। ଖୁବଶୀଘ୍ର ଏହି ସମସ୍ତ ଡ୍ରେନର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ନୂତନ ଡ୍ରେନ ନିର୍ମାଣ ହେଲେ ବର୍ଷାଜଳର ସୁଗମ ନିଷ୍କାସନ ସମ୍ଭବ ହେବା ସହ ତେଲେଙ୍ଗାସାହି, ଶୋଭାରାମପୁର ଓ ନୂଆବଜାର ଅଞ୍ଚଳବାସୀଙ୍କ ବହୁଦିନର ଜଳବନ୍ଦୀ ଓ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ପ୍ରତିକାର ହୋଇପାରିବ। ଏହା ସହିତ ରାସ୍ତାରେ ଜଳ ଜମିବା, ଯାତାୟାତରେ ବାଧା ଏବଂ ବର୍ଷାଦିନରେ ଜନସାଧାରଣଙ୍କ ଦୈନନ୍ଦିନ ଜୀବନରେ ଉପୁଜୁଥିବା ଅସୁବିଧା ମଧ ବହୁ ପରିମାଣରେ ଦୂର ହେବ। ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ସମସ୍ୟାକୁ ଗୁରୁତ୍ୱ ଦେଇ ସାଂସଦ, ବିଧାୟକ ଓ ରେଳ ବିଭାଗ ମଧ୍ୟରେ ଏଭଳି ସମନ୍ୱୟ ଓ ତ୍ୱରିତ ପଦକ୍ଷେପ ଜନସେବା ପ୍ରତି ଜନପ୍ରତିନିଧିଙ୍କ ପ୍ରତିବଦ୍ଧତାର ଏକ ଉଦାହରଣ ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି। ଏହି ସମୟରେ ପ୍ରସାଶନିକ ଅଧିକାରୀ ଓ ଲାଇନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ସେବା ସଂକଳ୍ପ ଅଭିଯାନ' ଅର୍ନ୍ତଗତ ଜିଲ୍ଲାସ୍ତରୀୟ 'ବିକଶିତ ଭାରତ ସଂକଳ୍ପ ସଭା' ଓ 'ସେବା ଜ୍ୟୋତି ଯାତ୍ରା' ଅନୁଷ୍ଠିତ

ବାଲେଶ୍ୱର, ୦୭/୧୦ (ନି.ପ୍ର): ସ୍ଥାନୀୟ ମିଶନ ପଡ଼ିଆରେ 'ସେବା ସଂକଳ୍ପ ଅଭିଯାନ-୨୦୨୬' ପରିପ୍ରେକ୍ଷୀରେ ଜିଲ୍ଲା କ୍ରୀଡା ବିଭାଗ ପକ୍ଷରୁ ବାଲେଶ୍ୱର ଠାରେ ଜିଲ୍ଲା ସ୍ତରୀୟ 'ବିକଶିତ ଭାରତ ସଂକଳ୍ପ ସଭା' ଓ 'ସେବା ଜ୍ୟୋତି ଯାତ୍ରା' ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ମାନ୍ୟବର ରେମୁଣା ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ମାନ୍ୟବର ସିମୁଳିଆ ବିଧାୟକ ଶ୍ରୀଯୁକ୍ତ ପଦ୍ମଲୋଚନ ପଣ୍ଡା, ମାନ୍ୟବର ନୀଳଗିରି ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ ଏବଂ ମାନ୍ୟବର ବାଲେଶ୍ୱର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ ପ୍ରମୁଖ ଯୋଗଦେଇଥିଲେ। ସଭାରେ ବକ୍ତାମାନେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା, ବିକାଶମୂଳକ କାର୍ଯ୍ୟକ୍ରମ ଓ ଲୋକଙ୍କ ନିକଟରେ ସରକାରୀ ସେବା ପହଞ୍ଚାଇବାରେ 'ସେବା ସଂକଳ୍ପ ଅଭିଯାନ'ର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଦେଶକୁ ବିକଶିତ ରାଷ୍ଟ୍ର ଭାବେ ଗଢ଼ି ତୋଳିବା ପାଇଁ ସମସ୍ତଙ୍କ ସହଭାଗିତା ଓ ସଂକଳ୍ପର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ସହିତ ସେବା ଜ୍ୟୋତି ଯାତ୍ରା ମିଶନ ଫିଲ୍ଡରୁ ଆରମ୍ଭ ହୋଇ ଏଡିଏମ୍ ଛକ, ଷ୍ଟେସନ ଛକ, ଫକୀର ମୋହନ ଛକ, ଫାଣ୍ଡି ଛକ ଦେଇ ପୁନର୍ବାର ମିଶନ ଫିଲ୍ଡରେ ପହଞ୍ଚିଥିଲା। ଯାତ୍ରାରେ ବିଭିନ୍ନ ବର୍ଗର ଲୋକେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ପରେ ମିଶନ ଫିଲ୍ଡଠାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ବିଭିନ୍ନ ଆକର୍ଷଣୀୟ ପରିବେଷଣ ମାଧ୍ୟମରେ ଦର୍ଶକଙ୍କ ମନ ମୋହିଥିଲେ। ଏହି ଅବସରରେ ଦିଲ୍ଲୀରୁ ଭାରତର ପ୍ରଧାନମନ୍ତ୍ରୀ ଭର୍ଚୁଆଲ୍ ମାଧ୍ୟମରେ ସଂଯୁକ୍ତ ହୋଇ ଦେଶବାସୀଙ୍କୁ ସମ୍ବୋଧିତ ବିକଶିତ ଭାରତକୁ ବିଶ୍ୱ ଦରବାରରେ ତୃତୀୟ ଅର୍ଥନୀତି ରାଷ୍ଟ୍ର ଭାବରେ ଗଢ଼ି ତୋଳିବା ପାଇଁ ଜନ ସାଧାରଣଙ୍କୁ ପ୍ରେରଣା ପ୍ରଦାନ କରିଥିଲେ।

## ସ୍ଥାନୀୟ ବିକାଶକୁ ଗତି ଦେବା ଲକ୍ଷ୍ୟରେ ଗଡକୁଜଙ୍ଗରେ ନୂତନ ସମୁଦାୟ କେନ୍ଦ୍ର ଉଦ୍‌ଘାଟିତ




ପାରାଦୀପ, ୦୭/୧୦ (ନି.ପ୍ର): ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ସଭାପତି ଶ୍ରୀ ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଢ଼ିଙ୍କିଆ, ନୂଆଗାଁ ଓ ଗଡକୁଜଙ୍ଗ ଗ୍ରାମ ପଞ୍ଚାୟତ ଅଞ୍ଚଳର ସାମାଜିକ-ଆର୍ଥିକ ସ୍ଥିତି ଓ ଜୀବନଧାରଣର ମାନବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଗଡକୁଜଙ୍ଗରେ ଏକ ନୂତନ ସମୁଦାୟ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ସମୁଦାୟ ସହ ବ୍ୟାପକ ଆଲୋଚନା ଓ ପରାମର୍ଶ ମାଧ୍ୟମରେ ଚିହ୍ନଟ ହୋଇଥିବା ଗ୍ରାମ ବିକାଶର ପ୍ରାଥମିକତାକୁ ଆଧାର କରି ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଓ ଜେଏସଡବ୍ଲ୍ୟୁ ଫାଉଣ୍ଡେସନର ସହଯୋଗରେ ଏହି ଅତ୍ୟାଧୁନିକ ସମୁଦାୟ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଦୀର୍ଘଦିନ ଧରି ଗଡକୁଜଙ୍ଗବାସୀଙ୍କ ପାଇଁ ସାମୂହିକ ଭାବେ ଏକାଠି ହେବା ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଏକ ସ୍ୱତନ୍ତ୍ର ସାଧାରଣ ସ୍ଥାନର ଅଭାବ ରହିଥିଲା। ନୂତନ ସମୁଦାୟ କେନ୍ଦ୍ର ଏହି ଦୀର୍ଘଦିନର ଆବଶ୍ୟକତାକୁ ପୂରଣ କରିବା ସହ ଗ୍ରାମବାସୀଙ୍କ ପାଇଁ ବୈଠକ, ସାଂସ୍କୃତିକ କାର୍ଯ୍ୟକ୍ରମ, ସାମାଜିକ ଉତ୍ସବ ଓ ବିଭିନ୍ନ ସାମୂହିକ ଆୟୋଜନ ପାଇଁ ଏକ ସୁବିଧାଜନକ ଓ କେନ୍ଦ୍ରୀୟ ସ୍ଥାନ ଭାବେ କାର୍ଯ୍ୟ କରିବ। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍, ପାରାଦୀପର ଉପସଭାପତି ଶ୍ରୀ ମନୋଜ ସିଂହ, ଜେଏସଡବ୍ଲ୍ୟୁ ଫାଉଣ୍ଡେସନର ସିଓଓ ଶ୍ରୀ ରିତେଶ ସିହ୍ନା, ଜନସମ୍ପର୍କ ବିଭାଗର ଏଭିପି ଶ୍ରୀ ସମରେନ୍ଦୁ ପଟ୍ଟନାୟକ, ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ଓଡ଼ିଶାର ଜିଏମ ଶ୍ରୀ ପ୍ରଶାନ୍ତ ବିଶ୍ୱାଳ ଏବଂ ସିଏସଆର ହେଡ୍ ଶ୍ରୀ ଅଭିଜିତ ମହାନ୍ତିଙ୍କ ସମେତ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଓ ଜେଏସଡବ୍ଲ୍ୟୁ ଫାଉଣ୍ଡେସନର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଗଡକୁଜଙ୍ଗ ପକ୍ଷରୁ ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ କବିତା ଦାସ, କୁଞ୍ଜବିହାରୀ ମନ୍ଦିର ଟ୍ରଷ୍ଟର ପରିଚାଳକ ଶ୍ରୀ ରାଜେନ୍ଦ୍ର ବେହେରାଙ୍କ ସମେତ ସମୁଦାୟ ନେତୃବୃନ୍ଦ ଶ୍ରୀ ଯଦୁନାଥ ଖଟୁଆ, ଶ୍ରୀ ପ୍ରଶାନ୍ତ ଦାସ ଓ ଶ୍ରୀ ନଳିନୀକାନ୍ତ ବେହେରା ଏବଂ ଅନ୍ୟାନ୍ୟ ସ୍ଥାନୀୟ ପ୍ରତିନିଧି ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସ୍ଥାନୀୟ ସମୁଦାୟ ଏହି ପଦକ୍ଷେପକୁ ଉଷ୍ମ ସ୍ୱାଗତ କରିବା ସହ ଦୀର୍ଘଦିନର ଆବଶ୍ୟକତା ପୂରଣ କରିବା ପାଇଁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଓ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରିଥିଲେ। ନୂତନ ସମୁଦାୟ କେନ୍ଦ୍ରଟି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅଧିକ ସାମାଜିକ ସମ୍ପର୍କ ଓ ସମନ୍ୱୟ ସୃଷ୍ଟି କରିବା ସହ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଆୟୋଜନର ଏକ ପ୍ରମୁଖ କେନ୍ଦ୍ର ଭାବେ ବିକଶିତ ହେବ ବୋଲି ଆଶା କରାଯାଉଛି। ସ୍ଥାନୀୟ ସମୁଦାୟର ସାମଗ୍ରିକ ବିକାଶ ଓ କଲ୍ୟାଣ ପ୍ରତି ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଓ ଔଜଡ ଫାଉଣ୍ଡେସନର ଏହି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିବା ସହ ଏହାକୁ ସମୁଦାୟ ବିକାଶ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ଭାବେ ଅଭିହିତ କରିଛନ୍ତି।

## ଭଦ୍ରକ କାଳୀପୂଜା ପାଇଁ ପ୍ରଚାର ସମିତିର ଆଲୋଚନା ଚକ୍ର




ଭଦ୍ରକ, ୦୭/୧୦ (ନି.ପ୍ର): ଭଦ୍ରକର ପ୍ରସିଦ୍ଧ ମା କାଳୀପୂଜା ନିମନ୍ତେ ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଏକ ଆଲୋଚନା ଚକ୍ର ଭଦ୍ରକସ୍ଥ ଶ୍ରୀ ବାଲଗୋପାଳ ମନ୍ଦିର ପରିସରରେ ପ୍ରଚାର ସମିତିର ମୁଖ୍ୟ ପରିଚାଳକ ପ: ଭାଗୀରଥି ନନ୍ଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଯେହେତୁ ଶାକ୍ତ ମାନଙ୍କ ମତରେ ଶ୍ରୀ ଜଗନ୍ନାଥ ଦକ୍ଷିଣ କାଳିକା ବୋଲି ସ୍କନ୍ଦ ପୁରାଣରେ ବର୍ଣ୍ଣିତ ହୋଇଅଛି ପ୍ରତି ବର୍ଷ ପରି ଚଳିତ ବର୍ଷ ୫ ଦିନ ବ୍ୟାପି ଭଦ୍ରକ ଚରମ୍ପା ରେଲୱେ ପ୍ଲାଟଫର୍ମ ନିକଟସ୍ଥ ଏକ ଅସ୍ଥାୟୀ ଶ୍ରୀ ଜଗନ୍ନାଥ ମଣ୍ଡପରେ ପ୍ରତ୍ୟେହ ଦିବା ୧୦ ଘଟିକାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ଭାଗବତ, ଗୀତା ପଠନ, ସଂକୀର୍ତ୍ତନ ମଣ୍ଡଳୀଙ୍କୁ ନେଇ ଦିବ୍ୟଚେତନା ଅଭିଯାନ, ଭଦ୍ରକ ଜିଲ୍ଲାସ୍ଥ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିନିଧିଙ୍କୁ ନେଇ ଭାବବିନିମୟ କାର୍ଯ୍ୟକ୍ରମ, ପ୍ରବଚକ ମଣ୍ଡଳୀଙ୍କୁ ନେଇ ଭକ୍ତି ଚେତନା ମଞ୍ଚ, ସଂଧ୍ୟାରେ ଆଧ୍ୟାତ୍ମିକ ସଭା ଓ ଆଗ୍ରହୀ ଶିଶୁ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଛନ୍ଦାରେ ବନ୍ଧାରେ ସେ ଜଗବନ୍ଧୁ ଆଦି କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିଲା। ଏହି ଆଲୋଚନା ଚକ୍ର ପ୍ରାରମ୍ଭରେ ସମିତିର ମୁଖ୍ୟ ଆବାହକ ସେବକ ଶ୍ରୀ ଶରତ କୁମାର ସାହୁ ଶ୍ରୀ ଜଗନ୍ନାଥ ସ୍ତୁତିପାଠ ପୂର୍ବକ ପୂର୍ବବର୍ଷ ମାନଙ୍କର ଆୟ ବ୍ୟୟ ଉପସ୍ଥାପନା କରିଥିଲେ। ଏଥିରେ ସର୍ବଶ୍ରୀ ସନେଇ ଶିଅଳ, କାଶୀନାଥ ପଣ୍ଡା, ଗୋପବନ୍ଧୁ ମିଶ୍ର, ଲକ୍ଷ୍ମୀଧର ଖଟୁଆ, ପ୍ରଶାନ୍ତ କୁମାର ଦେ, ସୁନନ୍ଦ ସିଂହ, ସୁବାସ ଚନ୍ଦ୍ର ବଳ, ପ୍ରଭାସ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ।

## ଗୋରୁ ଗାଡି ଜବଦ

ବସ୍ତା, ୦୭/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥ ର ଗୁଡିଖାଳ ନିକଟରୁ ଗୋରୁ ଭର୍ତ୍ତି ଟ୍ରଲର ଜବତ, ୫୦ ରୁ ଉର୍ଦ୍ଧ୍ୱ ଗୋରୁ ଜବତ, ଦୁଇ ଡ୍ରାଇଭର ଅଟକ୍କୁ ଅଟକ କଲା ବସ୍ତା ପୋଲିସ. ଅନୁଗୁଳ ରୁ କଲିକତା ଯାଉଥିବା ସୂଚନା। ସୂଚନା ଅନୁସାରେ ଆଜିସକାଳ ଦଶଟା ସମୟରେ ଏକ ଟ୍ରଲର ଗାଡି ( HR ୫୮ ର ୦୯୮୬) ଦ୍ରୁତ ଗତି ରେ ଯାଉଥିବା ଖବର ପାଇ ପୋଲିସ ଉକ୍ତ ଗାଡି କୁ ଅଟକ କରିବାକୁ ଚେଷ୍ଟା କରିଥିଲା। ତେବେ ଡ୍ରାଇଭର ପୋଲିସ ଗାଡି କୁ ଚକମା ଦେଇ ଖସି ଯିବାକୁ ଚେଷ୍ଟା କରୁଥିବା ବେଳେ ଅଳ୍ପକେ ବର୍ତ୍ତୀ ଯାଇଥିଲେ ପୋଲିସ ଟିମ, ଶେଷରେ ପୋଲିସ ଗାଡିକୁ ଜବତ କରି ଗୋଶାଳା କୁ ପଠାଇବା ସହିତ ଦୁଇ ଜଣ ଡ୍ରାଇଭର କୁ ଅଟକ ରଖି ତଦନ୍ତ ଜାରି ରଖିଛି।

## ସଶସ୍ତ୍ର ଶିକାରୀ ଗିରଫ: ଦୁଇମୃତ ଗୁରାଣ୍ଡି ସହିତ ଦେଶୀ ବନ୍ଧୁକ ଜବତ

ନୀଳଗିରି, ୦୭/୧୦ (ନି.ପ୍ର): କୁଳଡିହା ବିଟ୍-୧ ଅଧୀନରେ କାର୍ଯ୍ୟରତ ବନକର୍ମଚାରୀ ମଙ୍ଗଳବାର ରାତି ପ୍ରାୟ ୧୧.୩୦ସମୟରେ ସାତଘାଟି ଡ୍ୟାମ ଦିଗରେ ଏକ ବନ୍ଧୁକଫୁଟିବା ଶବ୍ଦଶୁଣି ତେଣ୍ଡା ବିଟ କୁ ଖବର ଦେଇଥିଲେ। ଯେତେବେଳେକି ଶିକାରୀମାନେ ତେଣ୍ଡାଗ୍ରାମକୁ ଆସୁଥିବାର ଜାଣି କୁଳଡିହା ଭାରପ୍ରାପ୍ତ ରେଞ୍ଜ ଅଧିକାରୀ ଏବଂ ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ଏବଂ ଉଭୟବିଟର କର୍ମଚାରୀ ସାତଘାଟି ଡ୍ୟାମ ପିଛାଲ ନିକଟରେ ଶିକାରୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ରାତି ୩.୩୦ସମୟରେ ପେଟ୍ରୋଲିଂ ଟିମ ସନ୍ଦିଗ୍ଧ ଶିକାରୀଙ୍କ ଟର୍ଚ୍ଚଲାଇଟ୍ ଦେଖିବାକୁ ପାଇଥିଲେ ଏବଂ ଘଟଣାସ୍ଥଳରେ ଶିକାରୀଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। ତନ୍ମଧ୍ୟରୁ ତେଣ୍ଡାଗ୍ରାମର ପୂର୍ଣ୍ଣଚନ୍ଦ୍ର ସିଂ(୩୩) କୁ କାବୁ କରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ଶିକାରୀମାନେ ଅନ୍ଧାରରେ ଖସିଯିବାରେ ସଫଳ ହୋଇଥିଲେ। ଗିରଫ ଶିକାରୀ ପୂର୍ଣ୍ଣଚନ୍ଦ୍ରଙ୍କ ନିକଟରୁ ଦୁଇଟି ମୃତ ଗୁରାଣ୍ଡି ସହିତ ଗୋଟିଏ ଦେଶୀବନ୍ଧୁକ ଜବତ କରିଥିଲେ। ପରେ ଗିରଫ ଅଭିଯୁକ୍ତ ଶିକାରୀଙ୍କୁ ବନ୍ଧୁକ ଏବଂ ମୃତ ଗୁରାଣ୍ଡି ଗୁଡିକୁ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ନୀଳଗିରି ସ୍ଥିତ କୁଳଡିହା କାର୍ଯ୍ୟାଳୟକୁ ଅଣାଯାଇ ମାନ୍ୟବର ନୀଳଗିରି ଉପଖଣ୍ଡ ଏସଡିଜେଏମଙ୍କ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ କୁଳଡ଼ିହା ଭାରାପ୍ରାପ୍ତ ରେଞ୍ଜ ଅଧିକାରୀ ସୌମ୍ୟରଞ୍ଜନ ମାଝୀ ,ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ହୃଷୀକେଶ ପ୍ରଧାନ, ଫରେଷ୍ଟଗାର୍ଡ ଶଶାଙ୍କ ଶେଖର ଜେନା, ରାକେଶ କୁମାର ବାରିକ, ଆଣ୍ଟି ପୋଚିଂ ସ୍କ୍ୱାର୍ଡ ର ସୁବାସ ସିଂ ସାମିଲଥିଲେ।

## ସରକାରୀ ଲାଇସେନ୍ସପ୍ରାପ୍ତ ମଦଦୋକାନରୁ ବେଆଇନ ମଦ ଚୋରାଚାଲଣ : ମଦ ସହ ୨ ଅଟକ




ନୀଳଗିରି, ୦୭/୧୦ (ନି.ପ୍ର): ସରକାରୀ ଲାଇସେନ୍ସପ୍ରାପ୍ତ ଠିପିବନ୍ଦ ମଦଦୋକାନରୁ ବେଆଇନମଦ ଚୋରାଚାଲଣ ବେଳେ ଧରିଲେ ଗ୍ରାମବାସୀ। ଲାଇସେନ୍ସପ୍ରାପ୍ତ ଦୋକାନ ଆଢୁଆଳରେ ଚୋରା ଚାଲାଣ ହେଉଥିବା ଅଭିଯୋଗ।ତେବେ ଏହାଉପରେ ଅବକାରୀ ବିଭାଗର ନଜର କେତେଦୂର ରହିଛି, ତାକୁନେଇ ଉଠିଛି ପ୍ରଶ୍ନ। ନୀଳଗିରି ସଜନାଗଡ଼ ମଦ କାଉଣ୍ଟର ରେ ଆଜି ଏକ ମଟରସାଇକେଲ ଯୋଗେ ୨ବସ୍ତାମଦ ଅନ୍ୟତ୍ର କ୍ଷୁଦ୍ର ବ୍ୟବସାୟୀଙ୍କୁ ଚୋରାଚାଲାଣ ହେଉଥିବାବେଳେ ନିକଟ ଗ୍ରାମବାସୀ ଗାଡିକୁଧରି ନୀଳଗିରି ପୋଲିସକୁ ଅବଗତ କରିଥିଲେ କ୍ଷନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ବସ୍ତାମଦ ଜବତ କରିବା ସହ ୨ ଜଣକୁ ଅଟକରଖି ପଚରାଉଚୁରା ଜାରି ରଖିଛି।

## ଛାତ୍ର ନିର୍ବାଚନକୁ ନେଇ ଚଳଚଞ୍ଚଳ ହେଇଛି ନୀଳମଣି ମହାବିଦ୍ୟାଳୟ




ବସ୍ତା, ୦୭/୧୦ (ନି.ପ୍ର): ଦୀର୍ଘ ୮ ବର୍ଷ ପରେ ବର୍ତ୍ତମାନ ର ରାଜ୍ୟ ସରକାର କଲେଜ ନିର୍ବାଚନ ତାରିଖ ଘୋଷଣା କରିବା ପରେ ବିଭିନ୍ନ କଲେଜ ରେ ଛାତ୍ର ଛାତ୍ରୀ ଙ୍କ ମଧ୍ୟ ରେ ଉତ୍ସାହ ଦେଖିବାକୁ ମିଳୁଛି। ସେହି ପରିପ୍ରେକ୍ଷୀରେ ସଦର ବ୍ଲକ ରୂପସା ଥାନା ଅର୍ନ୍ତଗତ ନୀଳମଣି ମହାବିଦ୍ୟାଳୟ ରୂପସା ରେ ନିର୍ବାଚନ କୁ ନେଇ ଉତ୍କଣ୍ଠା ପରିଲକ୍ଷିତ ହୋଇଛି। ଚଳିତ ବର୍ଷ ତିନୋଟି ଦଳ ବିଜୁ ଛାତ୍ର ଜନତା ଦଳ, ଏନ୍ ଏସ ୟୁ ଆଇ , ଏଭିବିପି ସହ ତ୍ରିମୁଖି ଲଢେଇ ହେବା ର ସମ୍ଭାବନା ରହିଅଛି । ଚଳିତ ବର୍ଷ ୧୪ ଟି ପୋଷ୍ଟ ରେ ନିର୍ବାଚନ ଲଢ଼ିବେ ଛାତ୍ର ଛାତ୍ରୀ। ନୀଳମଣି ମହାବିଦ୍ୟାଳୟ ରେ +୩ ରେ ଅଧ୍ୟୟନ ୭୪୦ ଛାତ୍ର ଛାତ୍ରୀ ବାଛିବେ ତାଙ୍କର ଛାତ୍ର ନେତା । ନିର୍ବାଚନ କୁ ନେଇ କଲେଜ କ୍ୟାମ୍ପସ ଓ ତାର ଆଖ ପାଖ ଅଞ୍ଚଳ ରେ ବେଶ ଗହଳି ଦେଖିବାକୁ ମିଳୁଛି । ପାର୍ଥୀ ମାନେ ତାଙ୍କ ସପକ୍ଷ ରେ ମତଦାନ ପାଇଁ ବିଭିନ୍ନ ପ୍ରକାର ର ଉପାୟ ଅବଲମ୍ବନ କରୁଥିବା ଦେଖିବାକୁ ମିଳୁଛି। ଛାତ୍ର ସଂସଦ ନିର୍ବାଚନ କେବଳ ନେତା ବାଛିବାର ପକ୍ରୀୟା ନୁହେଁ , ଏହା ଆମକୁ ଗଣତନ୍ତ୍ରିକ ଓ ଦାୟିତ୍ୱ ସମ୍ପର୍କରେ ଶିକ୍ଷା ଦେଇଥାଏ ଓ ଦୀର୍ଘ ଦିନ ପରେ ଭୋଟ ଦେବାର ସୁଯୋଗ ମିଳିଥିବାରୁ ଆମେ ଯୋଗ୍ୟ ସଚ୍ଚୋଟ ଛାତ୍ର ଛାତ୍ରୀ ଙ୍କୁ ସୁରକ୍ଷା ଦେଉଥିବା ପାର୍ଥିକୁ ବାଛିବୁ ବୋଲି ଛାତ୍ର ଛାତ୍ରୀ ମତ ପ୍ରକାଶ କରିଛନ୍ତି ।

## ପୂଜା ପେଣ୍ଡାଲରେ ସିସିଟିଭି ଲଗାଇବାକୁ ଡିସିପିଙ୍କ ପରାମର୍ଶ

ଭୁବନେଶ୍ୱର, ୦୭/୧୦ (ନି.ପ୍ର): ପୂଜା ପେଣ୍ଡାଲ ଗୁଡିକରେ ସିସିଟିଭି ଲଗାଇବାକୁ ଭୁବନେଶ୍ୱର ଡିସିପି ଭୁବନେଶ୍ୱର ଡିସିପି ସର୍ବଣା ବିବେକ ଏମ୍ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଭୁବନେଶ୍ୱରରେ ୧୯୫ଟି ପେଣ୍ଡାଲକୁ ୩ଟି କ୍ୟାଟେଗୋରୀରେ ଭାଗ କରିଛୁ। ଗହଳିକୁ ଦେଖି କ୍ୟାଟେଗୋରୀ ଏ,ବି ଓ ସି ୩ଟି ବର୍ଗରେ ଭାଗ କରିଛୁ।

## କ୍ରୀଡ଼ା ପରେ କଳା ଓ ପ୍ରତିଭାର ମଞ୍ଚ 'ମହକ'ରେ ଝଲସିଲେ ଶିଶୁ

### 'ଉତ୍ସାହ' ଓ 'ମହକ'ର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ

### ୧ମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ନେବେ ଭାଗ




ବାରିପଦା, ୦୭/୧୦ (ନି.ପ୍ର): ବାରିପଦାସ୍ଥିତ ସହିଦ ସ୍ମୃତି ଭବନଠାରେ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ 'ମହକ' ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ୮ଟି ଶିଶୁ ଯତ୍ନ ଅନୁଷ୍ଠାନର ୨୦୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ଏଥିରେ ଅଂଶଗ୍ରହଣ କରି ବିଭିନ୍ନ ସାଂସ୍କୃତିକ ଓ ପ୍ରତିଭାଭିତ୍ତିକ ପ୍ରତିଯୋଗିତାରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ସଂଯୁକ୍ତା ମହାରଣା ଏବଂ ଶିଶୁ ମଙ୍ଗଳ ସମିତିର ଅଧକ୍ଷା ଭାସ୍ୱତୀ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀ ଶିଶୁମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ଓ ପରିପ୍ରକାଶ ସହ ସେମାନଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ସୁଯୋଗ ପ୍ରଦାନ କରିବା 'ମହକ' ଆୟୋଜନର ପ୍ରମୁଖ ଉଦ୍ଦେଶ୍ୟ । 'ଉତ୍ସାହ' ଅଧୀନରେ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିବାବେଳେ, 'ମହକ' ଅଧୀନରେ ସାଂସ୍କୃତିକ ଓ ବୌଦ୍ଧିକ ପ୍ରତିଭାକୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ଏଥିରେ ଗୀତ, ସାମୂହିକ ନୃତ୍ୟ, ଚିତ୍ରାଙ୍କନ, ବକ୍ତୃତା, ସାଧାରଣ ଜ୍ଞାନ ଓ ପ୍ରତିଭା ଅନ୍ୱେଷଣ ଆଦି ପ୍ରତିଯୋଗିତା ସାମିଲ ଥିଲା । କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ ଗୋଛାୟତ, ଜିଲ୍ଲା ନିଯୁକ୍ତି ଅଧିକାରୀ ଆଶିଷ କୁମାର ବସନ୍ତିଆ ଏବଂ ଶିଶୁ ମଙ୍ଗଳ ସମିତିର ସଦସ୍ୟ ସୁରଥ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ଅତିଥିମାନେ ଶିଶୁମାନଙ୍କୁ ଉତ୍ସାହିତ କରିବା ସହ 'ଉତ୍ସାହ' ଓ 'ମହକ' ଅଧୀନରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ । ଜିଲ୍ଲା ସ୍ତରରେ 'ଉତ୍ସାହ' ଓ 'ମହକ'ର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱର ସହ ପ୍ରଥମ ସ୍ଥାନ ଅର୍ଜନ କରିଥିବା ପ୍ରତିଯୋଗୀମାନେ ରାଜ୍ୟ ସ୍ତରୀୟ 'ଉତ୍ସାହ' ଓ 'ମହକ' ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକର କର୍ମକର୍ତ୍ତା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମକର୍ତ୍ତା ଏବଂ ଚାଇଲ୍ଡ ଲାଇନ୍‌ର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ । ଶେଷରେ ସୁରକ୍ଷା ଅଧିକାରୀ, ଆନୁଷ୍ଠାନିକ ସେବା ମଧୁସୂଦନ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିକଶିତ ଭାରତ ସଙ୍କଳ୍ପ ସଭା' ଅନୁଷ୍ଠିତ




ଭଦ୍ରକ, ୦୭/୧୦ (ନି.ପ୍ର): ସେବା ସଙ୍କଳ୍ପ ଅଭିଯାନ' ଅର୍ନ୍ତଗତ ଭଦ୍ରକର ନୂଆ ବସ୍ ଷ୍ଟାଣ୍ଡରୁ ଐତିହାସିକ ଗାନ୍ଧୀ ପଡ଼ିଆ ପର୍ଯ୍ୟନ୍ତ ଆୟୋଜିତ 'ସେବା ଜ୍ୟୋତି ଯାତ୍ରା ଓ ବିକଶିତ ଭାରତ ସଙ୍କଳ୍ପ ସଭା' ଅନୁଷ୍ଠିତ ହୋଇଯାଇଛି, ଏହି ଅବସର ରେ ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ, ମାନ୍ୟବର ସାଂସଦ ଶ୍ରୀ ଅଭିମନ୍ୟୁ ସେଠୀଓ ଜିଲ୍ଲା ସଭାପତି ଶ୍ରୀ ଭଗବାନ ପଣ୍ଡା ଙ୍କ ସହ ଭଦ୍ରକ ବିଧାୟକ ସିତାସୁଂ ଶେଖର ମହାପାତ୍ର ଉପସ୍ଥିତ ରହି ଏହା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ୨୫ ବର୍ଷର ସାର୍ବଜନୀନ ଜୀବନ ଦେଶର ବିକାଶ ଓ ଜନସେବା ପ୍ରତି ଅଟଳ ସଙ୍କଳ୍ପର ଗୌରବମୟ ଯାତ୍ରା ବୋଲି କହିଥିଲେ, ତାଙ୍କ ନେତୃତ୍ୱରେ ଯୁବଶକ୍ତି, ନାରୀ, କୃଷକ ଓ ଦେଶର ବିକାଶକୁ ମିଳିଛି ନୂଆ ଗତି ଓ ନୂଆ ଦିଗ ବୋଲି ମାନ୍ୟବର ବିଧାୟକ କହିଥିଲେ।




❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida